# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୧୩/୨୦୨୨ (୧୪ ପୃଷ୍ଠା) | Sambalpur, Thursday, October 13/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 295 | ମୂଲ୍ୟ ₹୭/-




**କମଳପ୍ରୀତ ବାସନ୍ଦ**

ନିଷିଦ୍ଧ ଶକ୍ତିବର୍ଦ୍ଧକ ପଦାର୍ଥ ସେବନ ଅଭିଯୋଗରେ ଭାରତର ତାରକା ମହିଳା ଡିସ୍‌କସ୍ ଥ୍ରୋୟର କମଳପ୍ରୀତ କୌର ୩ ବର୍ଷ ବାସନ୍ଦ ହୋଇଛନ୍ତି। ୧୪

୦୮ **ଲୋକେ ମୋତେ ବିଶ୍ୱାସ କରୁନାହାନ୍ତି**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଡିପ୍ରେଶନ୍‌ରେ ଆକ୍ରାନ୍ତ ହେବା କଥାକୁ ଲୋକେ ବିଶ୍ୱାସ କରୁ ନ ଥିବା ସେ କହିଛନ୍ତି।






ଏନ୍‌ଇଟି ପରୀକ୍ଷା ପରିଚାଳନାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ଦାୟିତ୍ୱହୀନତା ପ୍ରତିବାଦରେ ବୁଧବାର ଛାତ୍ରୀଛାତ୍ରମାନେ ଏହାର ଦିଲ୍ଲୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଶିଳ୍ପ ଥାଇ ନିଯୁକ୍ତି ଆଶାୟୀ ନିରାଶ

- ପଞ୍ଜୀକରଣରେ ସୀମିତ ଜିଲା କର୍ମ ନିୟୋଜନ ସଂସ୍ଥା
- ହ୍ରାସ ପାଉଛି ନବୀକରଣ

**ଯାଜପୁର ଅଫିସ/ଅନୁଗୋଳ ଅଫିସ/ରାୟଗଡ଼ା ଅଫିସ୍,୧୨।୧୦**

ଖଣିଜ ସମ୍ପଦରେ ଭରପୂର ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନେ ଆଗ୍ରହ ଦେଖାଇ ଆସୁଛନ୍ତି। ସରକାର ସେମାନଙ୍କୁ ଜମି, ପାଣି, ଖଣି ସମେତ ସମସ୍ତ ସୁବିଧା ସୁଯୋଗ ଅତି ସହଜରେ ଉପଲବ୍ଧ କରାଉଛନ୍ତି। ସରକାରଙ୍କ ବଡ଼ ଆଶା ଓଡ଼ିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ, ଅର୍ଥନୈତିକ ବିକାଶ ଘଟିବ। ହେଲେ ଶିଳ୍ପ ସଂଖ୍ୟା ବୃଦ୍ଧି ପାଉଥିଲେ ବି ନିଯୁକ୍ତି ତଦନୁଯାୟୀ ହୋଇପାରୁନାହିଁ। ଶିକ୍ଷିତ ଯୁବତୀଯୁବକମାନେ ମଧ୍ୟ ନିଯୁକ୍ତି ଆଶା ବି ହରାଇ ଦେଉଛନ୍ତି, ଯାହାକି ବିଭିନ୍ନ ଜିଲାର କର୍ମ ନିୟୋଜନ ସଂସ୍ଥାର ତଥ୍ୟରୁ ସ୍ପଷ୍ଟ ହେଉଛି। ଯାଜପୁର ଜିଲାର ତଥ୍ୟ ଅନୁଯାୟୀ, ୨୦୧୪ରେ ୪୦,୨୭୨ ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ନିମନ୍ତେ ସେମାନଙ୍କ ନାମ ପଞ୍ଜୀକରଣକୁ ନବୀକରଣ କରିଥିଲେ। ୨୦୨୧ରେ ଉକ୍ତ ସଂଖ୍ୟା ୨୦,୪୪୧ରେ ପହଞ୍ଚିଛି। ଅର୍ଥାତ୍ ଏହି ୮ ବର୍ଷ ମଧ୍ୟରେ ନବୀକରଣ ପ୍ରାୟ ୫୦%କୁ ହ୍ରାସ ହୋଇଛି। ଅନ୍ୟପକ୍ଷରେ ୨୦୧୪ ସୁଦ୍ଧା ଯାଜପୁର ଜିଲାରେ ୧୨ ବୃହତ୍ ଷ୍ଟିଲ ଏବଂ କ୍ରୋମ୍ ଶିଳ୍ପ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ଆଉ ୬ଟି ସିମେଣ୍ଟ କାରଖାନା, ଗୋଟିଏ ଟ୍ୟୁବ୍ କାରଖାନା ପ୍ରତିଷ୍ଠା ହୋଇଛି। ଜିଲାର କଳିଙ୍ଗନଗର ଏବଂ ଜାରକା ଶିଳ୍ପାଞ୍ଚଳରେ ପ୍ରାୟ ୧୦ଟି ଲୁହାପଥର ପ୍ୟୁରିଫିକେଶନ, ପିତୁ ଆଦି ଛୋଟ ଶିଳ୍ପ ଗଢ଼ିଉଠିଛି। କିନ୍ତୁ କର୍ମ ନିୟୋଜନ ସଂସ୍ଥା ଜରିଆରେ ଜିଲାର କୌଣସି କାରଖାନାରେ ଏଯାଏ ଜଣଙ୍କୁ ବି ନିଯୁକ୍ତି ମିଳିପାରିନାହିଁ। ଅନ୍ୟତମ ଶିଳ୍ପବହୁଳ ଜିଲା ଅନୁଗୋଳରେ କର୍ମ ନିୟୋଜନ ସଂସ୍ଥା ଜରିଆରେ ଶିଳ୍ପରେ ନିଯୁକ୍ତି ମିଳିପାରିନାହିଁ। ଏ କ୍ଷେତ୍ରରେ ରାୟଗଡ଼ା ଜିଲାରେ ସାମାନ୍ୟ ଭିନ୍ନ ସ୍ଥିତି ରହିଛି। ସେଠାକାର କର୍ମ ନିୟୋଜନ ସଂସ୍ଥା ଦ୍ୱାରା ଆୟୋଜିତ ନିଯୁକ୍ତି ମେଳା ଜରିଆରେ ଚଳିତବର୍ଷ ୫୦ଜଣଙ୍କୁ କେତେକ ଶିଳ୍ପରେ ନିଯୁକ୍ତି ମିଳିଥିବା ଜଣାପଡ଼ିଛି।

ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେଶନ ଅଫ୍ ଭାକାନ୍ସି ଆକ୍ଟ ୧୯୫୯ ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତି ବ୍ୟବସ୍ଥାକୁ ଉଦ୍ଦେଶ୍ୟମୂଳକ ଭାବେ ଶିଳ୍ପ ସଂସ୍ଥାଗୁଡ଼ିକ ଉଲ୍ଲଂଘନ କରି ଚାଲିଛନ୍ତି। ଏହାପଛରେ ରାଜନୀତି ଏବଂ ରାଜ୍ୟ ପ୍ରଶାସନରେ ଶିଳ୍ପପତିମାନଙ୍କ ଅଖଣ୍ଡ ପ୍ରଭାବ ରହିଛି ବୋଲି ଯାଜପୁରର ବୈଷୟିକ ଡିଗ୍ରୀଧାରୀ ଦେବାଶିଷ ରାଉତ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଡିଗ୍ରୀଧାରୀ ଆଲୋକ ରାଉତ, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ କୁହନ୍ତି, ଜିଲାର କାରଖାନାଗୁଡ଼ିକରେ ନିଯୁକ୍ତି ଆଶା ରଖି ବୈଷୟିକ ଶିକ୍ଷା ଗ୍ରହଣ କରିଛୁ। କିନ୍ତୁ ନିଯୁକ୍ତି ମିଳୁ ନ ଥିବାରୁ ବେକାର ଜୀବନ କାଟୁଛୁ। ଜଣେ ଓଡ଼ିଆ ପିଲା ରାଜ୍ୟ ବାହାରର ପରିଚୟ ଏବଂ ଅନୁଭୂତି ହାତେଇଲା ପରେ ଏଠାରେ ନିଯୁକ୍ତି ମିଳୁଛି ବୋଲି ସେମାନେ କହିଛନ୍ତି। ତଥ୍ୟ ଅନୁଯାୟୀ ବର୍ତ୍ତମାନ ଯାଜପୁରରେ ୧୬,୦୪୦ ଯୁବକ ଏବଂ ୩,୨୨୫ ଯୁବତୀଙ୍କୁ ମିଶାଇ ସମୁଦାୟ ୧୯,୨୬୫ ଜଣଙ୍କ ପଞ୍ଜୀକରଣ ବୈଧ ରହିଛି। ଏମାନଙ୍କୁ ଶିଳ୍ପସଂସ୍ଥାଗୁଡ଼ିକ ଉପେକ୍ଷା କରି ଚାଲିଛନ୍ତି। ଯେଉଁ କେତେଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା କୁହାଯାଉଛି, ସେଥିରୁ ପ୍ରାୟ ଅସ୍ଥାୟୀ ଓ ଠିକା ନିଯୁକ୍ତି, ଦିନମଜୁରିଆ ବର୍ଗର। ଜିଲା ପ୍ରଶାସନରୁ ମିଳିଥିବା ରିପୋର୍ଟ ଅନୁସାରେ ୨୦୨୦ ମେ ସୁଦ୍ଧା କଳିଙ୍ଗନଗର ଶିଳ୍ପାଞ୍ଚଳର ୧୪ କାରଖାନାରେ ଅଦ୍ୟାବଧି ୮,୭୩୩ ଜଣ ନିୟମିତ ନିଯୁକ୍ତି ପାଇଛନ୍ତି। ସେଥିରୁ ଓଡ଼ିଶାର ୬,୦୭୧ ଜଣ ରହିଥିବାବେଳେ ରାଜ୍ୟ ବାହାରର ୨,୬୬୨ ଜଣ ରହିଛନ୍ତି। ସେଥିମଧ୍ୟରେ ବଡ଼ ପଦବୀରେ ପ୍ରାୟତଃ ରାଜ୍ୟ ବାହାରର ଲୋକଙ୍କୁ ନିଯୁକ୍ତି ମିଳୁଛି। ଅନ୍ୟପକ୍ଷରେ ୨୩,୭୮୭ ଜଣ ଠିକା ଶ୍ରମିକଙ୍କୁ ନିଯୁକ୍ତି ମିଳିଥିବାବେଳେ ସେଥିରୁ ଓଡ଼ିଶାର ୨୦,୫୯୪ ଏବଂ ରାଜ୍ୟ ବାହାରର ୩,୧୯୩ ଜଣ ରହିଛନ୍ତି। ଏହି ସବୁ ନିଯୁକ୍ତି କର୍ମ ନିୟୋଜନ ସଂସ୍ଥା ଦ୍ୱାରା ହେଉ ନ ଥିବାରୁ ଶ୍ରମ ଏବଂ ଦରମାରେ ବ୍ୟାପକ ଶୋଷଣ କରାଯାଉଛି। ପ୍ରତିବାଦ କଲେ ଚାକିରିରୁ ବିଦା କରିଦିଆଯାଉଛି। ଏଭଳି ପ୍ରସଙ୍ଗରେ ନେତା, ☞ପୃଷ୍ଠା-୪

# ବିମୁଦ୍ରୀକରଣ ନିଷ୍ପତ୍ତିର ତଦନ୍ତ ହେବ

- ଲକ୍ଷ୍ମଣରେଖା ପ୍ରତି ସଚେତନ ଅଛୁ: ସୁପ୍ରିମକୋର୍ଟ
- ସତ୍ୟପାଠ ଦାଖଲ ଲାଗି କେନ୍ଦ୍ର, ଆର୍‌ବିଆଇକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୧୦**

୨୦୧୬ ନଭେମ୍ବର ୮ ତାରିଖ ରାତି ୮ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିଥିଲେ। ଦେଶରୁ କଳାଧନ ହଟିବ, ନକଲି ନୋଟ୍ କାରବାର ବନ୍ଦ ହେବ, ଆତଙ୍କବାଦ ହ୍ରାସପାଇବ ଆଦି ବଡ଼ ବଡ଼ କଥା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟ ଏସବୁକୁ ଗୁରୁତ୍ୱ ଦେଇ ଚାଲିଥିଲା। ଦେଖିବାକୁ ଗଲେ ନକଲି ଔଷଧ, କୋଚିଂ ସେଣ୍ଟର ଭଳି ନକଲି ଟଙ୍କା ଦେଶର ସବୁ ସମୟରେ ଏବଂ ସ୍ଥାନରେ ଦେଖିବାକୁ ମିଳୁଛି। ଆର୍‌ବିଆଇ ବିମୁଦ୍ରୀକରଣ ଜରିଆରେ ଏଯାବତ୍ କୌଣସି



ବେହିସାବ ଅର୍ଥର ପର୍ଦ୍ଦାଫାଶ କରିପାରି ନାହିଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଅନେକ ଅନ୍ତର୍ଜାତୀୟ ଫୋରମ୍‌ରେ ଆତଙ୍କବାଦ ☞ପୃଷ୍ଠା-୪

## ମୂଲ୍ୟବୃଦ୍ଧି କମାଇବାରେ ଆର୍‌ବିଆଇ ବିଫଳ

**ନୂଆଦିଲ୍ଲୀ,୧୨।୧୦**

**ମୁଦ୍ରାସ୍ଫୀତି ୭.୧୪%କୁ ବୃଦ୍ଧି**

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ବିଫଳ ହୋଇଛି। ସେପ୍ଟେମ୍ବରରେ ଖାଉଟି ମୂଲ୍ୟସୂଚୀ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୭.୪୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଗତ ୫ ମାସ ମଧ୍ୟରେ ସର୍ବାଧିକ। କ୍ରମାଗତ ତୃତୀୟ ତ୍ରୈମାସିକରେ ମୁଦ୍ରାସ୍ଫୀତି ସହ୍ୟ ସ୍ତର ୨-୬%ରୁ ଅଧିକ ରହିଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟ ଅନୁଯାୟୀ ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୭.୪୧%କୁ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀଗୁଡ଼ିକର ☞ପୃଷ୍ଠା-୪






# ଯନ୍ତ୍ରଣା ନିବାରକ ‘ରୋବୋଟିକ୍ ପିଲ୍’

- ଇନ୍‌ସୁଲିନ୍ ସଟ୍ସରୁ ମିଳିବ ନିସ୍ତାର

**ୱାଶିଂଟନ,୧୨।୧୦**

ମଧୁମେହ, କ୍ୟାନ୍‌ସର ଭଳି ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ପ୍ରତିଦିନ ଇଞ୍ଜେକ୍ସନ ନେବାକୁ ପଡ଼ିଥାଏ। ଅନେକ ଲୋକଙ୍କ ପକ୍ଷେ ନିୟମିତ ଇଞ୍ଜେକ୍ସନ୍ ନେବା ସହଜ କଥା ନ ହେଲେ ମଧ୍ୟ ଜୀବନ ରକ୍ଷା ପାଇଁ



ସେମାନେ ଡରରେ ଏହା କରିଥାନ୍ତି। ତେବେ ଏ ପ୍ରକାର ଯନ୍ତ୍ରଣାକୁ ଲାଘବ କରିବା ପାଇଁ ଆମେରିକାର ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ପକ୍ଷରୁ ରୋବୋଟିକ୍ ☞ପୃଷ୍ଠା-୪


**S.B.R. GOVT. (AUTO.) WOMEN'S COLLEGE, BERHAMPUR**

**ADMISSION NOTICE: 2022-23**

Offers Following Self Financing Courses for the Academic Session: 2022-23

| Courses | Duration | Eligibility |
|---|---|---|
| **BBA** (Bachelor of Business Administration in Banking & Finance) | 3 Yrs. | +2 in any discipline or equivalent. |
| **BCA** (Bachelor of Computer Application) | 3 Yrs. | +2 in any stream with Mathematics/Business Mathematics/Statistics or equivalent |
| **MPMIR** (Master of Personnel Management and Industrial Relations) | 2 Yrs. | Any Graduate |

Forms and Information Bulletins are available at College Counter for Rs.150/- or you may download the form from the College website: **"www.sbrgautowomenscollege.ac.in"** on all working days.

**Last date of apply - 31.10.2022**

**Sd./- PRINCIPAL**

**FOR DETAILS CALL: 9776459935, 9861344648**


## ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ରେଳ କର୍ମଚାରୀମାନଙ୍କୁ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଉତ୍ପାଦନ ଭିତ୍ତିକ ବୋନସ (ପିଏଲ୍‌ବି) ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଯୋଗ୍ୟ ରେଳ କର୍ମଚାରୀମାନଙ୍କୁ ୭୮ଦିନର ପାରିଶ୍ରମିକ ବୋନସ୍ ଭାବେ ପ୍ରଦାନ କରାଯିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହାଦ୍ୱାରା ୧୧.୨୭ ଲକ୍ଷ ଅଣଗେଜେଟେଡ୍ ରେଳ କର୍ମଚାରୀ ଉପକୃତ ହେବେ। ଜଣେ ଯୋଗ୍ୟ ରେଳ କର୍ମଚାରୀଙ୍କୁ ୭୮ ଦିନ ପାଇଁ ସର୍ବାଧିକ ୧୭,୯୫୧ ଟଙ୍କା ପୈଠ କରାଯିବ। ଟ୍ରାକ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀ, ଡ୍ରାଇଭର, ଗାର୍ଡ, ଷ୍ଟେଶନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲପର, କଣ୍ଟ୍ରୋଲର, ପଏଣ୍ଟସ୍‌ମ୍ୟାନ, ମିନିଷ୍ଟ୍ରିଆଲ ଷ୍ଟାଫ୍ ଏବଂ ଅନ୍ୟ ଗ୍ରୁପ୍ ‘ସି’ କର୍ମଚାରୀ ଏହି ବୋନସ ପାଇବେ।

**ଆଜିର ସମ୍ପାଦକୀୟ**

ଧନର ସ୍ୱରୂପ ଓ ଲକ୍ଷ୍ମୀ




## ମିଗ୍ ୨୯ ଦୁର୍ଘଟଣାଗ୍ରସ୍ତ

ଗୋଆ ସମୁଦ୍ର ତଟରେ ବୁଧବାର ବାୟୁସେନାର ମିଗ୍ ୨୯କେ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ହୋଇଥିବା କୁହାଯାଉଥିବାବେଳେ ପାଇଲଟ ସୁରକ୍ଷିତ ଅଛନ୍ତି। ସ୍ୱତନ୍ତ୍ର ବୋର୍ଡ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜେଟ୍ ନିଜର ନିୟମିତ ଉଡ଼ାଣ ଅଭ୍ୟାସରୁ ବେସ୍‌କୁ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ୧୦ ବର୍ଷ ପୂର୍ବେ ୧୦୦ କୋଟି ଟଙ୍କା ବିନିମୟରେ ଭାରତ ସରକାର ରୁଷିଆଠାରୁ ୪୫ଟି ମିଗ୍ ୨୯ କେ କିଣିଥିଲେ।

## ଭାରତ ଆସିବେ ଆମେରିକା ଅର୍ଥ ସଚିବ


ଜାନେଟ୍ ୟେଲେନ୍

**ୱାଶିଂଟନ,୧୨।୧୦:** ଆମେରିକା ଅର୍ଥ ସଚିବ ଜାନେଟ୍ ୟେଲେନ୍ ନଭେମ୍ବର ମାସରେ ଭାରତ ଗସ୍ତରେ ଆସିବେ। ସେ ଆମେରିକା-ଭାରତ ଅର୍ଥନୀତି ଓ ଫାଇନାନ୍ସିଆଲ ସହଭାଗିତା ବୈଠକର ନବମ ସଂସ୍କରଣରେ ଯୋଗଦେବେ। ବିଶ୍ୱ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ହେଲେ ଦୁଇ ରାଷ୍ଟ୍ର ମଧ୍ୟରେ ଦୃଢ଼ ସମ୍ପର୍କ ରକ୍ଷା ଉପରେ ଜାନେଟ୍ ଜୋର୍ ଦେଇଆସୁଛନ୍ତି। ସେ ତାଙ୍କର ଭାରତ ପ୍ରତିପକ୍ଷ ନିର୍ମଳା ସୀତାରାମନ୍‌ଙ୍କୁ ଭେଟିବା ପରେ ନୂଆଦିଲ୍ଲୀ ଗସ୍ତ ସମ୍ପର୍କରେ ଘୋଷଣା କରିଛନ୍ତି। ଜି୨୦ ବୈଠକ ପୂର୍ବରୁ ସେ ଅର୍ଥ ସଚିବ ଭାବେ ଭାରତକୁ ପ୍ରଥମ ଗସ୍ତ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଭାରତର ଅର୍ଥମନ୍ତ୍ରୀ ସୀତାରାମନ୍ ନିକଟରେ ୱାଶିଂଟନ ଡିସି ଗସ୍ତରେ ଯାଇ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କର ବାର୍ଷିକ ବୈଠକରେ ଯୋଗଦେଇଥିଲେ। ଏଥିସହିତ ସେ ଏକାଧିକ ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

# ବଳି ଦେଇ ଖାଇଥିଲେ ନରମାଂସ

**■କେରଳରେ ଦୁଇ ମହିଳାଙ୍କୁ ହତ୍ୟା ଘଟଣା**
**■ପର୍ନ ଫିଲ୍ମରେ ଅଭିନୟ କରିବାକୁ କହି ଡାକିଥିଲେ**

କୋଚି, ୧୨।୧୦


ରୋଜେଲିନ୍


ପଦ୍ମମ

କେରଳର କୋଚିରେ ଦୁଇ ମହିଳାଙ୍କୁ ବଳି ଦେବା ଘଟଣାରେ ଚାଞ୍ଚଲ୍ୟକର କଥା ସାମ୍ନାକୁ ଆସିଛି। ଅଭିଯୁକ୍ତମାନେ ଧନୀ ହେବା ଅନ୍ଧବିଶ୍ୱାସରେ ରୋଜେଲିନ୍(୫୦) ଏବଂ ପଦ୍ମମ(୫୨) ନାମ୍ନୀ ଦୁଇ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ସେମାନଙ୍କ ରକ୍ତ, ମାଂସ ମଧ୍ୟ ଖାଇଥିଲେ। ଏପରିକି ଜଣଙ୍କ ଶରୀରକୁ କାଟି ୫୬ ଖଣ୍ଡ କରିଥିଲେ ଏବଂ ସେମାନଙ୍କ ସ୍ତନ କାଟି ରକ୍ତ ବୋହିବା ପାଇଁ ଛାଡ଼ି ଦେଇଥିଲେ। ୩ ଟି ଖାଲରୁ ମୃତାଙ୍କ ଶରୀରର ବିଭିନ୍ନ ଅଙ୍ଗ ମିଳିଥିବା ପୋଲିସ ବୁଧବାର ସୂଚନା ଦେଇଛି। ଅଭିଯୁକ୍ତ ଭଗୱାଲ ସିଂ, ତାଙ୍କ ସ୍ତ୍ରୀ ଲୈଲା ଏବଂ ସହଯୋଗୀ ମହମ୍ମଦ ସାଫିଙ୍କୁ ପୋଲିସ କୋର୍ଟରେ ହାଜର କରାଇ ୧୪ ଦିନିଆ ରିମାଣ୍ଡରେ ନେଇଛି।

ପୋଲିସ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତ ମହମ୍ମଦ ସାଫି ଜଣେ ଯୌନ ବିକୃତ। ଅନ୍ୟକୁ ହତ୍ୟା କରି ମଜା ପାଇବା ଭଳି ମାନସିକ ବିକୃତି ଥିବା ମହମ୍ମଦ ପର୍ନୋଗ୍ରାଫି ଫିଲ୍ମରେ ଅଭିନୟ ସୁଯୋଗ ଦେବା ପାଇଁ ରୋଜେଲିନ୍ ଏବଂ ପଦ୍ମମଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଧନୀ ହେବା ପାଇଁ ମଣିଷ ବଳି ଦେବାକୁ ପଡ଼ିବ ବୋଲି ସେ ଭଗୱାଲ ଏବଂ ଲୈଲାଙ୍କୁ କହିଥିଲେ। ଏଲାନ୍ଥୁରରେ ଭଗୱାଲ ଏବଂ ସ୍ତ୍ରୀ ଲୈଲାଙ୍କ ଏକ ମସାଜ୍ ସେଣ୍ଟର ରହିଛି। ସାଫି ଗତ ଜୁନ୍‌ରେ ରୋଜେଲିନ୍ ଏବଂ ସେପ୍ଟେମ୍ବରରେ ପଦ୍ମମ୍‌ଙ୍କୁ ଭଗୱାଲଙ୍କ ଘରକୁ ଆଣିଥିଲେ। ଜୁନ୍ ୬ରେ ପ୍ରଥମେ ରୋଜେଲିନ୍ ଏବଂ ସେପ୍ଟେମ୍ବର ୨୬ରେ ପଦ୍ମମଙ୍କୁ ହତ୍ୟା ସେମାନେ ହତ୍ୟା କରିଥିଲେ। ସେମାନେ ମହିଳାଙ୍କ ଶରୀରର ବିଭିନ୍ନ ଅଙ୍ଗ କାଟି ତାହାକୁ ରାନ୍ଧି ଖାଇବା ସହ ରକ୍ତ ପିଇଥିବା ମଧ୍ୟ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟାର ଶିକାର ହୋଇଥିବା ଦୁଇ ମହିଳାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ରହିଥିବା ପୋଲିସ କହିଛି। ଯୌନ ବିକୃତ ସାଫି ୨୦୨୦ରେ ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ସହ ତାଙ୍କ ଯୌନାଙ୍ଗକୁ ଆଘାତ କରିବା ଭଳି ସଙ୍ଗିନ ଅପରାଧରେ ଗିରଫ ହୋଇ ଜେଲ ଯାଇଥିଲେ। ପରେ ସେ ଜାମିନରେ ମୁକୁଳିଥିଲେ। ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ସାଫି ପୂର୍ବରୁ ନିଜ ଟାର୍ଗେଟ ବାଛିଥିଲେ। ଘଟଣାରେ ଆଉ ଜଣଙ୍କ ସମ୍ପୃକ୍ତି ଥିଲେ ହେଁ ତାଙ୍କ ପରିଚୟ ଜଣାପଡ଼ିନାହିଁ ବୋଲି ପୋଲିସ କମିଶନର ସି.ଏଚ୍. ନାଗାରାଜୁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୋସିଆଲ ମିଡିଆରେ ଟ୍ରେସିଂ ଏବଂ ଅନ୍ୟ ତଥ୍ୟ ଆଧାରରେ ତାଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି।

### କେମିତି ପର୍ଦ୍ଦାଫାଶ କଲା ପୋଲିସ

ପେରୁମ୍ବାବେଲ୍ଲୁରର ବାସିନ୍ଦା ସାଫି(୫୨) କୋଚିରେ ରହୁଥିଲେ। ତାମିଲନାଡୁ ନିବାସୀ ପଦ୍ମମ ଏଲାମ୍‌କୁଲମ୍‌ରେ ଏକ ଭଡ଼ା ଘରେ ରହୁଥିବାବେଳେ ସେ ଲଟେରି ଟିକେଟ ବିକ୍ରି କରିଥାନ୍ତି। ଥ୍ରିଶୂର ବାସିନ୍ଦା ରୋଜେଲିନ୍ ଭାର୍ଗିଜ୍ କାଲାଡିରେ ରହୁଥିଲେ। ପଦ୍ମମ ସେପ୍ଟେମ୍ବର ୨୬ ପୂର୍ବାହ୍ନ ପ୍ରାୟ ୧୦ଟା ୧୫ରେ କୋଚିର ଚିତ୍ତୋର ରୋଡ୍‌ରୁ ଲଟେରି ଟିକେଟ କିଣିଥିଲେ। ପୋଲିସ ସେଠାରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରିଥିଲା। ପଦ୍ମମ୍ ସାଫିଙ୍କ କାର୍‌ରେ ବସିବା ଏବଂ ସାଫି ତାଙ୍କୁ ଟଙ୍କା ଅଫର୍ କରିଥିବା ସିସିଟିଭି ଫୁଟେଜ୍‌ରୁ ପୋଲିସ ଦେଖିବାକୁ ପାଇଥିଲା। ଉଭୟେ ଅପରାହ୍ନ ପ୍ରାୟ ୪ଟାରେ ଭଗୱାଲ ସିଂଙ୍କ ଘରେ ପହଞ୍ଚିଥିଲେ। ସେପ୍ଟେମ୍ବର ୨୭ରେ ପଦ୍ମମଙ୍କ ଭଉଣୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ରିମାଣ୍ଡ ରିପୋର୍ଟ ଅନୁସାରେ, ପଦ୍ମମ ସେଠାରେ ସାଫିଙ୍କୁ ଟଙ୍କା ମାଗିଥିଲେ। ପରେ ଅଭିଯୁକ୍ତମାନେ ପଦ୍ମମଙ୍କୁ ଦଉଡ଼ିରେ ବାନ୍ଧି ମାଡ଼ ମାରିଥିଲେ। ପଦ୍ମମ ଅଚେତ ହେବା ପରେ ସାଫି ଏକ ଛୁରିରେ ପ୍ରଥମେ ତାଙ୍କ ଗୁପ୍ତାଙ୍ଗ ଓ ପରେ ତଣ୍ଟି କାଟି ଦେଇଥିଲେ। ଅଭିଯୁକ୍ତମାନେ ପଦ୍ମମଙ୍କ ଶରୀରକୁ ୫୬ ଖଣ୍ଡ କରି ଏକ ବାଲ୍‌ଟିରେ ଭର୍ତ୍ତି କରିଥିଲେ। ନିକଟରେ ଥିବା ଖାଲରେ ସେଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ସେହିପରି ପର୍ନ ମୁଭିରେ ଆକ୍ଟିଂ ସୁଯୋଗ ଓ ୧୦ ଲକ୍ଷ ଟଙ୍କା ଦେବାକୁ କହି ରୋଜେଲିନ୍‌ଙ୍କୁ ଡାକି ଅନୁରୂପ ଭାବେ ହତ୍ୟା କରିଥିଲେ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।


ମହମ୍ମଦ ସାଫି


ଭଗୱାଲ ସିଂ


ଲୈଲା

## କଫ୍ ସିରପ୍ ଉତ୍ପାଦନ ବନ୍ଦ ଲାଗି ହରିୟାଣା କମ୍ପାନୀକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ/ଚଣ୍ଡିଗଡ଼,୧୨।୧୦(ପି.ଟି.)

ହରିୟାଣାର ସୋନିପତ୍‌ରେ ଥିବା ମେଡେନ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀକୁ କଫ୍ ସିରପ୍ ଉତ୍ପାଦନ ବନ୍ଦ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ବେଳେ ଉକ୍ତ କମ୍ପାନୀରେ ଏକାଧିକ ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଏହା ଉପରେ ସପ୍ତାହେ ମଧ୍ୟରେ ସ୍ପଷ୍ଟୀକରଣ ନ ଦେଲେ କମ୍ପାନୀର ଲାଇସେନ୍ସ ସସ୍‌ପେଣ୍ଡ କରାଯିବ ବୋଲି ସରକାର କହିଛନ୍ତି। ଆଫ୍ରିକୀୟ ଦେଶ ଗାମ୍ବିଆରେ ମେଡେନ୍ ଫାର୍ମାସ୍ୟୁଟିକାଲ ପ୍ରସ୍ତୁତ କଫ୍ ସିରପ୍ ପିଇ ୬୬ ଶିଶୁଙ୍କ ଜୀବନ ଯାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ସତର୍କ କରାଇବା ପରେ ସରକାରଙ୍କ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ୟୁନିଟ୍‌ର ସମସ୍ତ ଔଷଧ ଉତ୍ପାଦନ ତତ୍କାଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ କହିଛନ୍ତି। ଡବ୍ଲ୍ୟୁଏଚ୍ଓ ସତର୍କ କରାଇବା ପରେ ଗତ ୬ ତାରିଖରେ କମ୍ପାନୀର ୪ଟି କଫ୍ ସିରପ୍‌ର ନମୁନା ପରୀକ୍ଷା ଲାଗି କୋଲକାତାସ୍ଥିତ ସେଣ୍ଟ୍ରାଲ ଡ୍ରଗ୍ସ ଲାବରେଟୋରିକୁ ପଠାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମିଳିତ ଟିମ୍ ଉକ୍ତ କମ୍ପାନୀକୁ ପରିଦର୍ଶନରେ ଯାଇ ୧୨ଟି ନିୟମର ଉଲ୍ଲଂଘନ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ଔଷଧ ଉତ୍ପାଦନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଭିଜ୍ କହିଛନ୍ତି। ଲାବରେଟୋରି ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଫେସ୍‌ବୁକ୍‌ରେ ଅଚାନକ କମିଗଲା ଫଲୋଅର୍ସଙ୍କ ସଂଖ୍ୟା

**■ଜୁକରବର୍ଗଙ୍କ ଫଲୋଅର୍ସ ୧୧ କୋଟିରୁ ୯ ହଜାରକୁ ଖସିଲା**
**■ଫେସ୍‌ବୁକ୍‌ରେ ସୁନାମି ଆସିଛି: ତସ୍‌ଲିମା**

ନୂଆଦିଲ୍ଲୀ, ୧୨।୧୦



ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ୟୁଜର୍ସଙ୍କ ଫଲୋଅର୍ସଙ୍କ ସଂଖ୍ୟା ଅଚାନକ କମିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରିକି ଖୋଦ୍ ଫେସ୍‌ବୁକ୍‌ର ମୂଳ କମ୍ପାନୀ ମେଟାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ଫଲୋଅର୍ସଙ୍କ ସଂଖ୍ୟା ବୁଧବାର ୩ଟା ସୁଦ୍ଧା ୧୧୯ ନିୟୁତ ବା ୧୧.୯ କୋଟିରୁ ଖସି ୯,୯୯୨ ହୋଇଯାଇଥିଲା। ଅନେକ ୟୁଜର୍ସ ସେମାନଙ୍କ ଫଲୋଅର୍ସ ସଂଖ୍ୟା କମିଯାଇଥିବା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ନିର୍ବାସିତ ବାଂଲାଦେଶୀ ଲେଖିକା ତସ୍‌ଲିମା ନସ୍‌ରିନ୍ ଟୁଇଟ କରି କହିଛନ୍ତି, 'ଫେସ୍‌ବୁକ୍ ସୁନାମି କରି ମୋର ପ୍ରାୟ ୯ ଲକ୍ଷ ଫଲୋଅର୍ସଙ୍କୁ ଧୋଇନେଇଛି। ଏହି ସଂଖ୍ୟା ଆଉ ମାତ୍ର ୯ ହଜାର ରହିଛି। ଫେସ୍‌ବୁକ୍‌ର ଏଭଳି କମେଡି ଭଲ ଲାଗେ'। ଏ ନେଇ ମେଟାର ଜଣେ ମୁଖପାତ୍ର କହିଛନ୍ତି, ଅନେକ ଫେସ୍‌ବୁକ୍ ୟୁଜର୍ସଙ୍କ ଫଲୋଅର୍ସ ସଂଖ୍ୟା କମିଥିବା ଖବର ବାବଦରେ ଅବଗତ ଅଛୁ। ଏଥିପାଇଁ ଆମେ ଦୁଃଖିତ। କୌଣସି କାରଣରୁ ଏପରି ହୋଇଛି। ଯଥାସମ୍ଭବ ଶୀଘ୍ର ଏହି ଅସୁବିଧା ଦୂର କରିବା ପାଇଁ ଉଦ୍ୟମ କରାଯାଉଛି।

## ୧,୩୦୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଭିଜା

ନୂଆଦିଲ୍ଲୀ,୧୨।୧୦

ଦୁଇବର୍ଷରୁ ଊର୍ଦ୍ଧ୍ୱ କୋଭିଡ୍ କଟକଣା ପରେ ଭାରତୀୟ ଛାତ୍ରୀଛାତ୍ର ଚାଇନାରେ ପୁଣିଥରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ୧,୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଫେରିବା ଲାଗି ଭିଜା ମିଳିଛି। ୨୦୨୦ ଆରମ୍ଭରେ ବେଜିଂ ବିମାନ ଚଳାଚଳ ଉପରେ କଟକଣା ଲଗାଇବାରୁ ପିଲାମାନେ ଭାରତରେ ଅଟକି ରହିଥିଲେ। ଚାଇନାର ଏସିଆ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଲିଉ ଜିନ୍‌ସଙ୍ଗ ଭାରତୀୟ ରାଷ୍ଟ୍ରଦୂତ ପ୍ରଦୀପ ରାୱତଙ୍କୁ ଭେଟି ଏହା ଜଣାଇଛନ୍ତି। ୧,୩୦୦ରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ଏବଂ ୩୦୦ ବ୍ୟବସାୟୀଙ୍କୁ ବେଜିଂ ଯିବା ଲାଗି ଭିଜା ମିଳିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

## ସାଉଦି ସହ ସମ୍ପର୍କର ପୁନର୍ବିଚାର କରିବେ ବାଇଡେନ୍



**ୱାଶିଂଟନ୍, ୧୨।୧୦:** ସାଉଦି ଆରବ ସହ ଆମେରିକାର ସମ୍ପର୍କ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏ ନେଇ ବାଇଡେନ୍ ସରକାର ଦୁଇ ଦେଶର ସମ୍ପର୍କକୁ ନେଇ ପୁନଃ ବିଚାର କରିବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ରୁଷିଆ ଅଧକ୍ଷତାରେ ୧୩ ଦେଶକୁ ନେଇ ଗଠିତ ଓପେକ୍ ସଂଘ ଓ ୧୦ ସହଯୋଗୀ ରାଷ୍ଟ୍ର ଗତ ସପ୍ତାହରେ ତୈଳ ଉତ୍ପାଦନ ହ୍ରାସ ନିଷ୍ପତ୍ତି ନେଇଛନ୍ତି। ଓପେକ୍ ସଂଘର ନିଷ୍ପତ୍ତିକୁ ନେଇ ଆମେରିକା ଓ ସାଉଦି ସମ୍ପର୍କ ଉପରେ ବାଇଡେନ୍ ପୁନର୍ବିଚାର କରିପାରନ୍ତି।


ଚାଇନାର ବୈଦ୍ୟୁତିକ ଯାନ ନିର୍ମାଣକାରୀ କମ୍ପାନୀ ଏକ୍ସପେଙ୍ଗ୍‌ର ଉଡ଼ନ୍ତା କାର୍ ଇଭିଟିଓଏଲ୍ ଏକ୍ସ୨ ମଙ୍ଗଳବାର ପ୍ରଥମ କରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ସାର୍ବଜନୀନ ଉଡ଼ାଣ ଭରିଛି।

## ଆଜି ଆସିପାରେ 'ହିଜାବ' ରାୟ

ନୂଆଦିଲ୍ଲୀ,୧୨।୧୦

ବହୁପ୍ରତୀକ୍ଷିତ କର୍ଣାଟକ ହିଜାବ ବିବାଦ ମାମଲାରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଗୁରୁବାର ରାୟ ଶୁଣାଇପାରନ୍ତି ବୋଲି ଜଣାପଡ଼ିଛି। ଶିକ୍ଷାନୁଷ୍ଠାନରେ ମୁସଲମାନ ଛାତ୍ରୀଙ୍କ ହିଜାବପିନ୍ଧା ଉପରେ କର୍ଣାଟକ ସରକାର ନିଷିଦ୍ଧାଦେଶ ଲଗାଇଥିବାବେଳେ ଏହାକୁ କର୍ଣାଟକ ହାଇକୋର୍ଟ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ୧୦ଦିନର ଶୁଣାଣି ପରେ ଜଷ୍ଟିସ ହେମନ୍ତ ଗୁପ୍ତା ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ।

# ଉଦୟପୁର ଘୋଷଣାନାମା କାର୍ଯ୍ୟକାରୀ କରିବି: ଖାର୍ଗେ

### ଦଳର ସଂସଦୀୟ ବୋର୍ଡରେ ପରିବର୍ତ୍ତନ ଆଣିବି: ଥରୁର

ନୂଆଦିଲ୍ଲୀ/ଭୋପାଳ,୧୨।୧୦


ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ଦଳରେ ଉଦୟପୁର ବୈଠକର ଘୋଷଣାନାମା କାର୍ଯ୍ୟକାରୀ କରାଇବା ତାଙ୍କର ପ୍ରାଥମିକ ଦାୟିତ୍ୱ ହେବ ବୋଲି ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ସେହିପରି ଅନ୍ୟତମ ପ୍ରାର୍ଥୀ ଶଶୀ ଥରୁର କହିଛନ୍ତି, ସେ ଏଆଇସିସି ଅଧ୍ୟକ୍ଷ ହେଲେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ଏବଂ ସଂସଦୀୟ ବୋର୍ଡରେ ପରିବର୍ତ୍ତନ ଆଣିବେ।

ଖାର୍ଗେ ନିଜ ସପକ୍ଷରେ ପ୍ରଚାର ଲାଗି ଭୋପାଳରେ ପହଞ୍ଚି ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି। ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜସ୍ଥାନ ଉଦୟପୁରରେ ହୋଇଥିବା କଂଗ୍ରେସ ସମ୍ମିଳନୀରେ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଯେଉଁ ଘୋଷଣା କରାଯାଇଥିଲା, ତାହା ଚୂଡ଼ାନ୍ତ ଏବଂ ସମୟର ଆବଶ୍ୟକତା। ଦଳର ନେତାମାନେ ତାଙ୍କୁ ସାମୂହିକ ଭାବେ ପ୍ରାର୍ଥୀ କରିଥିବା ଖାର୍ଗେ କହିଛନ୍ତି। ଏହି ଅବସରରେ ସେ ଭାଜପାକୁ ସମାଲୋଚନା କରି କହିଥିଲେ, ଗତ କିଛିବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସମସ୍ତ ସଂସ୍ଥାକୁ ଧ୍ୱଂସ କରିସାରିଲାଣି। ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ବିପଦରେ ପଡ଼ିଥିବା ସେ କହିଛନ୍ତି। ଗାନ୍ଧୀ ପରିବାରରୁ କେହି ଦଳର ମଙ୍ଗ ଧରିବାକୁ ରାଜି ନ ହେବାରୁ ସେ ପ୍ରାର୍ଥୀ ହୋଇଛନ୍ତି। ତେବେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଦଳର ପ୍ରମୁଖ ନେତା ହୋଇ ରହିବେ ବୋଲି ଖାର୍ଗେ କହିଛନ୍ତି।

ଅନ୍ୟତମ କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ଥରୁର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି, ସେ ଦଳୀୟ ସମ୍ବିଧାନକୁ ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରାଇବେ। ଫଳରେ ୨୫ ବର୍ଷ ହେଲା ନିଷ୍କ୍ରିୟ ରହିଥିବା ଦଳର ସଂସଦୀୟ ବୋର୍ଡକୁ ପୁନର୍ଜୀବିତ କରିବା ସହ ସିଡବ୍ଲ୍ୟୁସି ନିର୍ବାଚନ କରାଇବେ ବୋଲି ଥରୁର କହିଛନ୍ତି। ଦଳରେ କ୍ଷମତା ବିକେନ୍ଦ୍ରୀକରଣ ହେବା ସହ ତୃଣମୂଳ ସ୍ତରର ନେତାଙ୍କୁ ପ୍ରକୃତ କ୍ଷମତା ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଉଦୟପୁର ଚିନ୍ତନ ବୈଠକର ଘୋଷଣାନାମା କାର୍ଯ୍ୟକାରୀ କରିବେ ବୋଲି ସେ କହିଛନ୍ତି।




**କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗରେ ୭ ଜଣଙ୍କୁ ଦାୟିତ୍ୱ**

ଭୁବନେଶ୍ୱର,(ବ୍ୟୁରୋ): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ୭ ଜଣ ଉପସଭାପତିଙ୍କ ନାମ ବୁଧବାର ଘୋଷଣା କରିଛନ୍ତି। ସେମାନେ ସମସ୍ତେ ପିସିସିର ସାମାଜିକ ଗଣମାଧ୍ୟମ ବିଭାଗରେ ଦାୟିତ୍ୱ ପାଇଛନ୍ତି। ସେମାନଙ୍କ ମଧ୍ୟରେ ବିନୋଦ ବିହାରୀ ନାୟକ, ସଂଗ୍ରାମ କେଶରୀ ମହାନ୍ତି, ପୀତବାସ ପଣ୍ଡା, ସୀମାଞ୍ଚଳ ଉଲାକା, ଚନ୍ଦନ ରଏ, ପ୍ରମୋଦ ସାହୁ ଏବଂ କୈଳାଶ ସାହୁ ପ୍ରମୁଖ ଅଛନ୍ତି।



# କଂଗ୍ରେସରୁ ହରେକୃଷ୍ଣ, ବିଜେଡିରୁ ଅବନ୍ତୀ

**ଧାମନଗର ଉପନିର୍ବାଚନ**



**ଆଜି ନାମାଙ୍କନ ଦାଖଲ କରିବେ କଂଗ୍ରେସ ପ୍ରାର୍ଥୀ**

ଭୁବନେଶ୍ୱର(ବ୍ୟୁରୋ)/ ଭଦ୍ରକ ଅଫିସ, ୧୨।୧୦

ଧାମନଗର ଉପନିର୍ବାଚନ ପାଇଁ ବୁଧବାର କଂଗ୍ରେସ ଓ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିଛନ୍ତି। ଏହି ଉପନିର୍ବାଚନ ପାଇଁ କଂଗ୍ରେସ ହରେକୃଷ୍ଣ ସେଠୀ(ବାବା)ଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଛି।

ହରେକୃଷ୍ଣଙ୍କ ପ୍ରାର୍ଥିତ୍ୱକୁ ଏଆଇସିସି ମୋହର ମାରିବା ପରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ହରେକୃଷ୍ଣ ପେସାରେ ଜଣେ ଓକିଲ। ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇ କଂଗ୍ରେସର ଜଣେ ସକ୍ରିୟ କର୍ମୀ ଭାବେ ଧାମନଗର ଅଞ୍ଚଳରେ ସେ ଜଣାଶୁଣା। ଧାମନଗର ଏନ୍ଏସିର ୫ ନଂ. ୱାର୍ଡ ଶ୍ୟାମପୁରରେ ତାଙ୍କ ଘର। ଗତ ଏନ୍ଏସି ନିର୍ବାଚନରେ ଅଧ୍ୟକ୍ଷା ପଦ ପାଇଁ ତାଙ୍କ ସ୍ତ୍ରୀ ପ୍ରମିଳା ସେଠୀ ପ୍ରତିଦ୍ୱନ୍ଦ୍ୱିତା କରି ୩ୟ ସ୍ଥାନରେ ରହିଥିଲେ। ପ୍ରକାଶଥାଉ କି ଗତ ସାଧାରଣ ନିର୍ବାଚନରେ ବିଦ୍ୟାଧର ଜେନା କଂଗ୍ରେସରୁ ପ୍ରାର୍ଥୀ ହୋଇ ୭,୩୦୩ ଭୋଟ ପାଇ ୩ୟ ସ୍ଥାନରେ ଥିଲେ। ଉପନିର୍ବାଚନ ପାଇଁ ବିଦ୍ୟାଧରଙ୍କ ସମେତ ନୂଆ ମୁହଁ ଭାବେ ୩ ଜଣ ଆଶାୟୀ ଥିବାବେଳେ ଶେଷରେ ହରେକୃଷ୍ଣଙ୍କ ଉପରେ ଦଳ ଭରସା କରି ତାଙ୍କ ନାମରେ ମୋହର ମାରିଛି। ଗୁରୁବାର ହରେକୃଷ୍ଣ ନାମାଙ୍କନ ଦାଖଲ କରିବେ ବୋଲି କଂଗ୍ରେସର ଜିଲା ସଭାପତି ସୁବ୍ରତ ଦାସ କହିଛନ୍ତି।

ଧାମନଗର ଉପନିର୍ବାଚନ ପାଇଁ ବିଜେଡି ମହିଳା ପ୍ରାର୍ଥୀଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅପରାହ୍ନରେ ଅବନ୍ତୀଙ୍କ ନାମ ଘୋଷଣା କରିଛନ୍ତି। ଅବନ୍ତୀ ଏବେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅଛନ୍ତି। ମିଶନଶକ୍ତି ଓ ଏସ୍ଏଚ୍‌ଜିରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି ବୋଲି ବିଜେଡି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୨୦୧୯ରେ ରାଜେନ୍ଦ୍ର ଦାସ ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କଠାରୁ ପରାସ୍ତ ହୋଇଥିଲେ। ଚଳିତ ଉପନିର୍ବାଚନରେ ସେ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିଲେ। ଶେଷରେ ବିଜେଡି ମହିଳାଙ୍କୁ ଗୁରୁତ୍ୱ ଦେଇଛି। ମହିଳାଙ୍କ ଭୋଟ ହାତେଇବା ପାଇଁ ଅବନ୍ତୀଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଚର୍ଚ୍ଚା ହେଉଛି।



ହରେକୃଷ୍ଣ ସେଠୀ



ଅବନ୍ତୀ ଦାସ

ଅବନ୍ତୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀରେ ସକ୍ରିୟ ଭାବେ କାମ କରିବା ସହ ପଞ୍ଚାୟତ ମହିଳା ମହାସଂଘରେ ସିଆର୍‌ପି ଭାବେ କାର୍ଯ୍ୟ ତୁଲାଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ କାଁପଡ଼ା ପଞ୍ଚାୟତ ସମିତିସଭ୍ୟା ଭାବେ ବିଜୟୀ ହେବା ପରେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଦାସ ବିଜେଡିର ଜଣେ ଆଗଧାଡ଼ିର ନେତା ଭାବେ ଜଣାଶୁଣା। ଆସନ୍ତା ଶୁକ୍ରବାର ଅବନ୍ତୀ ନାମାଙ୍କନ ଦାଖଲ କରିବେ ବୋଲି ଜଣାଯାଇଛି।

ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରଠାରୁ ତିନି ପ୍ରମୁଖ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି। ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତାମାନେ ଘରକୁ ଘର ଯାଇ ଲୋକଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଉଛନ୍ତି। ଏହି ଉପନିର୍ବାଚନକୁ ହାତେଇବା ପାଇଁ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ପୂର୍ବରୁ ଭାଜପା ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କରିଛି। ମଙ୍ଗଳବାର ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାଜପା ମଧ୍ୟ ନିଜ ସିଟ୍‌କୁ ପୁଣି ଫେରି ପାଇବା ପାଇଁ ପ୍ରଚାର ଅଭିଯାନକୁ ଜୋରଦାର କରିଛି। ଘରକୁ ଘର ବୁଲି ସୂରଜ ଅନୁକମ୍ପା ଭୋଟ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ପ୍ରଚାର କ୍ଷେତ୍ରରେ କଂଗ୍ରେସ ଉଭୟ ଦଳଠାରୁ ପଛରେ ରହିଛି। ପ୍ରାର୍ଥୀ ଘୋଷଣା ପରେ ଗୁରୁବାରଠାରୁ ପ୍ରଚାରକୁ ଜୋରଦାର କରାଯିବା ନେଇ ପିସିସି ପକ୍ଷରୁ ସୂଚନା ଦିଆଯାଇଛି। ବ୍ରଜରାଜନଗର ଭଳି ଧାମନଗରରେ ଭାଜପାକୁ ତୃତୀୟ ସ୍ଥାନକୁ ଠେଲିବାକୁ କଂଗ୍ରେସ ବଳ ଖଟାଇବାକୁ ସଜବାଜ ହେଉଥିବା ଦଳୀୟ ମହଲରେ ଆଲୋଚନା ହେଉଛି।

# ଉପନିର୍ବାଚନରେ ଶିବପାଲଙ୍କୁ ପ୍ରାର୍ଥୀ କରିପାରେ ଭାଜପା

**ମୈନପୁରୀ ଆସନ ବଜାୟ ରଖିବା ଅଖିଳେଶଙ୍କ ପାଇଁ ଚ୍ୟାଲେଞ୍ଜ ହେବ**

ଲକ୍ଷ୍ନୌ,୧୨।୧୦

ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ତଥା ମୈନପୁରୀ ଏମ୍‌ପି ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ଉକ୍ତ ଆସନକୁ ବଜାୟ ରଖିବା ଏବେ ଦଳ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ୬ ମାସ ମଧ୍ୟରେ ଉକ୍ତ ଲୋକ ସଭା ଆସନରେ ଉପନିର୍ବାଚନ ହେବ। ତେବେ ନେତାଜୀଙ୍କ ପରଲୋକ ଜନିତ ଅନୁକମ୍ପା ସତ୍ତ୍ୱେ ଉକ୍ତ ଆସନକୁ ବଜାୟ ରଖିବା ସମାଜବାଦୀ ପାର୍ଟି ପାଇଁ କଷ୍ଟକର ହୋଇପଡ଼ିବ ବୋଲି କୁହାଯାଉଛି। ଆଜମଗଡ଼ ଏବଂ ରାମପୁର ଦଖଲ କରିବା ପରେ ଭାଜପା ଏବେ ଏସ୍‌ପିର ଶେଷ ଦୁର୍ଗ ଦଖଲ କରିବା ଯୋଜନାରେ ରହିଛି। ଅଖିଳେଶଙ୍କ ଦାଦା ତଥା ପ୍ରଗତିଶୀଳ ସମାଜବାଦୀ ପାର୍ଟି ନେତା ଶିବପାଲ ଯାଦବ ଯଦି ଉକ୍ତ ଆସନରୁ ଉପନିର୍ବାଚନ ଲଢ଼ିବାକୁ ଚାହାନ୍ତି, ତେବେ ତାଙ୍କୁ ଭାଜପା ସମର୍ଥନ ଦେଇପାରେ ବୋଲି କୁହାଯାଉଛି। ୨୦୨୪ରେ ମୁଲାୟମ ଯଦି ମୈନପୁରୀରୁ ନିର୍ବାଚନ ନ ଲଢ଼ନ୍ତି, ତେବେ ଶିବପାଲ ସେଠାର ପ୍ରାର୍ଥୀ ହେବେ ବୋଲି ପୂର୍ବରୁ କହିଥିଲେ। ତେବେ ମୁଲାୟମଙ୍କ ପରଲୋକ ଘଟିଥିବାରୁ ଶିବପାଲ ଉପନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରାଇପାରନ୍ତି ବୋଲି ଜଣେ ବରିଷ୍ଠ ଭାଜପା ନେତା କହିଛନ୍ତି।



ଶିବପାଲ ଯାଦବ




# ପ୍ରଣବଙ୍କୁ ଭେଟିଲେ ଦଳୀୟ ପ୍ରାର୍ଥୀନୀ



ଧାମନଗର ଉପନିର୍ବାଚନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା ପରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପ୍ରାର୍ଥୀ ଅବନ୍ତୀ ଦାସଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ।

**ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ଭୋଟରଙ୍କ ଆଶୀର୍ବାଦ ଲୋଡିଲେ ବବି**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଧାମନଗର ବିଧାନସଭା ଉପନିର୍ବାଚନ ଲାଗି ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ଧାମନଗର ନିର୍ବାଚନମଣ୍ଡଳୀର ବହୁ ନେତାଙ୍କ ସମେତ ଦଳର ଅନ୍ୟ କେତେଜଣ ଆଗ ଧାଡିର ନେତା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ଭେଟିଛନ୍ତି। ପ୍ରଣବଙ୍କ ସରକାରୀ ବାସଭବନରେ ସମସ୍ତ ନେତା ବସି ଏକାଠି ଆଲୋଚନା କରିବା ସହ ତାଙ୍କ ସାଙ୍ଗରେ ଫଟୋ ଉଠାଇଛନ୍ତି। ଏହି ଅବସରରେ ପ୍ରଣବ କହିଛନ୍ତି ଯେ, ସାମୂହିକ ନିଷ୍ପତ୍ତି ହିଁ ବିଜେଡିର ଶକ୍ତି। ଧାମନଗର ଉପନିର୍ବାଚନ ପାଇଁ ଜଣେ ମହିଳାଙ୍କୁ ସୁଯୋଗ ଦେଇ ନାରୀ ସଶକ୍ତିକରଣର ନାରାକୁ ଆହୁରି ସୁଦୃଢ଼ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହାସହ ନିର୍ବାଚନମଣ୍ଡଳୀ ବାସୀଙ୍କ ଅଶୀର୍ବାଦ ଦଳୀୟ ପ୍ରାର୍ଥୀ ଅବନ୍ତୀଙ୍କ ସହ ଯିବ ବୋଲି ତାଙ୍କ ଦୃଢ଼ ବିଶ୍ୱାସ ଥିବା ପ୍ରଣବ କହିଛନ୍ତି।

# ପରିବାରକୁ ୨୦ ଲକ୍ଷ, ଜଣକୁ ଚାକିରି ଦିଅ

**କନ୍ଧମାଳ ୭ମଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାରେ ଭାଜପାର ଦାବି**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ବିଜେଡି ସରକାରରେ ମା'କୁ ସମ୍ମାନ କେବଳ ପ୍ରଚାର ସର୍ବସ୍ୱ। ଓଡ଼ିଶାରେ ଦିନକୁ ଦିନ ନାବାଳିକା, ମହିଳା ଓ ଶିଶୁ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସରକାର ସବୁ ଜାଣିବି ଚୁପ୍ ରହୁଛନ୍ତି। ଗତ ୫ ତାରିଖରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ ଗୁମା ପଞ୍ଚାୟତର ୭ମଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା,ମୃତ ଶିଶୁ ପ୍ରସବ ପରେ ତାଙ୍କର ମୃତ୍ୟୁ ହେବା ଅତ୍ୟନ୍ତ ଦୁଃଖର ବିଷୟ। ନାବାଳିକାର ପରିବାରକୁ କ୍ଷତିପୂରଣ ବାବଦରେ ତୁରନ୍ତ ୨୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟକୁ ଚାକିରି ଯୋଗାଇଦେବା ପାଇଁ ବୁଧବାର ଖବରଦାତା ସମ୍ମିଳନୀରେ ଭାଜପା ମହିଳା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଦାବି କରିଛନ୍ତି।

# ଏସ୍ଆଇଟି ତଦନ୍ତ ଦାବି କଲେ କଂଗ୍ରେସ ବିଧାୟକ

**ଅର୍ଚ୍ଚନା ନାଗ ହନିଟ୍ରାପ୍ ଘଟଣା**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଅର୍ଚ୍ଚନା ନାଗ୍ ହନିଟ୍ରାପ୍ ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଏକାଧିକ ନେତା ଓ ମନ୍ତ୍ରୀଙ୍କ ସହିତ ଅର୍ଚ୍ଚନାଙ୍କ ଫଟୋଚିତ୍ର ବାହାରକୁ ପ୍ରଘଟ ହେବା ଏବଂ ତାଙ୍କ ସମ୍ପତ୍ତି ବିଷୟରେ ଜଣାପଡ଼ିବା ପରେ ରାଜନୀତି ନୂଆ ମୋଡ଼ ନେବାରେ ଲାଗିଛି। ବିରୋଧୀ ଏହି ଘଟଣାରେ ସିଧାସଳଖ ଶାସକ ଦଳ ନେତାଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଅର୍ଚ୍ଚନା ଚଳାଇଥିବା ସେକ୍ସ ର୍ୟାକେଟ ଓ ବ୍ଲାକ୍‌ମେଲ୍ ମାମଲାରେ ଅନେକ ବିଜେଡି ନେତା, ମନ୍ତ୍ରୀ, ଅଫିସରଙ୍କ ସମ୍ପୃକ୍ତି ରହିଛି। ଭାଜପାର ମଧ୍ୟ କିଛି ପୂର୍ବତନ ମନ୍ତ୍ରୀ ଓ ସଦସ୍ୟଙ୍କର ଏଥିରେ ସମ୍ପୃକ୍ତି ଅଛି। ସତ ପଦାକୁ ଆସିଲେ ସରକାର ଭାଙ୍ଗିଯିବ। ତେଣୁ ବିଜେଡି ସରକାର ଚାପରେ ପଡ଼ି ଜବତ ହୋଇଥିବା ଲାପଟପ୍, ମୋବାଇଲ୍‌ରେ ଥିବା ଭିଡିଓ, ଫଟୋ, ନାମ ବିଷୟରେ ପୋଲିସ ତଥ୍ୟ ଲୁଚାଉଛି। ମମିତା ମେହେର ହତ୍ୟାକାଣ୍ଡରେ ଜବତ ଲାପଟପ୍ ଭିତରେ ଥିବା ରହସ୍ୟକୁ ପୋଲିସ ସମସ୍ତଙ୍କ ସାମ୍ନାକୁ ନ ଆଣିବା ଭଳି ଅର୍ଚ୍ଚନା ମାମଲାରେ ମଧ୍ୟ ତଥ୍ୟ ନଷ୍ଟ କରାଯିବା କିଛି ଅସମ୍ଭବ ନୁହେଁ। ତେଣୁ ଏହି ଘଟଣାର ଏସ୍ଆଇଟି ତ୍ୱରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।



Honda Motorcycle & Scooter India Pvt. Ltd., Registered Office: Plot No. 1, Sector - 03, IMT Manesar, Distt. Gurugram, (Haryana) - 122050, India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 7873234466; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 9938061333, 9737643030; KUCHINDA: Krishna Honda - 06642-220346, 7894277470; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 9861188888, 9337749281; Harsheel Honda - 9337408180, 8658045660; SAMBALPUR: Jas Honda - 9178120526, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314; KANTABANJI: Ajay Honda - 8260211111; DHARAMGARH: Bharat Honda - 7008606855; KESINGA: Jagadamba Honda - 7978581295.
For Bulk/Institutional enquiries, please write us at: institutionalsales@honda2wheelersindia.com

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନିର୍ବୋଧତା ଯୋଗୁ ଦେଶକୁ ଏପର୍ଯ୍ୟନ୍ତ ମୂଲ୍ୟ ଦେବାକୁ ପଡ଼ୁଛି।-**କିରେନ୍ ରିଜିଜୁ, କେନ୍ଦ୍ର ଆଇନମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ପେଟ ତଳେ ଗାତ,**
**ଧରିଥିଲି ସୁନା ଫୁଲିଆ ହାତ**
**ଟେକା ପାଣି ଟେକା ଭାତ ।**

ବାହାସାହା ହୋଇ ଘରକୁ ଆଣିଥିବା ଘରଣୀ ଆଦୌ କର୍ମ କୁଶଳତା ନୁହେଁ। ଭଲକୁ ଆଶ୍ରା କରି ଭେଲ। ଘରକୁ ଘରଣୀ ଆସିଲେ ମନ ଜାଣି ରାନ୍ଧି ବାଢି ପରଷି ଦେବ ବୋଲି ଆଶା ରଖିଥିବା ସ୍ୱାମୀ ନିଜର ଆଶା ଆଶାରେ ରହିଯାଉଥିବା ଦେଖି ମନ ଊଣା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁମ ପସରାକୁ ଫୁଆଁ ଜାଉ,**
**ବିଲେଇ ଦି'ହଳ ଦୁହାଁ ହେଉ ।**

ମିଛରେ ବାହାଦୁରୀ କରିବା ବା ବଡ଼ପଣିଆ ଦେଖେଇ ହେବା କେତେକଙ୍କର ମନ୍ଦଭ୍ୟାସ ହୋଇଥାଏ। ନିଜକୁ ବଡ଼େଇ କରି କଥା କହୁଥିବା ବ୍ୟକ୍ତିର ନିତିଦିନିଆ ଚଳଣି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶ୍ରୀମନ୍ଦିରରେ ହବିଷିଆଳିଙ୍କୁ ମାଡ଼

■ **ଅଭିଯୋଗକୁ ଚପାଇ ଦେଉଛି ପ୍ରଶାସନ**
■ **ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ପୁରୀ ଅଫିସ,୧୨।୧୦

ଶ୍ରୀମନ୍ଦିରରେ ବୁଧବାର ଜଣେ ହବିଷିଆଳିଙ୍କୁ ମାଡ଼ ମରାଯିବା ସହ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଧୀନ ସାମପୁରର ୭୨ବର୍ଷୀୟା କୁମାରୀ ନାୟକ ଗଣମାଧ୍ୟମ ଆଗରେ ଏହି ସଙ୍ଗିନ ଅଭିଯୋଗ ଆଣି ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ଏପରିକି ତାଙ୍କ ଅଭିଯୋଗକୁ ପ୍ରଶାସନ ଚପାଇ ଦେବାକୁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଜିଲା ପ୍ରଶାସନ ଦ୍ୱାରା ବସ୍ ଯୋଗେ ହବିଷିଆଳିମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ବାଇଶି ପାହାଚ ପାଖରେ ଅଟକି ଯାଇଥିଲେ। ସେଠାରୁ ହବିଷିଆଳିମାନେ ସାତପାହାଚ ପର୍ଯ୍ୟନ୍ତ ଯାଇଥିଲେ। ସାତପାହାଚ ପାଖରେ ଗହଳି ମଧ୍ୟରେ କୁମାରୀଙ୍କୁ ଜଣେ ସେବାୟତ ଦୁର୍ବ୍ୟବହାର କରିଥିଲେ ଓ ଦୂରେଇ ଠିଆ ହେବାକୁ କହିଥିଲେ। କୁମାରୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଗଣାଖିଆ ବୋଲି କହି ସେବାୟତ ଜଣକ ଧକ୍କା ମାରି ତାଙ୍କ ପ୍ରମାଣପତ୍ରକୁ ଛିଡ଼ିଥିଲେ। ଫଳରେ କୁମାରୀ ତଳେ ପଡ଼ିଯାଇଥିଲେ। ଏହି ସମୟରେ ତାଙ୍କ ବେକ ଉପରେ ସେବାୟତ ଜଣକ ଚଢ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଭକ୍ତମାନେ ଏହା ଦେଖି କୁମାରୀଙ୍କୁ କୌଣସି ପ୍ରକାରେ ଉଦ୍ଧାର କରିଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ସେବାୟତ ଖସି ପଳାଇଥିଲେ। କୁମାରୀ ଏ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଜଣାଇଥିଲେ ମଧ୍ୟ ସେ ସିଂହଦ୍ୱାର ଥାନାରେ ଅଭିଯୋଗ କରି ନ ଥିଲେ। ଆକ୍ରମଣରେ କୁମାରୀଙ୍କ ବାମ ଗୋଡ଼ରେ ଆଘାତ ଲାଗି ଫୁଲି ଯାଇଥିବାବେଳେ ବେକରେ ମଧ୍ୟ ଆଘାତ ଲାଗିଛି। ଏଭଳି ସ୍ଥିତିରେ କୁମାରୀ ସମ୍ପୃକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ, ବରଂ ଅଭିଯୋଗକୁ ଚପାଇ ଦେବାକୁ ବସିଛି। କୁମାରୀଙ୍କୁ ପ୍ରଶାସନ ପକ୍ଷରୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇ ନ ଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସମ୍ପୃକ୍ତ ମହିଳାଙ୍କ ସହ ଶ୍ରୀମନ୍ଦିର ଭିତରେ କ'ଣ ଘଟିଛି ତାହାର ଯାଞ୍ଚ କରାଯାଉଛି। ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳାଙ୍କ ପ୍ରାଥମିକ ଚିକିତ୍ସା କରାଯାଇଛି ଏବଂ ସେ ସୁସ୍ଥ ଥିବା ସାହୁ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଶିଳ୍ପ ଥାଇ ନିଯୁକ୍ତି ...

ସାମାଜିକ ସଂଗଠନ, ପ୍ରଶାସନ ନୀରବ ରହିବା ଅର୍ଥ ଶିଳ୍ପପତିଙ୍କ ଦ୍ୱାରା ସେମାନେ ପରିଚାଳିତ ହେଉଥିବା ସ୍ପଷ୍ଟ ହେଉଛି ବୋଲି ଉପରୋକ୍ତ ଡିଗ୍ରୀଧାରୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଓଡ଼ିଆ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି। ତେବେ କେଉଁ କାରଣରୁ କର୍ମ ନିଯୋଜନ ସଂସ୍ଥା ଜରିଆରେ ଶିଳ୍ପ କାରଖାନାରେ ନିଯୁକ୍ତି ମିଳୁନାହିଁ ଏବଂ ପଞ୍ଜୀକରଣଗୁଡ଼ିକର ନବୀକରଣ ହ୍ରାସ ପାଇଛି ତାହାର ତଦନ୍ତ କରି ମତ ଦେଇପାରିବେ ବୋଲି ସେ କହିଛନ୍ତି।

ଅନୁଗୋଳ ଜିଲାରେ ୨୦୧୪ରେ ୪୧୨ଟି ଶିଳ୍ପ ରହିଥିଲା। ଅଦ୍ୟାବଧି ଏହି ସଂଖ୍ୟା ୫୫୬କୁ ବୃଦ୍ଧିପାଇଛି। ଜିଲା କର୍ମ ନିଯୋଜନ ସଂସ୍ଥାରେ ୨୦୧୪ରେ ୯୧୯ଜଣ ନାମ ପଞ୍ଜୀକରଣକୁ ନବୀକରଣ କରିଥିବାବେଳେ ୨୦୨୨ ବର୍ଷର ଏବେ ଯାଏ ୩୧୫ଜଣ ନବୀକରଣ କରିଛନ୍ତି। ଜିଲା କର୍ମ ନିଯୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି କହିଛନ୍ତି, ଯୁବତୀ ଓ ଯୁବକମାନେ ନାମ ପଞ୍ଜୀକରଣ କରିବା ସହ ବିଭିନ୍ନ ମାଧ୍ୟମରେ ଚାକିରି ପାଉଛନ୍ତି। କିନ୍ତୁ କେତେ ନିଯୁକ୍ତି ପାଇଛନ୍ତି ସେନେଇ ତଥ୍ୟ ନ ଥିବା ମହାନ୍ତି କହିଛନ୍ତି।

ରାୟଗଡ଼ା ଜିଲାରେ ୨୦୧୪ ସୁଦ୍ଧା ୧୫୦୯ ଶିଳ୍ପ ସଂସ୍ଥା ଥିବାବେଳେ ୨୦୨୨ ସୁଦ୍ଧା ଏହି ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇଛି। ଅର୍ଥାତ୍ ଅଦ୍ୟାବଧି ବିଭିନ୍ନ ସ୍ଥାନରେ ୩୫୯୨ ଛୋଟ, ବଡ଼ ଶିଳ୍ପ କାର୍ଯ୍ୟକ୍ଷମ ଥିବା ରାୟଗଡ଼ା ଜିଲା ଆଞ୍ଚଳିକ ଶିଳ୍ପକେନ୍ଦ୍ରର ଇଣ୍ଡଷ୍ଟ୍ରି ପ୍ରମୋଶନ ଅଫିସର ସବ୍ୟସାଚୀ ସାହୁ କହିଛନ୍ତି। କିନ୍ତୁ କର୍ମ ନିଯୋଜନ ସଂସ୍ଥାରେ ଶିକ୍ଷିତ ଯୁବତୀଯୁବକମାନଙ୍କ ନାମ ପଞ୍ଜୀକରଣର ନବୀକରଣ ଉତ୍ସାହଜନକ ନୁହେଁ। କାରଣ ୨୦୧୬ରେ ୫୫୫ଜଣ ନବୀକରଣ କରିଥିବାବେଳେ ୨୦୨୧ରେ ୩୨୬ ଏବଂ ୨୦୨୨ରେ ଅଦ୍ୟାବଧି ୧୩୮ଜଣ ନବୀକରଣ କରିଛନ୍ତି। ଏଭଳିସ୍ଥଳେ ଚଳିତବର୍ଷ ମାତ୍ର ୫୦ଜଣଙ୍କୁ ଶିଳ୍ପରେ ନିଯୁକ୍ତି ମିଳିବା ନେଇ ଜିଲା କର୍ମ ନିଯୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର କହିଛନ୍ତି, ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ମିଳୁଛି। ଜିଲାରେ ନିଯୁକ୍ତି ଦେବା ପାଇଁ ସୁଯୋଗ ସୃଷ୍ଟି କରାଯାଉଛି।

### ବିମୁଦ୍ରୀକରଣ ନିଷ୍ପତ୍ତିର ...

ରୋକିବାକୁ ଦାବି କରି ଆସୁଛନ୍ତି। ଏହାର ଅର୍ଥ ବିମୁଦ୍ରୀକରଣ ମାଧ୍ୟମରେ ଆତଙ୍କବାଦକୁ ରୋକାଯାଇପାରି ନାହିଁ। ବିମୁଦ୍ରୀକରଣ, ଜିଏସ୍‌ଟି ପରେ କୋଭିଡ୍ ସ୍ଥିତି ଦେଶର ଅର୍ଥନୀତିକୁ ଧୂଳିସାତ୍ କରିଦେଇଛି। ଏହିସବୁ ମନୁଷ୍ୟକୃତ ଏବଂ ଅର୍ଥନୈତିକ ଅନଭିଜ୍ଞତାର ପରିପ୍ରକାଶ ବୋଲି ବୁଦ୍ଧିଜୀବୀମାନେ କହିଆସୁଛନ୍ତି। ଏକଥାକୁ ସୁପ୍ରିମକୋର୍ଟ ମଧ୍ୟ ହୃଦୟଙ୍ଗମ କରିଛନ୍ତି। ବିମୁଦ୍ରୀକରଣ ନିଷ୍ପତ୍ତି ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ସୁପ୍ରିମକୋର୍ଟ ବୁଧବାର କହିବା ସହ କେନ୍ଦ୍ର ସରକାର ଏବଂ ଆର୍‌ବିଆଇଠାରୁ ବିସ୍ତୃତ ସତ୍ୟପାଠ ଲୋଡ଼ିଛନ୍ତି।

ସରକାରଙ୍କ ନୀତିଗତ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷାକୁ ନେଇ ରହିଥିବା 'ଲକ୍ଷ୍ମଣରେଖା' ପ୍ରତି ଆମେ ସଚେତନ ରହିଛୁ। ତେବେ ୨୦୧୬ ବିମୁଦ୍ରୀକରଣ ନିଷ୍ପତ୍ତିରେ ପହଞ୍ଚିବା କେବଳ ଏକ ଶୈକ୍ଷିକ ଅଭ୍ୟାସ ଥିଲା କି ନାହିଁ, ତାହାର ଅନୁଧ୍ୟାନ କରାଯିବ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗ ସାମ୍ବିଧାନିକ ଖଣ୍ଡପୀଠ ନିକଟରେ ଉଠିଛି। ଏହାର ଜବାବ ଦେବା ଖଣ୍ଡପୀଠର ଦାୟିତ୍ୱ ବୋଲି ଜଷ୍ଟିସ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି। ବିମୁଦ୍ରୀକରଣକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନ ଉପରେ ବିସ୍ତୃତ ସତ୍ୟପାଠ ଦାଖଲ ଲାଗି ସାମ୍ବିଧାନିକ ପୀଠ କେନ୍ଦ୍ର ସରକାର ଏବଂ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି।

ବିମୁଦ୍ରୀକରଣ ଅଧିନିୟମକୁ ଯଦି ଉପଯୁକ୍ତ ଦୃଷ୍ଟିକୋଣରୁ ଚ୍ୟାଲେଞ୍ଜ କରା ନ ଯାଏ, ତେବେ ଏହି ପ୍ରସଙ୍ଗ ଜରୁରୀ ଭାବେ ଶୈକ୍ଷିକ ହୋଇ ରହିଯିବ ବୋଲି ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମନି କହିଛନ୍ତି। ବ୍ୟାଙ୍କ ନୋଟ୍ (ବିମୁଦ୍ରୀକରଣ) ଅଧିନିୟମ ୧୯୭୮ରେ ଗୃହୀତ ହୋଇଥିଲା। ଅର୍ଥନୀତିକୁ କ୍ଷତି ପହଞ୍ଚାଉଥିବା ବେଆଇନ ଅର୍ଥ କାରବାରକୁ ରୋକିବା ଲାଗି ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ କେତେକ ବଡ଼ ବ୍ୟାଙ୍କନୋଟ୍‌କୁ ରଦ୍ଦ କରିବା ନିମନ୍ତେ ଏହି ଆଇନ ଅଣାଯାଇଥିଲା। ତେବେ ୨୦୧୬ର ବିମୁଦ୍ରୀକରଣ କେବଳ ଶୈକ୍ଷିକ ଥିଲା ନା ଏହା ଅନାବଶ୍ୟକ ହୋଇଥିଲା, ତାହା ଘୋଷଣା କରିବାକୁ ହେଲେ ଉଭୟ ଦିଗରୁ ଏହାକୁ ଭଲଭାବେ ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି। ଏହି ପ୍ରସଙ୍ଗର ଉତ୍ତର ପାଇବାକୁ ହେଲେ, ତାହା ଶୈକ୍ଷିକ ଥିଲା କି ନାହିଁ କିମ୍ବା ନ୍ୟାୟିକ ସମୀକ୍ଷା ପରିସର ବାହାରେ କି ନୁହେଁ, ତାହା ଶୁଣିବାକୁ ଓ ଜବାବ ଦେବାକୁ ହେବ। ଲକ୍ଷ୍ମଣରେଖା କେଉଁଠି, ତାହା ଆମେ ସବୁବେଳେ ଜାଣିଛୁ, ତେବେ ବିମୁଦ୍ରୀକରଣ ଯେଉଁ ଢଙ୍ଗରେ ହୋଇଥିଲା, ତାହାର ଯାଞ୍ଚ କରିବାକୁ ପଡ଼ିବ। ଏହା ଉପରେ ନିଷ୍ପତ୍ତି ନେବା ଲାଗି ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବାକୁ ହେବ ବୋଲି ଜଷ୍ଟିସ ନାଜିରଙ୍କ ଅଧ୍ୟକ୍ଷତାରେ ବି.ଆର୍. ଗଭାଇ, ଏ.ଏସ୍. ବୋପନ୍ନା, ଭି. ରାମସୁବ୍ରମଣ୍ୟନ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଅନ୍ୟପକ୍ଷରେ ଶୈକ୍ଷିକ ପ୍ରସଙ୍ଗ ଉଠାଇ ଅଦାଲତଙ୍କ ମୂଲ୍ୟବାନ ସମୟର ଅପଚୟ କରାଯିବା ଉଚିତ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ତେବେ ଆବେଦନକାରୀ ବିବେକ ନାରାୟଣ ଶର୍ମାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ ଏହାକୁ ଖଣ୍ଡନ କରିଥିଲେ। କାରଣ ଏଭଳି ମାମଲା ସାମ୍ବିଧାନିକ ପୀଠରେ ଉପସ୍ଥାପନ କରାଇବାକୁ ପୂର୍ବ ଖଣ୍ଡପୀଠ କହିସାରିଛନ୍ତି। ସେହିପରି ଅନ୍ୟ ଏକ ପକ୍ଷର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ କହିଥିଲେ, ଏହା ଶୈକ୍ଷିକ ପ୍ରସଙ୍ଗ ହୋଇନାହିଁ ଏବଂ ଶୀର୍ଷ ଅଦାଲତ ଏହା ଉପରେ ନିଷ୍ପତ୍ତି ନେବାକୁ ହେବ। ଏଭଳି ବିମୁଦ୍ରୀକରଣ ଲାଗି ପାର୍ଲାମେଣ୍ଟରେ ସ୍ୱତନ୍ତ୍ର ଅଧିନିୟମ ଆଣିବାର ଥିଲା ବୋଲି ସେ କହିଥିଲେ। ସବୁ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୯କୁ ଧାର୍ଯ୍ୟ କରିଛନ୍ତି।

### ମୂଲ୍ୟବୃଦ୍ଧି କମାଇବାରେ ...

ଦରଦାମ୍ ବୃଦ୍ଧି ଯୋଗୁ ଅଗଷ୍ଟରେ ମୁଦ୍ରାସ୍ଫୀତି ୭ ପ୍ରତିଶତକୁ ବଢ଼ିଥିଲା। ମୁଦ୍ରାସ୍ଫୀତିକୁ ୨ରୁ ୪ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଲାଗି ସରକାର ଆର୍‌ବିଆଇ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଥିରେ ୨ ପ୍ରତିଶତ ବେଶି କିମ୍ବା କମ୍ ହୋଇପାରେ। ତେବେ ଗତ ଏପ୍ରିଲରୁ ମୁଦ୍ରାସ୍ଫୀତି ଏହାଠାରୁ ଅଧିକ ରହିଆସିଛି। ଏହାକୁ ହ୍ରାସ କରିବାକୁ ଯାଇ ରିଜର୍ଭ ବ୍ୟାଙ୍କ କ୍ରମାଗତ ଭାବେ ରେପୋ ରେଟ୍ ବଢ଼ାଇ ଚାଲିଛନ୍ତି। ଏହାସତ୍ତ୍ୱେ ମୁଦ୍ରାସ୍ଫୀତି କମୁ ନ ଥିବାରୁ ଆଗାମୀ ଦିନରେ ସୁଧହାର ପୁଣି ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସୁଧହାର ବଢ଼ିଲେ ସାଧାରଣ ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ିବ।

ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ପ୍ରତି ଦୁଇ ମାସରେ ମୁଦ୍ରାନୀତିର ସମୀକ୍ଷା କରିଥାନ୍ତି। ମୁଦ୍ରାନୀତି ନିର୍ଦ୍ଧାରଣ ବେଳେ ଖୁଚୁରା ମୁଦ୍ରାସ୍ଫୀତି ସଂଖ୍ୟାକୁ ବିଚାରକୁ ନିଆଯାଇଥାଏ। ମୁଖ୍ୟତଃ ଇନ୍ଧନ ଓ ଖାଦ୍ୟସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବଢୁଛି। ଗତ ଫେବୃୟାରୀ ୨୪ରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଏହାର ପ୍ରଭାବ ବଜାର ଦର ଉପରେ ପଡ଼ିଛି। ଏହାକୁ ନିୟନ୍ତ୍ରଣକୁ ଆଣିବା ଲାଗି ଦୀର୍ଘ ସମୟ ଲାଗିବ ବୋଲି କୁହାଯାଉଛି। ଖୁଚୁରା ମୁଦ୍ରାସ୍ଫୀତି ବଢ଼ିବାରେ ଖାଦ୍ୟସାମଗ୍ରୀ ଦରବୃଦ୍ଧି ୪୦ ପ୍ରତିଶତ ଦାୟୀ। ସେପ୍ଟେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୬ ପ୍ରତିଶତରେ ପହଞ୍ଚିଛି, ଯାହାକି ପୂର୍ବ ମାସରେ ୭.୬୨ ପ୍ରତିଶତ ରହିଥିଲା। ସେହିପରି ଗତବର୍ଷ ସେପ୍ଟେମ୍ବରରୁ ଚଳିତ ବର୍ଷ ସେପ୍ଟେମ୍ବର ମଧ୍ୟରେ ଇନ୍ଧନ ଓ ବିଦ୍ୟୁତ୍ ଦର ୧୧.୪୪ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ଗତ ସପ୍ତାହରେ ଏକ ଡଲାରର ବିନିମୟ ମୂଲ୍ୟ ୮୨ ଟଙ୍କା ୩୨ ପଇସାରେ ପହଞ୍ଚିଛି। ଆଗାମୀ ୬ ମାସ ଯାଏ ଏହି ଚାପ ରହିବ ବୋଲି ଆଶଙ୍କା କରାଯାଉଛି।

### ଯନ୍ତ୍ରଣା ନିବାରକ ...

ପିଲ୍ ତିଆରି କରାଯାଇଛି। ଏହା ଜରିଆରେ ରୋଗୀଙ୍କୁ ଇନ୍‌ସୁଲିନ୍ ଏବଂ ଆଣ୍ଟିବାୟୋଟିକ୍ ନେବା ଅଧିକ ସହଜ ହେବ। ଶରୀରରେ ଥିବା ମ୍ୟୁକସ୍ ବ୍ୟାରିୟରକୁ ଇନ୍‌ସୁଲିନ୍ ଓ ଆଣ୍ଟିବାୟୋଟିକ୍ ସହଜରେ ଭେଦ କରିପାରେ ନାହିଁ। ଫଳରେ ଇଞ୍ଜେକ୍ସନ ଦ୍ୱାରା ନିଆଯାଉଥିବା ଇନ୍‌ସୁଲିନ୍‌ର ମାତ୍ର ୧% ଶରୀର ମଧ୍ୟରେ ପ୍ରବେଶ କରିବାକୁ ସକ୍ଷମ ହେଉଥିବାବେଳେ ଏ ପ୍ରକାର ପ୍ରତିବନ୍ଧକକୁ ରୋବୋଟିକ୍ ପିଲ ଦୂର କରିବ ବୋଲି ଏମ୍‌ଆଇଟି ପକ୍ଷରୁ କୁହାଯାଇଛି। ରୋବୋଟିକ୍ ପିଲ୍ ମ୍ୟୁକସ୍ ବ୍ୟାରିୟରକୁ ଡ୍ରିଲ୍ କରି ଶରୀର ମଧ୍ୟକୁ ପ୍ରବେଶ କରିବ। ରୋବୋଟିକ୍ ପିଲ୍ ବା ରୋବୋକ୍ୟାପ୍‌ର ଆକାର ମଲ୍ଟିଭିଟାମିନ୍ ଟାବ୍‌ଲେଟ୍ ଭଳି। ଏହା ଭିତରେ ଥିବା ଟିନି କମ୍ପାର୍ଟମେଣ୍ଟରେ ଔଷଧ (ଇନ୍‌ସୁଲିନ୍, ଆଣ୍ଟିବାୟୋଟିକ୍) ରଖାଯିବାର ସୁବିଧା ରହିଛି। ଅଣ୍ଡାକାର ରୋବୋକ୍ୟାପ୍‌ର ବହିଃପାର୍ଶ୍ୱ ଜିଲେଟିନ୍‌ରେ ତିଆରି ହୋଇଥିବାବେଳେ ଏହା ନିର୍ଦ୍ଦିଷ୍ଟ ପିଏଚ୍ (ପୋଟେନ୍‌ସିଆଲ ଅଫ୍ ହାଇଡ୍ରୋଜେନ୍)ରେ ଶରୀର ମଧ୍ୟରେ ମିଳେଇଯିବ। ପିଲ୍‌କୁ ଗିଳିବା ପରେ ଯେତେବେଳେ ଏହା ପାକସ୍ଥଳୀରେ ପହଞ୍ଚେ ଧୀରେ ଧୀରେ ବାହାରର ଆବରଣ ମିଳେଇଯାଏ। ପିଲ୍‌ରେ ଖଞ୍ଜା ଯାଇଥିବା ମୋଟର ଆକ୍ଟିଭ୍ ହୋଇଯାଏ ଓ ରୋବୋକ୍ୟାପ୍ ପାକସ୍ଥଳୀରେ ଘୂରିବା ଆରମ୍ଭ କରିଦିଏ। ମ୍ୟୁକସ୍ ବ୍ୟାରିୟର୍‌କୁ ଭେଦ କରିବା ପରେ ଔଷଧ ଥିବା କମ୍ପାର୍ଟମେଣ୍ଟ କ୍ଷୀଣ ହୋଇଯାଏ, ଯାହାଫଳରେ ଇନ୍‌ସୁଲିନ୍ ଅତି ସହଜରେ ଡାଇଜେଷ୍ଟିଭ୍ ଟ୍ରାକ୍‌ରେ ପହଞ୍ଚିଯାଏ। ପୂରା ପ୍ରକ୍ରିୟା ଶେଷ ହେବା ପରେ ରୋବୋକ୍ୟାପ୍ ଅନ୍ତନାଡ଼ି ଦେଇ ମଳଦ୍ୱାର ବାଟେ ବାହାରିଯାଏ। ଏମ୍‌ଆଇଟିର ବୈଜ୍ଞାନିକମାନେ ୭ ଘୁଷୁରିଙ୍କଠାରେ ରୋବୋକ୍ୟାପ୍‌ର ପରୀକ୍ଷାମୂଳକ ପ୍ରୟୋଗ କରିଛନ୍ତି। ଏହା ଜରିଆରେ ଶରୀରରେ ଔଷଧ ଆବ୍‌ଜର୍ଭ କରିବାର କ୍ଷମତା ୨୦ରୁ ୪୦ ଗୁଣା ବଢ଼ିଥିବା ଜଣାପଡ଼ିଛି। ଗୋଟିଏ ଘଣ୍ଟା ମଧ୍ୟରେ ରୋବୋକ୍ୟାପ୍ ଶରୀରରେ କାର୍ଯ୍ୟ କରିବା ଆରମ୍ଭ କରିଥାଏ। କମ୍ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ ପକ୍ଷେ ଏହା କିପରି କାର୍ଯ୍ୟ କରିବ, ସେନେଇ ଗବେଷଣା କରାଯିବା ଆବଶ୍ୟକ ବୋଲି ୟୁନିଭର୍ସିଟି କଲେଜ, ଲଣ୍ଡନର ଗବେଷକ ଅବଦୁଲ ବସିତ କହିଛନ୍ତି।

# ରାସ୍ତା ପାର୍ଶ୍ୱ ସୁବିଧା କେନ୍ଦ୍ରଗୁଡ଼ିକ ଉପରେ ଗୁରୁତ୍ୱ ଦିଅ: ମୁଖ୍ୟ ଶାସନ ସଚିବ

■ **୩୫ କେନ୍ଦ୍ର ପର୍ଯ୍ୟଟନ ବିଭାଗ, ୪୯ ପୂର୍ତ୍ତ ବିଭାଗ ନିର୍ମାଣ କରିଛି**
■ **ଜଙ୍ଗଲ ଓ ପରିବେଶ ବିଭାଗ ନିର୍ମାଣ କରିଛି ପର୍ଯ୍ୟଟନ ସୁବିଧା କେନ୍ଦ୍ର**

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟ ଏକ ପଦକ୍ଷେପ ଭାବେ ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ରଗୁଡ଼ିକର ଉତ୍ତମ ପରିଚାଳନା ଓ ରକ୍ଷଣାବେକ୍ଷଣ ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଲୋକସେବା ଭବନ ସଭାଗୃହରେ ଏ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ରାଜପଥ ଏବଂ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ବର୍ତ୍ତମାନ ସୁଦ୍ଧା ୮୪ ରାସ୍ତାପାର୍ଶ୍ୱ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି। ଏସବୁ କେନ୍ଦ୍ରରେ ଗାଡ଼ି ପାର୍କିଂ, ମହିଳା ଓ ପୁରୁଷ ଶୌଚାଳୟ, ପ୍ରସାଧନ ସ୍ଥାନ, ବସିବା ସ୍ଥାନ, ଚା କଫି ଓ ଜଳଖିଆ ଆଦି ସ୍ଥାନ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ୩୫ କେନ୍ଦ୍ର ପର୍ଯ୍ୟଟନ ବିଭାଗ ଏବଂ ୪୯କେନ୍ଦ୍ର ପୂର୍ତ୍ତ ବିଭାଗ ମାଧ୍ୟମରେ ନିର୍ମାଣ କରାଯାଇଛି। ଏହାଛଡ଼ା ପ୍ରକୃତି ପର୍ଯ୍ୟଟନସ୍ଥଳୀଗୁଡିକରେ ଜଙ୍ଗଲ ଓ ପରିବେଶ ବିଭାଗ ମାଧ୍ୟମରେ ମଧ୍ୟ ପର୍ଯ୍ୟଟନ-ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। ନିରନ୍ତର ପରିଚାଳନା ଏବଂ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଆଦିକୁ ବିଚାରକରି ସମ୍ପୃକ୍ତ ବ୍ଲକ୍ ଓ ଗ୍ରାମପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେଶନ ମାଧ୍ୟମରେ ଏହିସବୁ କେନ୍ଦ୍ରର ପରିଚାଳନା ନିମନ୍ତେ ନୀତିଗତ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ବିଭାଗ ଦ୍ୱାରା ସମ୍ପୃକ୍ତ ପରିଚାଳକ ସଂଘର ସକ୍ରିୟ ସହଯୋଗରେ କରାଯିବ। କେନ୍ଦ୍ରଗୁଡ଼ିକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଅଧିକ ସହଜ, ଆତିଥ୍ୟପୂର୍ଣ୍ଣ ଏବଂ ନିରାପଦ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମିଶନ ଶକ୍ତି ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# classifieds Everyday
0674-2580101, 2549302



**SALE**

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

Khurdha Collector Office ରୁ 2 k.m. distanceରେ ଘରବାରି boundary plot ମିଳୁଅଛି। Contact: 7750068828, 9439101373. D-1749

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

Gharabadi plot 1750 sqft. near SVNIRTAR HOSPITAL with road, electricity etc. to be sold. Call- 7978168941. No middleman call please. D-1756



Fullbody relax massage refresh your body with trend therapist. 7008773793. D-73650

Herbal full body massage by smart/expert therapist. Contact: 9040171280. D-73984

Newly open full body massage ladies and gents. 8327740003, 8093860513. D-73985

Herbal full body massage by smart / expert therapist. Contact: 8455985899. D-73986

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly opened full body massage center by expert therapist. 7381172169. D-73651

**AFFIDAVIT**

By virtue of an affidavit sworn in before the Executive Magistrate, Athgarh, I, Budhimanta Khan, S/o Satar Khan, Vill.- Matikot, P.O.- Arakhapatana, P.S.- Athgarh, Dist.-Cuttack affirm that as per my Aadhaar Card No.- am so. But in my SBI passbook bearing Account Number- 31101090116 my name has been wrongly described as Alimulla Khan, S/o Sattar Khan which needs to be corrected as per my Aadhaar Card. D-1758

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ସମସ୍ୟା ସାଙ୍ଗକୁ ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ । ରଚନାତ୍ମକ କାମ, ଆନୁଷ୍ଠାନିକ କ୍ଷେତ୍ର, ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି । ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ତିକ୍ତ ହେବାର ସମ୍ଭାବନା ରହିଛି। ଆଜିର ଯାତ୍ରା, ପ୍ରକାଶନ, ବ୍ୟବସାୟ, କଳା କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ପ୍ରତ୍ୟେକ ସ୍ତରରେ ଭାବିଚିନ୍ତି କାମ କରିବା ଭଲ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ, ଅଚଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ଫେରିବା ସମୟରେ ପୂର୍ବର ଆନନ୍ଦ ଆଉ ନ ଥିବ ।

**କର୍କଟ** ବନ୍ଧୁ ଅର୍ଥଲାଭର ସୁବିଧା କରାଇଲେ ମଧ୍ୟ ପାରିବାରକ କ୍ଷେତ୍ରକୁ ବିପଦସଙ୍କୁଳ କରିପାରନ୍ତି। ସଭା ସମିତିରେ କିମ୍ବା ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା ଓ ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ । ଆକସ୍ମିକ ଭାବରେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ । ଆପଣଙ୍କ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ପ୍ରଶଂସିତ ହେବେ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିବାରେ ସମର୍ଥ ହେବେ । ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ । ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ ଦିଗକୁ ମୁହାଁଇବ।

**ବିଛା** ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ । ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ। କୌଣସି ସତ୍ୟତା ନ ଥାଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିପାରନ୍ତି। ମହିଳାମାନଙ୍କ କ୍ଷେତ୍ରରେ ଅର୍ଥ ସଙ୍କଟ ଲାଗିରହିବ ।

**ମକର** ବିଭିନ୍ନ ଦିଗରୁ ମାନସିକ ଚାପ ଓ ପ୍ରତିବନ୍ଧକର ସାମନା କରି କାମ ହାସଲ କରିବାକୁ ପଡ଼ିବ। ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ସୃଷ୍ଟି ହେବ। ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇ ଖୁସି ହେବେ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ । ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ । ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

ଆଜି ଅକ୍ଟୋବର ୧୩ ତାରିଖ, ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ, କାର୍ତ୍ତିକ କୃଷ୍ଣ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର - କୃତ୍ତିକା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ମି. ଗତେ ଘ.୦୮।୩୮ମି. ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୦୨।୨୮ମି. ଗତେ ଘ.୦୩।୫୫ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୭୯,୦୩,୪୦୧ | ୬୫,୬୪,୪୨୨ | ୬୦,୭୪,୧୬,୦୨୦ |
| ଭାରତ | ୪,୪୬,୧୮,୫୩୩ | ୫,୨୮,୮୩୫ | ୪,୪୦,୬୩,୪୦୬ |
| ଓଡ଼ିଶା | ୧୩,୩୫,୧୫୩ | ୯୧୧୯(+୫୩) | ୧୩,୨୫,୩୧୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆର୍.କେ. ଶର୍ମା ଗୋପବନ୍ଧୁ ଏକାଡେମୀ ଡିଜି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମାଙ୍କୁ ଗୋପବନ୍ଧୁ ଏକାଡେମୀର ଡାଇରେକ୍ଟର ଜେନେରାଲ(ଡିଜି) ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବା ସମୟରେ ଶର୍ମା ଛୁଟିରେ ଯାଇଥିଲେ। ବିଭାଗର ଦାୟିତ୍ୱ ଅସ୍ଥାୟୀ ଭାବେ ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ଦିଆଯାଇଥିଲା। ପରେ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତଙ୍କୁ ସ୍ୱାସ୍ଥ୍ୟ ବିଭାଗ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଛୁଟିରୁ ଫେରିବା ପରେ ଶର୍ମାଙ୍କୁ ଗୋପବନ୍ଧୁ ଏକାଡେମୀର ଡିଜି ଭାବେ ନିଯୁକ୍ତି ଦିଆଯାଇଛି।

### ୮୦୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ



ଜଳେଶ୍ୱର/ଭୋଗରାଇ, ୧୨।୧୦(ଡି.ଏନ.ଏ.): ପଶ୍ଚିମବଙ୍ଗରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ୨ଟି ବାଇକ୍‌ରେ ପ୍ରାୟ ୮୦୦ ଗ୍ରାମର ବ୍ରାଉନସୁଗାରକୁ ଅବକାରୀ ବିଭାଗ ବୁଧବାର ଜବତ କରିଛି। ଏଥିରେ ୨ଟି ବାଇକ୍ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବିଭିନ୍ନ ରାସ୍ତାରେ ବ୍ରାଉନ୍‌ସୁଗାର ଆସୁଥିବା ଖବରପାଇ ଅବକାରୀ ବିଭାଗ ପକ୍ଷରୁ କେତେକ ସ୍ଥାନରେ ଜାଲ ବିଛାଇଥିଲା। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଓ ଅବକାରୀ ବିଭାଗର କର୍ମଚାରୀମାନେ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ଥାନା ଅଧୀନ ରାଜପଥ ହେଟେଲ ନିକଟରେ ଜଗିଥିବା ବେଳେ ଏକ ବାଇକରେ ଥିବା ପଥରପୁରା ଅଞ୍ଚଳର ଅନିତା ବାରିକ (୨୨) ଓ ଶୁଭାରୁଦ୍ଦିନ (୨୮)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୮୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ସେହିପରି ୫୭ ରାଜ୍ୟ ରାଜପଥର କମର୍ଦ୍ଦା ଥାନା ବାରମାଇଲ ନିକଟରୁ କଣ୍ଟାବଣିଆ ଗ୍ରାମର ଦିବାକର ନାୟକ (୨୩) ଏକ ବାଇକ୍‌ରେ ଗଲାବେଳେ ୩୨୦ ଗ୍ରାମ୍ ବ୍ରାଉନସୁଗାର ସହିତ ଏକ ବାଇକ୍‌କୁ ଜବତ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଅଭିରାମ ସାହୁ ସୂଚନା ଦେଇଛନ୍ତି।

## ଏସ୍‌ଏଏସିଏଆର୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ | ଶୀଘ୍ର ମିଳିବ କ୍ଷତିପୂରଣ

- ତଦନ୍ତ ପ୍ରକ୍ରିୟା ଦ୍ରୁତ ହେବ: ମୁଖ୍ୟମନ୍ତ୍ରୀ
- ଆକାଉଣ୍ଟକୁ ସିଧାସଳଖ ଯିବ କ୍ଷତିପୂରଣ ରାଶି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସିଙ୍ଗଲ୍‌ୱିଣ୍ଡୋ ଆପ୍ଲିକେଶନ ଆଟ୍ରୋସିଟି କମ୍ପେନସେସନ ଆସିଷ୍ଟାନ୍ସ ଫର୍ ରିଲିଫ୍ (ଏସ୍‌ଏଏସିଏଆର୍) ୱେବ୍ ପୋର୍ଟାଲକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ ଏସ୍‌ସି, ଏସ୍‌ଟି ପୀଡ଼ିତ ମାମଲାକୁ ୨୧ ଦିନରେ ତଦନ୍ତ କରି କ୍ଷତିପୂରଣ ଦେବାରେ ସହାୟତା କରିବ। ବର୍ତ୍ତମାନ ମାନୁଆଲ ଭାବେ ଚାଲୁଥିବା ତଦନ୍ତ ଓ କ୍ଷତିପୂରଣ ଯୋଗୁ ହେଉଥିବା ବିଳମ୍ବକୁ ଏସ୍‌ଏଏସିଏଆର୍ ଦୂର କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୋର୍ଟାଲର ବିକାଶ କରିଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ, ଏସ୍‌ସି ଓ ଏସ୍‌ଟି କଲ୍ୟାଣ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଧନ୍ୟବାଦ ଦେଇଛନ୍ତି। ଏହି ପୋର୍ଟାଲ ୫-ଟି ପ୍ରକ୍ରିୟାରେ ସେବା ଯୋଗାଇବାରେ ଏକ ବଳଶାଳୀ ମାଧ୍ୟମ ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଏସ୍‌ସି, ଏସ୍‌ଟି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ଏସ୍‌ସି, ଏସ୍‌ଟିମାନଙ୍କର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଡିଜିପି ସୁନୀଲ ବଂଶଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। କ୍ରାଇମ୍ ରେକର୍ଡ ବ୍ୟୁରୋ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। କ୍ଷତିପୂରଣ ରାଶି ସିଧାସଳଖ ପୀଡ଼ିତଙ୍କ ଆକାଉଣ୍ଟରେ ଜମା କରିବାକୁ ନିଷ୍ପତ୍ତି ନିଆଯାଇଛି।




## ଆଜିଠୁ ଯୁକ୍ତ୩ ପାଠପଢ଼ା

- ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ
- ୨୭ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଗୁରୁବାରଠାରୁ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ହଷ୍ଟେଲରେ ରହିବା ପାଇଁ ନାମ ଲେଖାଇଛନ୍ତି, ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ରଖିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ, ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

ସେପଟେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମଧ୍ୟ ଗୁରୁବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଯୁକ୍ତ୨ ଭଳି ଉଚ୍ଚଶିକ୍ଷା ବିଭାଗ ଯୁକ୍ତ୩ ବଳକା ସିଟ୍‌ରେ ନାମଲେଖା ଲାଗି ଛାତ୍ରୀଛାତ୍ରଙ୍କୁ ଆଉଥରେ ଆବେଦନ କରିବାକୁ ଏହି ସୁଯୋଗ ଦେଇଛି। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିଲେ, ମନୋନୀତ ହୋଇ ନାମ ଲେଖାଇ ନ ଥିଲେ, ଆଦୌ ମନୋନୀତ ହୋଇ ନ ଥିବା ଓ ଆବେଦନ କରି ନ ଥିବା ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିପାରିବେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ସାମ୍ସ ପୋର୍ଟାଲରେ ଫର୍ମ ଉପଲବ୍ଧ ହେବ। ୧୯ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୭ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧାତାଲିକା ପ୍ରକାଶ ପାଇବ। ୨୮, ୨୯ ଏବଂ ୩୧ ତାରିଖ ଅପରାହ୍ନ ୫ଟାରେ ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ନଭେମ୍ବର ୭ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ୯ ରୁ ୧୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମଲେଖା ହେବ।

ରାଜ୍ୟରେ ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨,୫୨,୧୬୫ ସିଟ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧,୬୦,୮୨୭ଜଣ ନାମଲେଖାଇଛନ୍ତି। ଏବେ ୯୧,୩୩୮ ସିଟ୍ ବଳକା ପଡ଼ିଛି। କଳାରେ ୪୦,୨୧୩, ଫିଜିକାଲ ସାଇନ୍ସରେ ୨୦,୯୯୯, ବାୟୋଲୋଜିକାଲ ସାଇନ୍ସରେ ୧୦,୯୬୩, ବାଣିଜ୍ୟରେ ୧୩,୭୩୮, ସେଲ୍ଫ ଫାଇନାନ୍ସିଂରେ ୭୦୬ ଏବଂ ସଂସ୍କୃତରେ ୪,୭୧୯ ସିଟ୍ ଖାଲି ପଡ଼ିଛି। ଏସବୁ ସିଟ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ତେବେ ୬୩ପ୍ରତିଶତରୁ ଅଧିକ ସିଟ୍ ପୂରଣ ହୋଇଥିବାରୁ ପାଠପଢ଼ା ଆରମ୍ଭ କରିବାକୁ ବିଭାଗ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିଲା।

## ୭ ଦିନ ଯାଏ ବାତ୍ୟା ସୂଚନା ନାହିଁ: ଆଇଏମ୍‌ଡି

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ଆସନ୍ତା ୨୨ରୁ ୨୪ ମଧ୍ୟରେ ଓଡ଼ିଶା ପ୍ରତି ବାତ୍ୟା ବିପଦ ରହିଥିବା ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ମଡେଲ କହୁଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏହାକୁ ଖଣ୍ଡନ କରିଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୭ ଦିନ ପର୍ଯ୍ୟନ୍ତ ପାଣିପାଗ ବିଭାଗ ପୂର୍ବାନୁମାନ କରିପାରିବ। ଏହି ସମୟ ପର୍ଯ୍ୟନ୍ତ ବାତ୍ୟାର କୌଣସି ସୂଚନା ନାହିଁ। ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ବଙ୍ଗୋପସାଗରରୁ ଜଳୀୟବାଷ୍ପ ଓଡ଼ିଶା ମଧ୍ୟକୁ ଆସୁଥିବାରୁ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଉଛି। ଦିନ ସମୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହୁଛି। ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।




**ମହା ଆୟୁର୍ବେଦ ଚିକିତ୍ସା**

ପ୍ରାକୃତିକ ଆୟୁର୍ବେଦିକ ଦେଶୀ ଜଡିବୁଟି ଓ ରତ୍ନ ଭସ୍ମଦ୍ୱାରା ଚିକିସା କରି ସୁସ୍ଥ ହୁଅନ୍ତୁ ।

ଅସାଧ୍ୟ ରୋଗରେ ପୀଡିତ ରୋଗୀ ଶୀଘ୍ର ଆସି ସାକ୍ଷାତ କରନ୍ତୁ । ଓଡ଼ିଶାର ପ୍ରସିଦ୍ଧ ବୈଦ୍ୟରାଜ ଆୟୁର୍ବେଦରତ୍ନ ଜି.ଏ.ଏମ୍.ଏସ୍. ପାଟନା, ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରେସନ ନଂ.-୮୦୩୪୩, ବୈଦ୍ୟରାଜ **ଡା. କେ.ଏନ୍. ତିୱାରୀ** ମୋବାଇଲ ନଂ.09938768971 । **ସ୍ଥାନ:ଛେଣ୍ଡ କଲୋନୀ, କ୍ୱାର୍ଟର୍ସ ନଂ-ଇସିଆର-୧୧୧, ରାଉରକେଲା-୧୫ ।**

ହୃଦୟ, ମଧୁମେହ, ଚର୍ମରୋଗ, ଅସ୍ଥମା, ଅଲସର, କାଶ, ଜ୍ୱର, ଟାଇଫଏଡ, ମ୍ୟାଲେରିଆ, ପୁରୁଷ ଶକ୍ତି, ସ୍ୱପ୍ନଦୋଷ, ପ୍ରମ୍ୟହ, ଧାତୁ ଛିଡତା, ମଳକଷ୍ଟକ ସହ ସମସ୍ତ ପ୍ରକାର ସ୍ତ୍ରୀ ରୋଗ, ସମସ୍ତ ପ୍ରକାର ବାତଗଣ୍ଠି, ମିରିଗିବାତ ସହ ସମସ୍ତ ଅସାଧ୍ୟ ରୋଗରେ ପୀଡିତ ରୋଗୀ ତୁରନ୍ତ ଯୋଗାଯୋଗ କରି ଶୀଘ୍ର ସୁସ୍ଥ ହୁଅନ୍ତୁ । ଏହି ସମସ୍ତ ପ୍ରକାର ଚିକିସାର କୌଣସି ପାର୍ଶ୍ୱପ୍ରକ୍ରିୟା ନାହିଁ । ଶତପ୍ରତିଶତ ବହୁ ରୋଗୀ ଠିକ୍ ହେବାର ଗ୍ୟାରେଣ୍ଟି ମଧ ରହିଛି ।


## ଜୁଡିସିଆଲ ଇନ୍‌ଫ୍ରାଷ୍ଟ୍ରକଚର ମ୍ୟାନେଜମେଣ୍ଟ ଏଜେନ୍ସି ଆରମ୍ଭ

### ସମଗ୍ର ଦେଶରେ ପ୍ରଥମ

କଟକ ଅଫିସ,୧୨।୧୦

ନ୍ୟାୟିକ ବ୍ୟବସ୍ଥାରେ ହେଉଥିବା ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ହାଇକୋର୍ଟଙ୍କ ସହଯୋଗରେ ଏକ ସ୍ୱତନ୍ତ୍ର ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା କଟକସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ସର୍କଲ କାର୍ଯ୍ୟାଳୟ ପରିସରରେ ବୁଧବାରଠାରୁ କାର୍ଯ୍ୟାରମ୍ଭ କରିଛି। ଜୁଡିସିଆଲ ଇନ୍‌ଫ୍ରାଷ୍ଟ୍ରକଚର ମ୍ୟାନେଜମେଣ୍ଟ ଏଜେନ୍ସି (ଜିମା) ନାମକ ଏହି ସଂସ୍ଥା ସମଗ୍ର ରାଜ୍ୟର ବିଚାର ବ୍ୟବସ୍ଥାରେ ନିର୍ମାଣ କାର୍ଯ୍ୟକୁ ପରିଚାଳନା କରିବ। ଏଭଳି ଏକ ବ୍ୟବସ୍ଥା ସମଗ୍ର ଦେଶରେ ପ୍ରଥମ ବୋଲି ହାଇକୋର୍ଟ ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ, ୨୦୨୨ ଏପ୍ରିଲରେ ଦିଲ୍ଲୀଠାରେ ଅନୁଷ୍ଠିତ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କ ସମ୍ମିଳନୀରେ ନ୍ୟାୟିକ ବ୍ୟବସ୍ଥାରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ତଦାରଖ ତଥା ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସଂସ୍ଥାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ନ୍ୟାୟିକ ବ୍ୟବସ୍ଥାରେ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଅଦାଲତ କୋଠା, ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ନିମନ୍ତେ ଆବଶ୍ୟକ ଆବାସିକ ଗୃହ ନିର୍ମାଣ ଆଦି ବେଳେ ଗୁଣବତ୍ତା ପରଖିବା ଏକ ବହୁତ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ସ୍ୱତନ୍ତ୍ର ସଂସ୍ଥା ଜିମା ନିର୍ମାଣ କାର୍ଯ୍ୟ ପରିଚାଳନା କରିବା ସହ ସାରା ରାଜ୍ୟରେ ଥିବା ଅଦାଲତଗୁଡ଼ିକରେ ଭିତ୍ତିଭୂମିର ରକ୍ଷଣାବେକ୍ଷଣ, ମରାମତି ଆଦି କାର୍ଯ୍ୟ କରିବ। ଏହା ଏକ ନୋଡାଲ ଏଜେନ୍ସି ଭାବେ ନିର୍ମାଣ କାର୍ଯ୍ୟର ତଦାରଖ, ନିର୍ମାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ଓ ଆର୍ଥିକ ସ୍ଥିତି ଉପରେ ନଜର ରଖିବ। ଜିମାରେ ନିଯୁକ୍ତ ଇଞ୍ଜିନିୟର ଓ ଆର୍କିଟେକ୍ଟମାନେ ନିର୍ମାଣ ପ୍ରକଳ୍ପଗୁଡ଼ିକର ଡ୍ରଇଂ, ଡିଜାଇନ ପ୍ରସ୍ତୁତ କରିବା, ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ, ବାର୍ଷିକ ରକ୍ଷଣାବେକ୍ଷଣ, ତଦାରଖ ଆଦି କାର୍ଯ୍ୟ କରିବେ।

ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏହି ସରକାରୀ ସଂସ୍ଥା ଜିମାକୁ ଆନୁଷ୍ଠାନିକ ଭାବେ କଟକସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ସର୍କଲ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟ ବିଲ୍ଡିଂ କମିଟି ଫର ହାଇକୋର୍ଟ ପ୍ରୋଜେକ୍ଟସ୍‌ର ଚେୟାରମ୍ୟାନ ବିଚାରପତି ଯଶୱନ୍ତ ସିଂହ, ହାଇକୋର୍ଟ ବିଲ୍ଡିଂ କମିଟି ଫର ସବ୍‌ଅର୍ଡିନେଟ କୋର୍ଟସ୍ ବିଚାରପତି ବି. ଆର୍. ଷଡ଼ଙ୍ଗୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ବିଚାରପତି ଆର୍. ବାଲକ୍ରିଷ୍ଣ, ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବଙ୍କ ସମେତ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ, ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର 'ଜୀମା'କୁ ଉଦ୍‌ଘାଟନ କରୁଛନ୍ତି।

## ରାଜଧାନୀରେ ସାଇବର ଠକେଇ | ସେପ୍ଟେମ୍ବରରେ ଲୁଟିନେଲେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ବାରମ୍ବାର ସଚେତନତା ସତ୍ତ୍ୱେ ରାଜଧାନୀବାସୀ ଚେତୁ ହେଉନାହାନ୍ତି। ଦିନକୁ ଦିନ ସାଇବର ଠକଙ୍କ ଜାଲରେ ପଡି ଟଙ୍କା ହରାଉଛନ୍ତି। ଗତ ୬ ମାସ ତଥ୍ୟକୁ ଦେଖିଲେ ଏହା ଜଳଜଳ ଦିଶୁଛି। ଏହି ସମୟ ମଧ୍ୟରେ ୧୫ ଶହରୁ ଅଧିକ ସାଇବର ଠକେଇ ମାମଲା ରୁଜୁ ହୋଇଥିବାବେଳେ ୬ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି ଠକ। ଏପ୍ରିଲରେ ୭୬ଲକ୍ଷ ଟଙ୍କା, ମେ'ରେ ୭୫ ଲକ୍ଷ ୭୫ ହଜାର, ଜୁନ୍‌ରେ ୧.୬ କୋଟି, ଜୁଲାଇରେ ୧.୩୮ କୋଟି, ଅଗଷ୍ଟରେ ୮୦ ଲକ୍ଷ ଠକେଇ ହୋଇଥିବାବେଳେ ସେପ୍ଟେମ୍ବରରେ ୧ କୋଟି ୭ଲକ୍ଷ ୭୧ ହଜାର ୩୪୮ ଟଙ୍କା ହରାଇଛନ୍ତି ରାଜଧାନୀବାସୀ। ଏହି ମାସରେ ସାରା ରାଜ୍ୟରୁ ୩୭୯ଟି ଅଭିଯୋଗ ଆସିଥିଲା। ୩୨୬ଟି ଭୁବନେଶ୍ୱରରୁ ଆସିଥିବାବେଳେ ଅନ୍ୟାନ୍ୟ ଜିଲାରୁ ମାତ୍ର ୫୩ଟି ରହିଛି। ସର୍ବାଧିକ ୧୪୨ ଅଭିଯୋଗ ୟୁପିଆଇଜନିତ, ୭୨ଟି କ୍ରେଡିଟ ଓ ଡେବିଟ କାର୍ଡ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ୩୭ଟି ଅଭିଯୋଗ ରହିଛି। ଅପରପକ୍ଷରେ ଠକେଇ ହୋଇଥିବା କୋଟିଏରୁ ଅଧିକ ଟଙ୍କାରୁ ମାତ୍ର ୧୯ ଲକ୍ଷ ୮୧ ହଜାର ୧୨୯ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବାବେଳେ ୨୦ ଲକ୍ଷ ୫୪ ହଜରା ୯୬୪ ଟଙ୍କା ଫ୍ରିଜ୍ କରାଯାଇଛି। ତେଣୁ ଗତ ୬ ମାସର ଏହି ରିପୋର୍ଟକୁ ଦେଖିଲେ ପୁଲା ପୁଲା ଅଭିଯୋଗ ଆସୁଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିପାରୁନାହିଁ। ଫଳରେ ଠକେଇ ଟଙ୍କା ଫେରି ପାଉନାହାନ୍ତି ଅଭିଯୋଗକାରୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ଅପାଠୁଆ ନୁହେଁ, ବରଂ ଶିକ୍ଷିତ ବର୍ଗର ଲୋକେ ସାଇବର ଜାଲରେ ଶିକାର ହେଉଛନ୍ତି। ସୂଚନାଯୋଗ୍ୟ, ସାଇବର ଠକମାନେ ବିଭିନ୍ନ ପ୍ରଲୋଭନ ଆଳରେ ଠକେଇ କରିଚାଲିଛନ୍ତି। ବିଦ୍ୟୁତ ବକେୟା ବିଲ୍, ଚାକିରି ଲୋଭ, ସେୟାର ମାର୍କେଟ, ଲୋନ କରାଇଦେବା, ପ୍ରେମ ଓ ସହଯୋଗ କରିବା ବାହାନା ଆଦି ମାଧ୍ୟମରେ କୋଟି କୋଟି ଟଙ୍କା ଆଖିପିଛୁଳାକେ ଆକାଉଣ୍ଟରୁ ଗାଏବ କରିଦେଉଛନ୍ତି।

## କାଏମ ରହିଲା ଆସୋସିଏଶନ ପଞ୍ଜୀକରଣ ସ୍ଥଗିତାଦେଶ

### ଆପାର୍ଟମେଣ୍ଟ ଆସୋସିଏଶନ ମାଲିକାନା ମାମଲା

### ନଭେମ୍ବର ୨୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୨।୧୦

ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ପକ୍ଷରୁ ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏଶନ ପଞ୍ଜିକରଣ ସ୍ଥଗିତାଦେଶ ହଟାଇବା ପାଇଁ ଆଗତ ମାମଲାକୁ ବୁଧବାର ହାଇକୋର୍ଟ ଖାରଜ କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ବିନା ଅନୁମତିରେ ସ୍ଥଗିତାଦେଶ ହଟାଇବା ନେଇ ଆବେଦନ ଉପରେ ଓରେରାକୁ ଭର୍ତ୍ସନା କରିଛନ୍ତି। ତେବେ ସରକାର ଆପାର୍ଟମେଣ୍ଟ ମାଲିକଙ୍କ ଆସୋସିଏଶନ ପଞ୍ଜୀକରଣ ନିମନ୍ତେ ନୂତନ ସଂଶୋଧିତ ଆଇନ ଆଣିବା ପର୍ଯ୍ୟନ୍ତ ସ୍ଥଗିତାଦେଶ କାଏମ ରହିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ପ୍ରକାଶ ଯେ, ଆପାର୍ଟମେଣ୍ଟ ମାଲିକମାନଙ୍କ ଆସୋସିଏଶନ ପଞ୍ଜୀକରଣ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଆଧାରରେ କରାଇବା ନିମନ୍ତେ ଓରେରା ବିଜ୍ଞପ୍ତି ଜାରି କରିଥିଲା। ଏହା ବିରୋଧରେ ହାଇକୋର୍ଟରେ ଆଗତ ଆବେଦନର ଶୁଣାଣି କରି ଗତ ୩୦ ତାରିଖରେ ଉଚ୍ଚ ଅଦାଲତ ଏହି ପଞ୍ଜିକରଣ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ତେବେ ସ୍ଥଗିତାଦେଶକୁ ହଟାଇବା ନିମନ୍ତେ ପୁଣି ଓରେରା ପକ୍ଷରୁ ବୁଧବାର ହାଇକୋର୍ଟରେ ଆବେଦନ କରାଯାଇଥିଲା। ନୂଆ ଆପାର୍ଟମେଣ୍ଟ ମାଲିକାନା ଆଇନ ଆଣିବା ନିମନ୍ତେ ଏକାଧିକ ଥର ହାଇକୋର୍ଟରେ ସତ୍ୟପାଠ ଦାଖଲ କରୁଥିଲେ ବି ଏଯାଏ ଅଣାଯାଇ ପାରୁନାହିଁ। ଫଳରେ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ନୂତନ ଆଇନ ଆସିବା ପର୍ଯ୍ୟନ୍ତ ସ୍ଥଗିତାଦେଶ ବଜାୟ ରହିବ ବୋଲି ସ୍ପଷ୍ଟ କରିଥିଲେ। ମାମଲାର ପରବର୍ତ୍ତୀ ତାରିଖ ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ଶୁଣାଣି ତାରିଖ ପୂର୍ବରୁ ନୂତନ ଆଇନ ଆଣିବା ନିମନ୍ତେ ଓରେରା ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଆପାର୍ଟମେଣ୍ଟ ଆସୋସିଏଶନ ଅଫ୍ ଆଲଟିଜ୍ ଗଠନ ଓ କମନ୍ ଏରିଆ ଅଫ ଲ୍ୟାଣ୍ଡକୁ ଆସୋସିଏଶନ ଅଫ ଆଲଟିଜ୍‌ଙ୍କ ନାମରେ ପଞ୍ଜୀକରଣ ପାଇଁ ଅନୁମତି ଦେବାକୁ ନେଇ ୨୦୧୯ରେ ବିମଳେନ୍ଦୁ ପ୍ରଧାନଙ୍କ ଦ୍ୱାରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ରାଜ୍ୟରେ ରିୟଲ ଇଷ୍ଟେଟ ଓ ପ୍ରମୋଟରଙ୍କ ଦ୍ୱାରା ବ୍ୟବସାୟିକ ଉଦ୍ଦେଶ୍ୟରେ ଆପାର୍ଟମେଣ୍ଟ ନିର୍ମାଣ କରାଯାଉଛି। ହେଲେ ଆପାର୍ଟମେଣ୍ଟର ଫ୍ଲାଟ୍‌କୁ ଛାଡ଼ି ରହୁଥିବା କମନ୍ ଏରିଆ ବିଲଡରଙ୍କ ହାତରେ ରହୁଛି। ଫଳରେ ଆପାର୍ଟମେଣ୍ଟ ମାଲିକମାନେ ଉକ୍ତ ସ୍ଥାନକୁ ବିନିଯୋଗ କରିପାରୁନାହାନ୍ତି। ଆପାର୍ଟମେଣ୍ଟ ମାଲିକାନା ଆଇନ-୧୯୮୨କୁ କାର୍ଯ୍ୟକାରୀ କରି ମାଲିକ ଆସୋସିଏଶନ ପଞ୍ଜୀକରଣ ମଧ୍ୟ ହୋଇପାରୁ ନାହିଁ। ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଣୟନ ହୋଇଥିବା ଓରେରା ଆଇନ ଏଥିପାଇଁ ବାଧକ ହୋଇଛି। ଉକ୍ତ ଆଇନ ପରିସରରେ ଆସୋସିଏଶନ ଗଠନ କରିବାକୁ ନିର୍ଦ୍ଦେଶ ଥିବାରୁ ତାହା ସମ୍ଭବ ହୋଇପାରୁନାହିଁ। ମାମଲାର ପରିଚାଳନା ପାଇଁ ସରକାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସଚିବଙ୍କୁ କମ୍ପିଟେଣ୍ଟ ଅଥରିଟି ଭାବେ ନିଯୁକ୍ତ କରିଥିଲେ। ଗତ ଅଗଷ୍ଟ ୨୪ ତାରିଖ ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ନୂଆ ନିୟମ ଆସିବାକୁ ପ୍ରକ୍ରିୟା ଚାଲୁ ରହିଥିବାରୁ ମାଲିକମାନେ ସଂଘ ଗଠନ କରିବା ନିମନ୍ତେ ସରକାର ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।






# ଧନର ସ୍ୱରୂପ ଓ ଲକ୍ଷ୍ମୀ



ଦେବଦତ୍ତ ପଟ୍ଟନାୟକ

ପୁରାଣରେ ବରୁଣ, ପୁଲୋମନ ଓ ଭୃଗୁଙ୍କୁ ଲକ୍ଷ୍ମୀଙ୍କ ତିନି ପିତା ଭାବେ ବର୍ଣ୍ଣନା କରାଯାଇଛି। ବେଦରେ ବରୁଣ ହେଉଛନ୍ତି ଅସୁର, କିନ୍ତୁ ପୁରାଣରେ ସମୁଦ୍ରର ଦେବତା। ପୁରାଣ ପୁଲୋମନଙ୍କୁ ଅସୁର ରାଜା ଭାବେ ଓ ଭୃଗୁଙ୍କୁ ଅସୁର ଗୁରୁ ଭାବେ ବର୍ଣ୍ଣନା କରିଛି। ଏଥିପାଇଁ ଲକ୍ଷ୍ମୀ ହେଉଛନ୍ତି ଅସୁରଙ୍କ କନ୍ୟା। ପୁରାଣରେ ଦେବତା ଅସୁର ଉଭୟେ ବ୍ରହ୍ମାଙ୍କ ସନ୍ତାନ। ଦେବତା ସ୍ୱର୍ଗରେ ଏବଂ ଅସୁର ପାତାଳରେ ରହନ୍ତି। ସବୁ ଧନ ରହିଛି ପୃଥିବୀ ତଳେ ପାତାଳରେ। ଏଥିପାଇଁ ମାଟିତଳୁ ମଞ୍ଜିରୁ ଗଜା ବାହାରେ, ମାଟିତଳେ ଧାତୁ ସୃଷ୍ଟି ହୋଇଥାଏ ଏବଂ ପାଣି ବି ରହିଛି। ଏହିସବୁ ଧନକୁ ବାହାରକୁ ଆଣିବା ଲାଗି ଆମେ ସୂର୍ଯ୍ୟ, ବାୟୁ ,ଅଗ୍ନି ଓ ବର୍ଷା ଦରକାର କରୁ। ଅର୍ଥାତ୍ ଆମେ ଦେବତାଙ୍କୁ ଆବଶ୍ୟକ କରୁ, ଯେଉଁମାନେ ମଣିଷଙ୍କ ମଙ୍ଗଳରେ କାମ କରୁଥିବାରୁ ସେମାନେ ଭଗବାନ୍ ପାଲଟିଛନ୍ତି। ଅସୁରମାନେ ମାନବଙ୍କୁ ଲକ୍ଷ୍ମୀ (ଧନ)ଦେବା ଲାଗି ଦେବତାଙ୍କୁ ପ୍ରତିରୋଧ କରୁଥିବାରୁ ସେମାନେ ରାକ୍ଷସ ହୋଇଛନ୍ତି।

ସମୁଦ୍ରର ଦେବତା ବରୁଣ। ସେ ଲୁଣ, ମାଛ ଓ ମୁକ୍ତାକୁ ଧନ ଆକାରରେ ମୁକ୍ତରେ ପ୍ରଦାନ କରିଥାନ୍ତି ଓ ତା' ପ୍ରତିବଦଳରେ କିଛି ମାଗି ନ ଥାନ୍ତି। ଏଥିପାଇଁ ସମ୍ଭବତଃ ବରୁଣଙ୍କୁ ଅସୁର ନୁହେଁ ଦେବତା ଭାବେ ଗ୍ରହଣ କରାଯାଏ। ବରୁଣ ମଧ୍ୟ ଉଦାରତାର ପ୍ରତୀକ ଓ ବାସ୍ତବରେ ଧନୀ। ପୁଲୋମନ ପାତାଳର ଶାସକ। ସେ ସହଜରେ ଲକ୍ଷ୍ମୀଙ୍କୁ ଛାଡ଼ନ୍ତି ନାହିଁ। ସେଥିପାଇଁ ପୃଥିବୀରୁ ଧନ ପାଇବା ଲାଗି ମାନବ ଜାତିକୁ ଜଟିଳ କୃଷି ଓ ଖଣି ଉତ୍ତୋଳନ ପଦ୍ଧତି ଆବିଷ୍କାର କରିବାକୁ ପଡ଼ିଛି। ଯେଉଁ ଧନ ମିଳିଛି ତାହାକୁ ପୁଲୋମି(ପୁଲୋମନଙ୍କ କନ୍ୟା) କୁହାଯାଉଛି, ଯାହା ଲକ୍ଷ୍ମୀଙ୍କର ଅନ୍ୟନାମ।

ଭୃଗୁ ଅସୁରମାନଙ୍କ ଗୁରୁ। ସେ ଆଗତ ଭବିଷ୍ୟତ ଗଣନକାର। ତାଙ୍କ ପୁତ୍ର ଶୁକ୍ର ସୃଜନ ସହ ଜଡ଼ିତ। ଯେଉଁ ଲୋକ ଭବିଷ୍ୟତ ଗଣନା କରିପାରେ ଓ ଯାହାଙ୍କର ଦୂରଦୃଷ୍ଟି ଏବଂ ସୃଜନଶୀଳତା ରହିଛି ସେ ଧନ ସୃଷ୍ଟି କରିବାର ବହୁ ସମ୍ଭାବନା ରହିଛି। ଏଥିପାଇଁ ଲକ୍ଷ୍ମୀଙ୍କୁ ଭାର୍ଗବୀ (ଭୃଗୁଙ୍କ କନ୍ୟା)କୁହାଯାଏ। ସେଥିପାଇଁ ସେ ଶୁକ୍ରଙ୍କ ଭଉଣୀ। ଲକ୍ଷ୍ମୀ ଯେତେବେଳେ ପିତାଙ୍କ ସାମ୍ରାଜ୍ୟ ପରିତ୍ୟାଗ କରି ବାହାରକୁ ପ୍ରକଟିତ ହୁଅନ୍ତି ସେତେବେଳେ ତାଙ୍କ ମୂଲ୍ୟ ଆସିଥାଏ। ତେବେ ପୃଥିବୀ ପୃଷ୍ଠରୁ ଧନ ଉତ୍ପାଦନ କରିବା ଏକ ହିଂସୁକ ପଦ୍ଧତି। ଜମି ଏବଂ ମାନବ ବସତି ପାଇଁ ଜଙ୍ଗଲ ଧ୍ୱଂସ କରିବାକୁ ପଡ଼ିବ। ଶିଳ୍ପ ପାଇଁ ଭୂଗର୍ଭରୁ କଞ୍ଚାମାଲ ଉତ୍ତୋଳନ କରିବାକୁ ହେବ। ଅନ୍ୟ ଅର୍ଥରେ, ଲକ୍ଷ୍ମୀଙ୍କୁ ପାଇବାକୁ ହେଲେ ଅସୁରଙ୍କୁ ମାରିବାକୁ ପଡ଼ିବ। ଅନ୍ୟପକ୍ଷରେ ଲକ୍ଷ୍ମୀ ତାଙ୍କ ପିତାଙ୍କ ରାଜ୍ୟ ଛାଡ଼ିଲେ ହିଁ ଚମକିବେ। ପ୍ରକୃତିରୁ ପ୍ରାପ୍ତ ଧନକୁ କଳସୀ ମାଧ୍ୟମରେ ପ୍ରତିପାଦିତ କରାଯାଏ। କଳସୀ ହେଉଛି ଶିଳ୍ପ ଏବଂ ବାଣିଜ୍ୟ କାରବାରର ପ୍ରତୀକ। କଳସୀ ଯିଏ କି ସ୍ୱୟଂ ଲକ୍ଷ୍ମୀ ତାହା ଇନ୍ଦ୍ରଙ୍କ ଅଧୀନରେ ରହିଛି, ଯାହା ଅସୁରମାନଙ୍କଠାରୁ ଛଡ଼ାଇ ଅଣାଯାଇଛି।



ଦେବତାମାନଙ୍କ ଦ୍ୱାରା ନିହତ ଅସୁରମାନଙ୍କୁ ଶୁକ୍ର ବାରମ୍ବାର ପୁନର୍ଜୀବନ ଦେଇଛନ୍ତି , ଯାହା ସଞ୍ଜୀବନୀ ବିଦ୍ୟ୍ୟା ଭାବେ ଜଣାଶୁଣା। ଏହି ବିଦ୍ୟା ମୃତକଙ୍କୁ ପୁନର୍ଜୀବନ ପ୍ରଦାନ କରେ। ଏହା ପୃଥିବୀର ଉର୍ବରତାର ସଙ୍କେତ, ଯାହା ବର୍ଷ ପରେ ବର୍ଷ ଶସ୍ୟ ଫେରାଇ ଆଣିପାରିଥାଏ। ଶସ୍ୟ ଉତ୍ପାଦନକୁ ଦେବତାଙ୍କ ଦ୍ୱାରା ଅସୁରମାନଙ୍କ ବଧ ସହ ସମାନ ବୋଲି ବିଚାର କରାଯାଏ। ଏହି ହିଂସକ କାର୍ଯ୍ୟ ଲକ୍ଷ୍ମୀଙ୍କୁ କୃଷକଙ୍କ ଘରକୁ ଆଣିବାରେ ସହାୟକ ହୋଇଥାଏ। ଭାରତର ଶସ୍ୟ ଅମଳର ପର୍ବ ବସନ୍ତ ନବରାତ୍ରି (ବସନ୍ତରେ ପୂଜିତା ଦେବୀ) କିମ୍ବା ଶରଦ ନବରାତ୍ରି (ଶରତରେ ପୂଜିତା ଦେବୀ) ଭାରତର ଶୀତ ଓ ଗ୍ରୀଷ୍ମ କାଳର କୃଷି ଚକ୍ରକୁ ସୂଚିତ କରେ। ଏହା ଅସୁରମାନଙ୍କ ବଧ ସହ ଜଡ଼ିତ। ଉଦାହରଣ ସ୍ୱରୂପ, ଦଶହରାରେ ଦୁର୍ଗା ମହିଷାସୁରକୁ ଏବଂ ଦୀପାବଳିରେ କୃଷ୍ଣ ନରକାସୁରକୁ ବଧ କରିଥାନ୍ତି। ଦେବତା ଓ ଅସୁରଙ୍କ ଯୁଦ୍ଧ ସବୁବେଳେ ଲାଗି ରହିଛି। ଯେ ପର୍ଯ୍ୟନ୍ତ ମଣିଷ ଫସଲ ପାଇଁ ପ୍ରକୃତି ଉପରେ ନିର୍ଭର କରୁଥିବା ଏବଂ ପ୍ରକୃତିର ଉର୍ବରତା ପୁନଃ ସୃଷ୍ଟି ହେବା ଲାଗି ଚାହୁଁଥିବ ସେ ପର୍ଯ୍ୟନ୍ତ ଏଭଳି ଯୁଦ୍ଧ ଲାଗି ରହିବ। ଏହା କେବେ ବି ଶେଷ ହେବ ନାହିଁ।

ଇନ୍ଦ୍ରଙ୍କ ସ୍ତ୍ରୀ ଭାବେ ଲକ୍ଷ୍ମୀ ସଚୀ ଏବଂ ଇନ୍ଦ୍ର ସଚିନ ଭାବେ ଜଣାଶୁଣା। ଅମରାବତୀରେ ଲକ୍ଷ୍ମୀଙ୍କ ପାଦ ପଡିବା ପରେ ତାହା ସ୍ୱର୍ଗ ପାଲଟିଯାଇଛି। ସେ ସାଥିରେ ଇଚ୍ଛା ପୂରଣ କରୁଥିବା କଳ୍ପତରୁ, ମନୋବାଞ୍ଛା ପୂରଣ କରୁଥିବା ଗାଈ କାମଧେନୁ, ରତ୍ନ ପାଇବା ଆଶା ପୂରଣ କରୁଥିବା ଚିନ୍ତାମଣି , ଅହର୍ନିଶ ଶସ୍ୟ ଓ ସୁନା ବାହାରୁଥିବା ଅଳଙ୍କାରର ପାତ୍ର ଅକ୍ଷୟପାତ୍ର ଆଣିବାରୁ ଅମରାବତୀ ସ୍ୱର୍ଗ ହୋଇଯାଇଛି। ଏହିସବୁ ଧନ ଭଣ୍ଡାର ଯୋଗୁ ଦେବତାମାନେ ଆରାମଦାୟକ ଜୀବନ ଜିଉଛନ୍ତି। ତେବେ ଲକ୍ଷ୍ମୀ ଦେଇଥିବା ସବୁ ସୁଖ ପାଇବାକୁ ଇନ୍ଦ୍ର କାହିଁକି ଯୋଗ୍ୟ ତାହା ପୁରାଣ ସ୍ପଷ୍ଟ କରିନାହିଁ।

ଆଧୁନିକ ଯୁଗ କାହାଣୀର ନୂଆ ସଂସ୍କରଣ ବହୁ ସମୟରେ ଅସୁରଙ୍କୁ ମୂଳ ଜଙ୍ଗଲୀ ନିବାସୀ ଭାବେ ବିଚାର କରେ। ଦେବତାଙ୍କୁ ପ୍ରବାସୀ ଭାବେ ବର୍ଣ୍ଣନା କରିଛି, ଯେଉଁମାନେ ଉନ୍ନତ କୃଷି ଓ ଗାଉଁଲି ଜ୍ଞାନକୌଶଳ ନେଇ ଆସିଥିଲେ। ଏହି କାରଣରୁ ସାମାଜିକ ବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କରାଯାଏ ଯେ, ଅସୁର ଓ ଦେବତାଙ୍କ ମଧ୍ୟରେ ସୀମାହୀନ ଯୁଦ୍ଧ ଲାଗିଛି। ଦେବତାଙ୍କୁ ଅତି ଧନୀ ଓ ଅସୁରଙ୍କୁ ନିର୍ଦ୍ଧନ ଭାବେ ବିବେଚନା କରାଯାଏ। ପରମ୍ପରାବାଦୀମାନେ ଦେବତାଙ୍କୁ ସମର୍ଥ ଭାବେ ପ୍ରତିପାଦିତ କରି ସେମାନେ ଲକ୍ଷ୍ମୀଙ୍କୁ ପାଇବା ପାଇଁ ହକଦାର ବୋଲି କହିଥାନ୍ତି। କିନ୍ତୁ ପୁରାଣ ବର୍ଣ୍ଣିତ ଇନ୍ଦ୍ରୀୟ ସୁଖରେ ମଜ୍ଜିଥିବା ଇନ୍ଦ୍ରଙ୍କୁ ଦେଖିଲେ ଏହାର ମାନେ କିଛି ନାହିଁ।

ଯଦି ଦେବତାମାନେ ଲକ୍ଷ୍ମୀଙ୍କୁ ପାତାଳରୁ ଚୋରି କରି ନେଇ ନ ଥାନ୍ତେ, ତେବେ ଲକ୍ଷ୍ମୀଙ୍କର ମୂଲ୍ୟ କିଛି ରହି ନ ଥାନ୍ତା। କିନ୍ତୁ ଅସୁରମାନଙ୍କୁ ଚୋର ଦୃଷ୍ଟିରେ ଦେଖାଯାଏ ନାହିଁ। ସେମାନେ କେବଳ ସେମାନଙ୍କ ଭଉଣୀଙ୍କୁ ଫେରିପାଇବା ପାଇଁ ଚାହାନ୍ତି। ଏଣୁ ସେମାନେ ଅମରାବତୀକୁ ଘେରାବନ୍ଦୀ କରି ସବୁବେଳେ ଦେବତାଙ୍କ ସହ ଯୁଦ୍ଧ କରିଥାନ୍ତି। ଏହା ସ୍ୱର୍ଗକୁ ଏକ ସୀମାହୀନ ଯୁଦ୍ଧର କ୍ଷେତ୍ର କରିଛି। ଆଧୁନିକ ଦୃଷ୍ଟିକୋଣରୁ ଧନର ଜନକ ସହିତ ଇନ୍ଦ୍ର ଏବଂ ଦେବତାଙ୍କୁ ଆମେ ସମାନ ବୋଲି ବିଚାର କରିପାରିବା। କିନ୍ତୁ ଧନ ଉତ୍ପାଦକ ବହୁସମୟରେ ସମାଲୋଚନାର ଶିକାର ହୋଇଥାନ୍ତି କାରଣ ଧନ ଉତ୍ପାଦନ ସବୁବେଳେ ହିଂସକ ହୋଇଥାଏ। ଧନ ଉତ୍ପାଦନ ଲାଗି ପରିସଂସ୍ଥା ନଷ୍ଟ ହେଉଛି । ଶିଳ୍ପ ଓ ବାଣିଜ୍ୟିକ କାରବାର ବଞ୍ଚାଇ ରଖିବାକୁ ଲୋକେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଧନ ଉତ୍ପାଦନ ପଦ୍ଧତି ଆର୍ଥିକ ଦୃଷ୍ଟିରୁ ସାମାଜିକ ସ୍ତରରେ ବିଭେଦ ସୃଷ୍ଟି କରେ। ଯେଉଁମାନେ ଶିଳ୍ପ ଓ ମାର୍କେଟ ପ୍ରତିଷ୍ଠା କରନ୍ତି(ଦେବତା ?) ସେମାନଙ୍କ ଶିଳ୍ପ ଓ ମାର୍କେଟରେ କାର୍ଯ୍ୟରତ ଲୋକ ( ଅସୁରମାନେ ?) ଶେଷରେ ବଞ୍ଚିତ ଏବଂ ବହୁ ସମୟରେ ଶୋଷିତ ହୋଇଥାନ୍ତି । ହେଲେ ସେମାନଙ୍କ ଠାରୁ ଉତ୍ପାଦିତ ଧନର ସିଂହଭାଗ ଦାବି କରିବାକୁ ଶିଳ୍ପ ଓ ମାର୍କେଟ ପ୍ରତିଷ୍ଠାତାମାନେ ଯୋଗ୍ୟ ବୋଲି ଅନୁଭବ କରନ୍ତି।

ଦେବତାମାନେ କିଛି ଉତ୍ପାଦନ ନ କରି ବିଶାଳ ଧନ ସାମ୍ରାଜ୍ୟ ଉପଭୋଗ କରୁଛନ୍ତି, କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ପରିବାରରେ ଜନ୍ମ ହୋଇଛନ୍ତି। ଇନ୍ଦ୍ର ବିଶେଷ ଅଧିକାର ସହ ଜନ୍ମ ହୋଇଥିବାରୁ ଏହି ଅନ୍ୟାୟ ସ୍ଥିତିକୁ ଦେଖିବାକୁ ସକ୍ଷମ ନୁହନ୍ତି । ସେ ମଧ୍ୟ ଅସୁରମାନଙ୍କ କ୍ରୋଧକୁ ବୁଝିବାକୁ ଅକ୍ଷମ। ପ୍ରତ୍ୟେକ ଗୋଷ୍ଠୀ ପରସ୍ପରକୁ ଦୁଷ୍ଟ କହୁଥିବାବେଳେ ଧମକ ଦେଉଛନ୍ତି, କେହି କାହାକୁ ବୁଝିପାରୁନାହାନ୍ତି। ଦେବ ଓ ଅସୁରଙ୍କ ମଧ୍ୟରେ ସଂଘର୍ଷ ଠିକ୍ ପୁଞ୍ଜୀବାଦୀ ଓ ସମାଜବାଦୀଙ୍କ ଲଢ଼େଇ ସଦୃଶ। କିଏ ଉତ୍ପାଦିତ ଧନର ସିଂହଭାଗ ପାଇବା ଉଚିତ ସେଥିରେ କୌଣସି ଗୋଷ୍ଠୀ ଏକମତ ହୋଇପାରୁ ନାହାନ୍ତି। ଏଣୁ ଜଣେ ଅନ୍ୟକୁ ଭୁଲ୍ ବୁଝୁଛନ୍ତି ଓ ଏକ ନିରବଚ୍ଛିନ୍ନ ନ୍ୟାୟିକ ଯୁଦ୍ଧରେ ମାତିଛନ୍ତି।

devduttofficial@gmail.com

# ଶିଶୁ ପୁଷ୍ଟିହୀନତା



ଡା. ଶୁଭଶ୍ରୀ ମିଶ୍ର

ଭାରତରେ ଏକତୃତୀୟାଂଶ ଶିଶୁଙ୍କର ପୁଷ୍ଟିହୀନତା ସମସ୍ୟା ଥିବାବେଳେ ରାଜ୍ୟ ସଭା ମାତୃତ୍ୱ ବିଲ୍‌ରେ ସଂଶୋଧନକୁ ଅନୁମୋଦନ କରିଥିବାରୁ ସନ୍ତାନ ଜନ୍ମ ପାଇଁ ମହିଳାମାନଙ୍କୁ ଚାକିରି କ୍ଷେତ୍ରରେ ପୂର୍ବର ୧୨ ସପ୍ତାହ ବଦଳରେ ୨୬ ସପ୍ତାହ ଛୁଟି ମିଳିବା ଖୁସିର କଥା। ଏହି ପଦକ୍ଷେପର ଲକ୍ଷ୍ୟ ହେଲା ଶିଶୁମାନଙ୍କୁ ଅଧିକ ଦିନ ମା' କ୍ଷୀର ଦେବା ଓ ସେମାନଙ୍କର ପୁଷ୍ଟିହୀନତା ଦୂର କରିବା। ପ୍ରକୃତି ଦେଇଥିବା ସୁବିଧା ଅନୁସାରେ ଜନ୍ମ ପରେ ୬ ମାସ ଯାଏ ଶିଶୁ ଯଦି ମା' କ୍ଷୀର ପାଇଲା ତେବେ ତାହା ତା'ର ଅନେକ ମୌଳିକ ଆବଶ୍ୟକତା ପୂରଣ କରିବ। ତାହା ମଧ୍ୟ ସବୁଠାରୁ ସହଜ ଓ ଖର୍ଚ୍ଚବିହୀନ ପଦକ୍ଷେପ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦର୍ଶାଇଛି ଯେ, ଯଦି ଦେଶରେ ପିଲାଙ୍କୁ ମା' କ୍ଷୀର ଦେବାର ବ୍ୟବସ୍ଥା ହୋଇପାରିବ ତେବେ ଶିଶୁ ମୃତ୍ୟୁକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ୫ ବର୍ଷରୁ କମ୍ ବୟସର ୮ ଲକ୍ଷ ଶିଶୁଙ୍କୁ ବଞ୍ଚାଯାଇପାରିବ। ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ସଂକ୍ରମିତ ସମସ୍ୟା ଯୋଗୁ ଶିଶୁ ମୃତ୍ୟୁର ଯେଉଁ ଆଶଙ୍କା ରହୁଛି ତାହା ମୁଖ୍ୟତଃ ମୋଟେ ମା' କ୍ଷୀର ପାଉ ନ ଥିବା ବା ଆଂଶିକ ଭାବେ ପାଉଥିବା ଶିଶୁଙ୍କ କ୍ଷେତ୍ରରେ ଘଟୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର କର୍ମଜୀବୀ ମହିଳାଙ୍କୁ ସନ୍ତାନ ଜନ୍ମ ସମୟରେ ଅଧିକ ଦିନ ଛୁଟି ଦେବା ଲାଗି ନେଇଥିବା ପଦକ୍ଷେପ ଆବଶ୍ୟକ ଥିଲା ବୋଲି କୁହାଯାଇପାରେ। ଅବଶ୍ୟ ତା' ସାଙ୍ଗକୁ ଆଧୁନିକ ସମାଜରେ ମା' କ୍ଷୀର ଦେବା ପରମ୍ପରାକୁ ଅନେକ କ୍ଷେତ୍ରରେ ଯେପରି ନିରୁତ୍ସାହିତ କରାଯାଉଛି ତାହା ମଧ୍ୟ ବଦଳିବା ଦରକାର। ମା'ମାନେ ସ୍ୱତପ୍ରବୃତ ଭାବେ ନିଜ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ତନ୍ୟପାନର ଆବଶ୍ୟକତାକୁ ଉପଲବ୍ଧି କରିବା ଉଚିତ। କେନ୍ଦ୍ର ସରକାର ମା'ମାନଙ୍କ ପାଇଁ ଅଧିକ ଦିନ ଛୁଟିର ବ୍ୟବସ୍ଥା କରିବା ଶିଶୁ କଲ୍ୟାଣ ଦୃଷ୍ଟିରୁ ଯେପରି ସ୍ୱାଗତଯୋଗ୍ୟ ସେହି ବିଚାର ପିତୃତ୍ୱ ଲାଭ କରୁଥିବା ପୁରୁଷଙ୍କ ପାଇଁ ବି ଆବଶ୍ୟକ ହେଲାଣି।

ଆଧୁନିକ ସମାଜରେ ଏହାର ଯଥାର୍ଥତା ବେଶି। କିନ୍ତୁ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ପିତୃତ୍ୱ ଛୁଟିର ସମୟ ମାତ୍ର ୨ ସପ୍ତାହ। ଘରୋଇ ଉଦ୍ୟୋଗ ପାଇଁ ଏପରି ବ୍ୟବସ୍ଥା ନାହିଁ। ଅବଶ୍ୟ ଭାରତରେ ଅନେକ କମ୍ପାନୀ ପିତୃତ୍ୱ ଛୁଟି ଓ ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଛୁଟିର ବ୍ୟବସ୍ଥା କଲେଣି। ମର୍କର ବିଶ୍ୱ ପିତୃତ୍ୱ ଛୁଟି ରିପୋର୍ଟ ୨୦୧୬ ଅନୁସାରେ, ପୃଥିବୀରେ ୩୮ ପ୍ରତିଶତ କମ୍ପାନୀ ସର୍ବନିମ୍ନ ପିତୃତ୍ୱ ଛୁଟିସୀମାଠାରୁ ଅଧିକ ଛୁଟି ପିତାଙ୍କୁ ଦେଉଛନ୍ତି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏପରି ଛୁଟି ୪୧ ପ୍ରତିଶତ କମ୍ପାନୀ ଦେଉଛନ୍ତି। ପିତୃତ୍ୱ ଛୁଟିକୁ ଗୁରୁତ୍ୱ ଦେଉଥିବା ପ୍ରଥମ ଦେଶଗୁଡ଼ିକ ମଧ୍ୟରେ ଭାରତ, ଯେଉଁଠାରେ ଗତ କିଛିବର୍ଷରେ କମ୍ପାନୀଗୁଡ଼ିକରେ ଏହି ଛୁଟିର ଗୁରୁତ୍ୱ ବଢ଼ିଛି। ଅବଶ୍ୟ ଏଥିପାଇଁ ବେଶିଦିନ ଛୁଟି ମିଳୁନାହିଁ। ଯୁକ୍ତି ହେଉଛି, ମାତୃତ୍ୱ ଛୁଟି ସାଙ୍ଗକୁ ପିଲାର ବାପାଙ୍କୁ ମା' ପରି ନ ହେଲେ ବି ଅଧିକ ଦିନ ଛୁଟି ଦିଆଯିବା ଉଚିତ। ଭାରତୀୟ ସମାଜ ବ୍ୟବସ୍ଥାରେ ବେଶ୍ ପରିବର୍ତ୍ତନ ହେଲାଣି। ଯୌଥ ପରିବାର ବଦଳରେ ଏକକ ପରିବାରର ବ୍ୟବସ୍ଥା ବଢ଼ିଲାଣି। ସହରାଞ୍ଚଳ ଅର୍ଥ ସ୍ୱାମୀ, ସ୍ତ୍ରୀ ଓ ପିଲା। ସହରାଞ୍ଚଳରେ ଆର୍ଥିକ ଆବଶ୍ୟକତା ଦୃଷ୍ଟିରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ରୋଜଗାର କରିବା ଆବଶ୍ୟକ ହେଉଛି। ତାହା ମଧ୍ୟ ଯଥାର୍ଥ। ଏପରି ପରିବାରଗୁଡ଼ିକରେ ପୁରୁଷମାନେ ବି ଘରର ଅନେକ ଦାୟିତ୍ୱ ତୁଲାଉଛନ୍ତି। ଯେଉଁ ଏକକ ପରିବାରଗୁଡ଼ିକରେ ସନ୍ତାନ ଜନ୍ମ କରିଥିବା ମହିଳାଙ୍କୁ ସାହାଯ୍ୟ କରିବା ଲାଗି କେହି ନାହାନ୍ତି ସେଠାରେ ପିତୃତ୍ୱ ଛୁଟିର ଆବଶ୍ୟକତା ଅଧିକ। ମା' ପାଇଁ ୬ ମାସ ଛୁଟିର ବ୍ୟବସ୍ଥା ଯଦି କରାଯାଉଛି ତେବେ ତା' ସାଙ୍ଗକୁ ପିତୃତ୍ୱ ଛୁଟି ବି ୩ ମାସ ପାଇଁ ଦିଆଯାଇପାରେ। ଏବେ କେନ୍ଦ୍ର ସରକାର ଯେଉଁ ନିୟମ କଲେ ତାହାଦ୍ୱାରା ମା' ତା'ର ପିଲାକୁ ଅଧିକ ଦିନ ନିଜ କ୍ଷୀର ଦେବାର ଆବଶ୍ୟକତାକୁ ପୂରଣ କରିବ। କିନ୍ତୁ ଶିଶୁ ଜନ୍ମ ପରେ ଉଭୟ ମା' ଓ ପିଲା ପାଇଁ ବେଳେ ବେଳେ ଯେଉଁ ସମସ୍ୟା ଉପୁଜେ ସେଥିଲାଗି ଅଧିକ ଦିନ ପିତୃତ୍ୱ ଛୁଟିର ଆବଶ୍ୟକତା ରହିଛି। ପିତୃତ୍ୱ ଛୁଟି ଦିଆଗଲେ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ଅସମାନତା ବି ହ୍ରାସ ପାଇବ। ପିତୃତ୍ୱ ଛୁଟି ରହିଲେ ପୁରୁଷ ଓ ମହିଳା କର୍ମଚାରୀଙ୍କ ମଧ୍ୟରେ ତାରତମ୍ୟ କମିବ। ସନ୍ତାନ ଉଭୟ ମାତାପିତାଙ୍କର ଜୈବିକ ପ୍ରତିନିଧିତ୍ୱ କରୁଥିବାବେଳେ ଦୁହେଁ ତା'ର ଲାଳନପାଳନରେ ମୂଳରୁ ଭାଗୀଦାର ହେବା ଉଚିତ ନୁହେଁ କି?

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ,
ମୋ:୯୮୬୧୪୬୩୪୦୬

## ଏଇ ଭାରତରେ

ଭୋକିଲାଙ୍କ ପେଟ ଭରୁଛନ୍ତି ମୁମ୍ବାଇର ଟ୍ରାନ୍ସଜେଣ୍ଡରମାନେ। ଏହି ସମୁଦାୟର ୫,୦୦୦ ଜଣ ଏକାଠି ଏକ କମ୍ୟୁନିଟି କିଚେନ କରି ଭୋକିଲାମାନଙ୍କୁ ୧ ଟଙ୍କାରେ ଜଳଖିଆ ଓ ୧୦ ଟଙ୍କାରେ ମଧ୍ୟାହ୍ନଭୋଜନ ଯୋଗାଇ ଦେଉଛନ୍ତି। ମୁମ୍ବାଇ କଲ୍ୟାଣ ରେଲୱେ ଷ୍ଟେଶନ ନିକଟରେ ସେମାନେ ଲୋକଙ୍କୁ ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି। ସେମାନେ ଖ୍ୱାହିଶ ଫାଉଣ୍ଡେଶନ ଗଠନ କରି ତା 'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରଥମେ ପୁନମ୍ ଆମ୍ବା ଏହି ସଂସ୍ଥା ଆରମ୍ଭ କରିଥିଲେ ଓ ପରେ ଅନ୍ୟମାନେ ଏହା ସହ ସାମିଲ ହୋଇଛନ୍ତି। ଏବେ ରୋଷେଇ କାର୍ଯ୍ୟରେ ୧୫ ଜଣ କର୍ମଚାରୀ ରହିଛନ୍ତି। ଲୋକମାନେ ଧାଡ଼ିରେ ରହି ଖାଦ୍ୟ ନେଉଛନ୍ତି। ଏହା ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଚାଲୁଛି। ପ୍ରତିଦିନ ୮୦୦ରୁ ଊର୍ଦ୍ଧ୍ୱ ଲୋକ ଖାଉଛନ୍ତି। ଖାଦ୍ୟ ବାବଦରେ ଖର୍ଚ୍ଚ ଭରଣା କରିବା ଲାଗି ପାଖାପାଖି ୩୦୦ ଟ୍ରାନ୍ସଜେଣ୍ଡର ଦୈନିକ ୨୦୦ ଟଙ୍କା ଦେଉଛନ୍ତି, ଆଉ ଯାହା ଆବଶ୍ୟକ ତାହା ଦାନରୁ ପୂରଣ କରାଯାଉଛି। ଏହି ଦାନ କେବଳ ରାଶନ ଆକାରରେ ଗ୍ରହଣ କରାଯାଉଛି। କମ୍ୟୁନିଟି କିଚେନକୁ ଥାଣେ ଜିଲାପାଳ ରାଜେଶ ନର୍ଭେକର ଉଦ୍‌ଘାଟନ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅକ୍ଟୋବର ୧୯୯୭

- ଇରାକର ଉତ୍ତରାଞ୍ଚଳରେ ଥିବା କୁର୍ଦ୍ଦ ବିଦ୍ରୋହୀଙ୍କ ଆଡ୍ଡାସ୍ଥଳୀ ଉପରେ କୁର୍ଦ୍ଦୀ ସେନା ପକ୍ଷରୁ କରାଯାଇଥିବା ଆକ୍ରମଣରେ ୬୮୪ କୁର୍ଦ୍ଦ ବିଦ୍ରୋହୀ ନିହତ।
- ଆର୍ଜେଣ୍ଟିନାର ଏକ ଯାତ୍ରୀବାହୀ ବିମାନ ଉରୁଗୁଏଠାରେ ଭୟଙ୍କର ଟଡ୍ ତୋଫାନର ସମ୍ମୁଖୀନ ହୋଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୪ ଯାତ୍ରୀ ମୃତ।
- ଉତ୍ତର ପ୍ରଦେଶର ସୋନଭଦ୍ରା ଜିଲାରେ ଏକ ନୌକା ଦୁର୍ଘଟଣା ଘଟି ୪୦ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ମେରାଜଙ୍କ ୪୬ ବର୍ଷ ବୟସରେ ପରଲୋକ।

# ଦୂର ସହରରେ ଲେଖକର ପ୍ରେୟସୀ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବିଖ୍ୟାତ ଲେଖକ ଫ୍ରାଞ୍ଜ କାଫକା(୧୮୮୩–୧୯୨୪)ଙ୍କ ଜୀବନ ବୃତ୍ତାନ୍ତରୁ ପ୍ରତୀତ ହୋଇପାରେ ଯେ, ସେ ଜଣେ ଦୁଃଖୀ ମଣିଷ। ସାରା ଜୀବନ ହତାଶା, ନୈରାଶ୍ୟ, ବିଶାଦ ଓ ଆଶାଶୂନ୍ୟତାରେ ବିତିଯାଇଛି। କିନ୍ତୁ ଯେ କୌଣସି ବ୍ୟକ୍ତି ବଞ୍ଚିବା ପାଇଁ କିଛି ଆଶାକୁ ଜୀବନର ପାଥେୟ କରିବା ଅପରିହାର୍ଯ୍ୟ। କାଫକା ମଧ୍ୟ ଏହାର ବ୍ୟତିକ୍ରମ ନ ଥିଲେ। ଏହି ମର୍ମରେ ତାଙ୍କର ଏକ ଅବିସ୍ମରଣୀୟ ବିବରଣୀ ନିମ୍ନରେ ପ୍ରଦତ୍ତ।

ସେତେବେଳକୁ କାଫକାଙ୍କ ବୟସ ଚାଳିଶ। ସେ ଏକାଧିକ କାରଣରୁ ସାରା ଜୀବନ ଅବିବାହିତ ରହିଲେ। ଥରେ ସେ ବର୍ଲିନରେ ଗୋଟିଏ ପାର୍କରେ ବୁଲିବା ବେଳେ କ୍ରନ୍ଦନରତା ଶିଶୁକନ୍ୟାଟିକୁ ଦେଖିଲେ। କାରଣ ତା'ର କଣ୍ଢେଇଟି ହଜିଯିବାରୁ ସେ ବିବ୍ରତ ହୋଇ ବାରମ୍ବାର ପୁତ୍ତଳିକାଟି ଖୋଜିଲା। ନ ପାଇ ନିରାଶ ହୋଇଥିଲା। କାଫକା ତା' ସହ ପୁଣି ଖୋଜାଖୋଜି କଲେ ମଧ୍ୟ ପାଇଲେ ନାହିଁ। ତେବେ ସେ ଶିଶୁଟିକୁ ଭରସା ଦେଇ କହିଲେ ଯେ, ଆଗାମୀ କାଲି ସେ ଦୁହେଁ ଏକା ସମୟରେ ଏହି ଜାଗାରେ ମିଶିବେ। ଉଦ୍ଦିଷ୍ଟ ସମୟରେ ସେମାନଙ୍କ ସାକ୍ଷାତ୍ ବେଳେ କାଫକା 'କଣ୍ଢେଇ'ଟି ଲେଖିଥିବା ଚିଠିଟିଏ ଦେଲେ, ଯେଉଁଥିରେ ଝିଅଟିକୁ ନ କାନ୍ଦିବା ପାଇଁ ଅନୁରୋଧ କରାଯାଇଥିଲା। ତତ୍ ସହ ପୁଣି ଉଲ୍ଲେଖ ହୋଇଥିଲା ଯେ, ସେ ବିଶ୍ୱ ଭ୍ରମଣରେ ଯାଇଛି ଓ ଚିଠି ଦ୍ୱାରା ତା'ର ସାହସିକ ଭ୍ରମଣର କାହାଣୀ ଧାରାବାହିକ ଭାବେ ଜଣାଇବ।

ପରବର୍ତ୍ତୀ ସମୟରେ କାଫକା ଓ ଝିଅଟି ନିୟମିତ ସାକ୍ଷାତ୍ କରୁଥିଲେ ଓ 'କଣ୍ଢେଇ'ର ଚିଠି ପଢ଼ି କାଫକା ଝିଅଟିକୁ ବୁଝାଉଥିଲେ। ଏହି ପ୍ରକ୍ରିୟା ଦୀର୍ଘଦିନ ଚାଲିବା ପରେ ଏକଦା ବର୍ଲିନରୁ କାଫକା ଗୋଟିଏ କଣ୍ଢେଇ କିଣି ତାକୁ ଦେଲେ। କିନ୍ତୁ ଝିଅଟିର ମନ ମାନିଲା ନାହିଁ ଏବଂ ଅଭିଯୋଗ କଲା ଯେ, ଏହା ତା'ର କଣ୍ଢେଇ ପରି ଜଣା ପଡୁନାହିଁ। ସେତେବେଳେ କଣ୍ଢେଇର ଗୋଟିଏ ଚିଠି ତାକୁ ଦେଖାଇଲେ, ଯେଉଁଥିରେ ତା'ର ବିଶ୍ୱ ଭ୍ରମଣ ସମାପ୍ତ ହୋଇଥିବା ବିଷୟ ସୂଚିତ ହେବା ସହ ଦୀର୍ଘ ଭ୍ରମଣ ଯୋଗୁ ତା' ଚେହେରା ବଦଳି ଯିବା କଥା ବର୍ଣ୍ଣିତ। ତତ୍‌କ୍ଷଣାତ୍ ଖୁସିରେ ଆତ୍ମହରା ହୋଇ ଝିଅଟି କଣ୍ଢେଇଟିକୁ ଚୁମ୍ବନ ଦ୍ୱାରା ସ୍ୱାଗତ ଜଣାଇଲା।

ଏହି ଘଟଣାର ବର୍ଷକ ପରେ କାଫକାଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘବର୍ଷ ବ୍ୟବଧାନରେ ଯେତେବେଳେ ଝିଅଟି ତରୁଣୀ ହେଲା, ସେ କାଫକାଙ୍କ ଦସ୍ତଖତ ଥିବା ଗୋଟିଏ ଗୋପନୀୟ ଚିଠି ଅଚାନକ କଣ୍ଢେଇ ମଧ୍ୟରୁ ଉଦ୍ଧାର କଲା। ସେଥିରେ ଲେଖା ଯାଇଥିବା ଚିଠିର ମୋଟେ ଦୁଇଟି ବାକ୍ୟ ହେଉଛି, ''ତୁମର ପ୍ରିୟ ପ୍ରତ୍ୟେକଟି ଜିନିଷ ହଜିଯିବା ସମ୍ଭାବନା ରହିଛି। କିନ୍ତୁ ପରିଶେଷରେ ଅନ୍ୟ ରୂପରେ ତୁମ ପାଖକୁ ତାହା ଫେରି ଆସିବ।'' ଆମେ ଏହାର ପ୍ରୟୋଗ ପାଇଁ କୌତୂହଳୀ ହୋଇପାରୁ, କାଫକାଙ୍କ ପ୍ରିୟ କିଏ ? ବିଶେଷତଃ ନାରୀମାନଙ୍କ ମଧ୍ୟରେ। ୧୯୧୭ ପୂର୍ବରୁ କାଫକା ତାଙ୍କ ବାନ୍ଧବୀ ଫେଲିସ କାଉରଙ୍କ (୧୮୮୭–୧୯୬୦) ସହ ଦୁଇଥର ବିବାହ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କିନ୍ତୁ ଏହା ପରିଶେଷରେ ବିଫଳ ହୋଇଥିଲା। ପରେ ତାଙ୍କର ଅନ୍ୟ ଜଣେ ବାନ୍ଧବୀ ହୋଇଥିଲେ ଡୋରା ଡାଇମଣ୍ଟ। ସେ ଥିଲେ ଇହୁଦୀ ଓ ସମାଜବାଦୀ। ଏହି କାରଣରୁ



କାଫକା ତାଙ୍କୁ ପସନ୍ଦ କରିଥିଲେ। ଡୋରା ଡାଇମଣ୍ଟ (୧୮୯୮–୧୯୫୨)ଙ୍କ ପାଖରେ କାଫକାଙ୍କ ଦ୍ୱାରା ଅନ୍ତିମ ପର୍ଯ୍ୟାୟରେ ଲିଖିତ କିଛି ଲେଖା ରହି ଯାଇଥିଲା। ଏହା ନଷ୍ଟ କରିବାକୁ ତାଙ୍କୁ କାଫକା କହିଥିଲେ ସୁଦ୍ଧା ସେ ସୁରକ୍ଷିତ ରଖିଥିଲେ। ଅବଶ୍ୟ ୧୯୩୩ରେ ଗେଷ୍ଟାପୋ (ନାଜି ଜର୍ମାନୀର ଅଧିକୃତ ଗୁପ୍ତ ପୋଲିସ) ଜବତ କରିଥିଲା। ଏହି ପ୍ରକାରେ ତାହା ଲୋକଲୋଚନକୁ ଆସି ପାରି ନ ଥିଲା।

ତେବେ ପ୍ଲୋସୀ ମାଲିନା ଜେକେ ସେଙ୍କସଙ୍କ ସହ କାଫକାଙ୍କ ଅନ୍ତରଙ୍ଗ ସମ୍ପର୍କ ବିଷୟଟି କାଫକା ତାଙ୍କୁ ଲେଖିଥିବା ବହୁ ପ୍ରେମ ଚିଠି ଦ୍ୱାରା ପ୍ରମାଣିତ। ମାଲିନାଙ୍କୁ ସେ ଏତେ ବିଶ୍ୱାସ କରୁଥିଲେ ଯେ, ନିଜ ଡାଏରି ପଢ଼ିବାକୁ ତାଙ୍କୁ ସୁଯୋଗ ଦେଉଥିଲେ। ଅବଶ୍ୟ ମାତ୍ର ଦୁଇବର୍ଷ ସେମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଥିଲା ଏବଂ ଏହି ଘନିଷ୍ଠ ସମ୍ପର୍କ ତତ୍‌ପରେ କାଫକାଙ୍କୁ ସମ୍ପୂର୍ଣ୍ଣ ଭାବେ ନିଃଶେଷ ଓ ଶକ୍ତିହୀନ କରିଦେଲା। ତା' ପରବର୍ଷ କାଫକା ପ୍ରାଣ ହରାଇଲେ। ତେବେ ମାଲିନା ଆଉ ଅଧିକା ୨୦ ବର୍ଷ ବଞ୍ଚି ନାଜିମାନଙ୍କ ଦ୍ୱାରା କନସେନଟ୍ରେଶନ କ୍ୟାମ୍ପରେ ପ୍ରାଣ ହରାଇଲେ। ଦୁଇ ବର୍ଷରେ କାଫକା ମାଲିନାଙ୍କୁ ପ୍ରତିଦିନ ଏକାଧିକ ଚିଠି ଲେଖୁଥିଲେ। ତନ୍ମଧ୍ୟରୁ ଗୋଟିଏ ଦ୍ରଷ୍ଟବ୍ୟ (ହୋକାଡେ, ୧୯୯୭, ମାଲିନା ଜେସେଙ୍କା, ୧୯୯୮)। ପ୍ରିୟ ମାଲିନା! ମୁଁ ଚାହେଁ, ଆସନ୍ତାକାଲି ପୃଥିବୀ ଧ୍ୱଂସ ହୋଇଯିବ। ତେବେ ପରବର୍ତ୍ତୀ ଟ୍ରେନ୍‌ରେ ମୁଁ ଭିଏନାକୁ ଯାଇ ତୁମ ଦାଣ୍ଡରେ ଉପସ୍ଥିତ ହୋଇଯିବି। ତମକୁ କହିବି: ମାଲିନା! ମୋ ସହ ଆସ, ମାଲିନା। କୌଣସି ନୈତିକତା କଥା ନ ବିଚାରି ବିନା ଭୟ ଓ ନିୟନ୍ତ୍ରଣରେ ଆମେ ପ୍ରେମ କରିବା। କାରଣ ଆସନ୍ତାକାଲି ଆଉ ଏ ପୃଥିବୀ ନ ଥିବ। ବୋଧହୁଏ ଏବେ ଆମେ ଏମିତି ନିବିଡ଼ ଭାବେ ଭଲ ପାଇ ପାରୁନେ, କାରଣ ଆମେ ଭାବୁଛେ ଯେ ଆମ ହାତରେ (ଯଥେଷ୍ଟ) ସମୟ ଅଛି କିମ୍ବା ସମୟକୁ ହିସାବ କରି ଆମେ ଚାଲିଛେ। କିନ୍ତୁ ଯଦି ଆଉ ଆମ ପାଖରେ ସମୟ ନ ରହିବ? କିମ୍ବା ଆମେ ଯେମିତି ସମୟ ଜାଣିଛେ, ତାହା ଯଦି ଅପ୍ରାସଙ୍ଗିକ ବା ଅସଙ୍ଗତ ହୋଇଯାଏ...? ଯଦି ପ୍ରକୃତରେ କାଲିକି ପୃଥିବୀ ଧ୍ୱଂସ ହୋଇଯାଏ, ଆମେ ପରସ୍ପରକୁ ଅତ୍ୟଧିକ ସାହାଯ୍ୟ କରିପାରିଥାନ୍ତେ।'' କାଫକା ପ୍ରାଗ୍‌ରେ ଓ ମାଲିନା ଦୂରବର୍ତ୍ତୀ ଭିଏନା ସହରରେ ରହୁଥିଲେ। ଏହି ଦୂରତାର ଦ୍ୱାହି ଦେଇ କାଫକା ତାଙ୍କ ପ୍ରେମିକାକୁ ଲେଖିଥିଲେ, 'ଆମେ ଉଭୟେ ବିବାହ ପାଇଁ ବୃଥାରେ ପରସ୍ପରକୁ ଟାଣି ନେଉଛେ।' ଏହି ଦୁର୍ଭାବନାର ଭୟ ଓ ହତାଶ କାଫକାଙ୍କ ମନକୁ ଚାପଗ୍ରସ୍ତ କରିଥିଲା।

ଏହି ମର୍ମରେ ଆମେ କାଫକାଙ୍କ କଣ୍ଢେଇ–ବୃତ୍ତାନ୍ତ ସ୍ମରଣ କରିପାରୁ। ବାଳିକାଟି ହଜାଇ ଦେଇଥିବା ତା'ର ପ୍ରିୟ କଣ୍ଢେଇଟି ଯେମିତି ଭିନ୍ନ ଏକ ଢଙ୍ଗରେ ଫେରି ପାଇଲା, ସମ୍ଭବତଃ ମାଲିନାଙ୍କ ସହ ନିବିଡ଼ ପ୍ରେମବନ୍ଧନ ଦ୍ୱାରା ଆବଦ୍ଧ ହୋଇଥିବା ପ୍ରେମିକା ମାଲିନାଙ୍କୁ ସଶରୀରେ ପ୍ରାପ୍ତ ବା ବିବାହ କରି ନ ପାରିଲେ ସୁଦ୍ଧା, ଏହି ଚିଠିମାନ ମାଧ୍ୟମରେ ଅନ୍ୟ ପ୍ରକାରରେ ସାନ୍ନିଧ୍ୟଲାଭ କରିଛନ୍ତି। ହୋଇପାରେ ମରଣୋତ୍ତର ଭାବେ 'ଲେଟର୍ସ ଟୁ ମାଲିନା' ପରି ପୁସ୍ତକ ଆକାରରେ, ଯାହା ଏକ କାଳଜୟୀ ସ୍ମରଣିକା।

ତେବେ ପ୍ରଶ୍ନ ଉଠୁଛି କାଫକାଙ୍କ ଚିଠି ସମୂହ ତ ପ୍ରେମିକା ପାଖରେ ଯେମିତି ଉପଲବ୍ଧ ଥିଲା ମାଲିନାଙ୍କଠାରୁ ଏହାର ପ୍ରତ୍ୟୁତ୍ତର ବା ପ୍ରତିକ୍ରିୟା କ'ଣ ଥିଲା ? ଦୁର୍ଭାଗ୍ୟବଶତଃ ସେମିତି ଚିଠିପତ୍ର ଅଛି ନା ନାହିଁ, ଏହା ରହସ୍ୟାବୃତ। ଏହି ପରିପ୍ରେକ୍ଷୀରେ ଆମ ମନରେ ଦୁଃଖ ଜନ୍ମିପାରେ। ମାଲିନା କାଫକାଙ୍କୁ ପ୍ରେମ କରିବା ସମ୍ପର୍କରେ ତାଙ୍କ ହୃଦୟର ଭାଷା ତାଙ୍କ ଚିଠିପତ୍ରରୁ ଜାଣି ପାରିଥାନ୍ତେ କି! ଏହା ସ୍ପଷ୍ଟ ଯେ, ଏହି ଦୁଇ ପ୍ରେମୀ ମିଶି ରହିବେ ନା ବିଚ୍ଛିନ୍ନ ଭାବେ, ଏହା ଅବାନ୍ତର। ସେମାନଙ୍କ ମଧ୍ୟରେ (ପ୍ଲାଟୋନିକ ?) ପ୍ରେମ ବନ୍ଧନ ଅଦୃଶ୍ୟ ହୋଇ ଦୃଶ୍ୟ।

ମୋ–୯୦୭୮୭୪୩୮୪୩

## ସୁ–ଡୋ–କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 8 | | | | | 5 |
| | 1 | 7 | | 3 | | | | |
| 5 | | 4 | | 2 | | | | |
| | | | 7 | | 6 | | 5 | 9 |
| | | 1 | | | 3 | 8 | | |
| | | | | 5 | 8 | | 6 | |
| | | 5 | | | | | 9 | 7 |
| | | | 9 | | | | | |
| 2 | 7 | | 5 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 2 | 9 | 6 | 8 | 4 | 1 | 3 |
| 1 | 4 | 8 | 2 | 5 | 3 | 6 | 7 | 9 |
| 6 | 3 | 9 | 4 | 1 | 7 | 8 | 2 | 5 |
| 2 | 5 | 3 | 1 | 8 | 4 | 7 | 9 | 6 |
| 7 | 8 | 6 | 5 | 3 | 9 | 2 | 4 | 1 |
| 4 | 9 | 1 | 7 | 2 | 6 | 5 | 3 | 8 |
| 8 | 6 | 4 | 3 | 9 | 2 | 1 | 5 | 7 |
| 3 | 1 | 7 | 6 | 4 | 5 | 9 | 8 | 2 |
| 9 | 2 | 5 | 8 | 7 | 1 | 3 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର ହେଉ ଅବକାରୀ ଆଇନ

ମହାଶୟ,

ପ୍ରତିଦିନ ଚୋରା ମଦ, ଗଞ୍ଜେଇ ଓ ଧଳା ଜହର କାରବାର ହେଉଥିବା ଦେଖାଯାଉଛି। ଅନେକ ସମୟରେ ପୋଲିସ ଓ ଅବକାରୀ କର୍ମଚାରୀମାନଙ୍କ ଆଖିରେ ଧୂଳି ଦେଇ କିମ୍ବା ବେଆଇନ ପାଉଣା ଦେଇ ଚୋରା ବେପାରୀମାନେ ଖସି ଯାଉଛନ୍ତି। କେତେକ ସଚ୍ଚୋଟ ଅଧିକାରୀଙ୍କ ପାଇଁ ଚୋରା ବେପାରୀ ଧରାପଡ଼ି ସଜା ଖଟୁଛନ୍ତି। ସହରମାନଙ୍କରେ ଥିବା କେତେକ ବସ୍ତି ମାଦକ ଦ୍ରବ୍ୟର ହବ୍ ପାଲଟିଛି। ଧରପଗଡ଼ ଫଳରେ ଅଧିକାଂଶ ଚୋରା ବେପାରୀ ସ୍ଥାନ ବଦଳାଇ ବେପାର ପୂର୍ବ ପରି ଚଳାଇଛନ୍ତି। କୋରାପୁଟଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ମାଦକ ଦ୍ରବ୍ୟ କାରବାର ର୍ୟାକେଟ୍ ଚାଲିଛି। ଜିଲା ଓ ରାଜ୍ୟ ସୀମା ପାରିକରି ଦେବାକୁ ମୋଟା ଅଙ୍କର ପାଉଣା ଆଦାୟ କରାଯାଉଛି। ଏଥିରେ ଉଚ୍ଚ ଅଧିକାରୀଙ୍କ ସମର୍ଥନ ଥିବାର କୁହାଯାଉଛି। ମାଦକ ଦ୍ରବ୍ୟ ନିୟନ୍ତ୍ରଣ କରାଗଲେ ହିଂସାକୁ ଦମନ କରାଯାଇପାରିବ। ପ୍ରତ୍ୟେକ ବ୍ୟକ୍ତି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଜଣାଇ ରାଜ୍ୟରେ ମାଦକ ଦ୍ରବ୍ୟ ଚୋରା କାରବାର ବନ୍ଦ କରିବାକୁ ସହଯୋଗ କରିବା ଉଚିତ। ପାରିବାରିକ ଜୀବନରେ ଅଶାନ୍ତି ସୃଷ୍ଟି କରୁଥିବା ନିଶାଡ଼ି ଯୁବକମାନଙ୍କୁ ବାଟକୁ ଆଣିବାକୁ ସରକାର ଓ ବେସରକାରୀ ଅନୁଷ୍ଠାନ ଧ୍ୟାନ ଦେବା ଉଚିତ। ସମାଜର ହିତଦୃଷ୍ଟିରୁ ସରକାର କଠୋର ଭାବରେ ଅବକାରୀ ଆଇନ ପାଳନ କରନ୍ତୁ।

– ନିର୍ମଳ ସାମଲ, ପୋଖରିପୁଟ, ଭୁବନେଶ୍ୱର

## ଚିରନ୍ତନୀ

ଚମକି ମରମତଳେ
ଚାହେଁ ମୁଁ ନିରେଖି
ଜୀର୍ଣ୍ଣ ବିକଳ ପ୍ରାଣେ
ଛୁଇଁଗଲା ସେ କି?

–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବୀମା କ୍ଷେତ୍ରକୁ ସରଳ କରାଯାଉ**

**ନୂଆଦିଲ୍ଲୀ:** ଭାରତରେ ବୀମା କ୍ଷେତ୍ର ପ୍ରତି ସାଧାରଣ ଲୋକ ଆକୃଷ୍ଟ ହେଉନାହାନ୍ତି। କାରଣ ବୀମା ଉତ୍ପାଦରେ ବ୍ୟବହାର କରାଯାଉଥିବା ଜଟିଳ ଇଂରାଜି ଭାଷାକୁ ସବୁବର୍ଗର ଲୋକ ସହଜରେ ବୁଝିପାରୁ ନ ଥିବାରୁ ବୀମା ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଫଳରେ ବୀମା କମ୍ପାନୀ ବିଭିନ୍ନ ଅଫର ଓ ଆକର୍ଷଣୀୟ ଉତ୍ପାଦ ବଜାରକୁ ଆଣିବାକୁ ପଡୁଛି ବୋଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥ ବିଭାଗର ଯୁଗ୍ମ ସଚିବ ସୌରଭ ମିଶ୍ର କହିଛନ୍ତି। ସେହିଭଳି ବୀମା ଉତ୍ପାଦର ଡିଜାଇନ ଓ ଭାଷା ବଦଳାଇବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉତ୍ପାଦର ବିବରଣୀ ସରଳ ହେବା ଦରକାର।

# ୩ ତୈଳ କମ୍ପାନୀକୁ ୨୨,୦୦୦ କୋଟିର ଅନୁଦାନ

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି

ନୂଆଦିଲ୍ଲୀ,୧୨।୧୦



ଦେଶର ପ୍ରମୁଖ ୩ ତୈଳ ବିପଣନକାରୀ କମ୍ପାନୀକୁ କେନ୍ଦ୍ର ସରକାର ଏକକାଳୀନ ୨୨ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏପରିକି ଗତ ୨ ବର୍ଷ ମଧ୍ୟରେ ଘରୋଇ ରନ୍ଧନ ଗ୍ୟାସ୍ ଏଲ୍‌ପିଜି ବିକ୍ରିରେ ହୋଇଥିବା ବ୍ୟାପକ କ୍ଷତିର ଭରଣା ପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦେଶର ୩ ପ୍ରମୁଖ ତୈଳ ମାର୍କେଟିଂ କମ୍ପାନୀ ଯଥା ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍)କୁ ଏକକାଳୀନ ଏତେ ପରିମାଣର ଅନୁଦାନକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି ବୋଲି ମନ୍ତ୍ରୀ ଅନୁରାଗ ଠାକୁର ମତବ୍ୟକ୍ତ କରିଛନ୍ତି। ସେହିଭଳି ୩ଟି ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କୁ ୨୨,୦୦୦ କୋଟି ଟଙ୍କା ଏକକାଳୀନ ଅନୁଦାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୦ ଜୁନ୍‌ରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ଉକ୍ତ ତୈଳ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ଏଲ୍‌ପିଜି ବିକ୍ରୟ ମୂଲ୍ୟରେ କରିଥିବା କ୍ଷତି ପୂରଣ ପାଇଁ ଏହି ଅନୁଦାନ ପ୍ରଦାନ କରାଯାଉଛି। ଏହି ତିନୋଟି ସଂସ୍ଥା ଗ୍ରାହକଙ୍କୁ ସରକାରୀ ନିୟନ୍ତ୍ରିତ ମୂଲ୍ୟରେ ଘରୋଇ ଏଲ୍‌ପିଜି ବିକ୍ରି କରିଛନ୍ତି। ଏପରିକି ଜୁନ୍ ୨୦୨୦ ରୁ ୨୦୨୨ ମଧ୍ୟରେ ଏଲ୍‌ପିଜିର ଅନ୍ତର୍ଜାତୀୟ ମୂଲ୍ୟ ପ୍ରାୟ ୩୦୦% ବୃଦ୍ଧି ପାଇଛି। ସେହିପରି ଅନ୍ତର୍ଜାତୀୟ ଏଲ୍‌ପିଜି ମୂଲ୍ୟରେ ପରିବର୍ତ୍ତନରୁ ଗ୍ରାହକଙ୍କୁ ଅଲଗା କରିବା ପାଇଁ ମୂଲ୍ୟ ବୃଦ୍ଧି ଘରୋଇ ଏଲ୍‌ପିଜି ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରାଯାଇ ନାହିଁ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ତଦନୁସାରେ ଏହି ସମୟ ମଧ୍ୟରେ ଘରୋଇ ଏଲ୍‌ପିଜି ମୂଲ୍ୟ ମାତ୍ର ୭୨% ବୃଦ୍ଧି ପାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିରେ କୁହାଯାଇଛି, ଏହି କ୍ଷତି ସତ୍ତ୍ୱେ ୩ ଟି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ପିଏସ୍‌ୟୁ ଓଏମ୍‌ସି) ଦେଶରେ ଏହି ଅତ୍ୟାବଶ୍ୟକ ରନ୍ଧନ ଇନ୍ଧନର ନିରନ୍ତର ଯୋଗାଣ ସୁନିଶ୍ଚିତ କରିଛନ୍ତି।

## ୨ଦିନ ପରେ ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୨।୧୦

କ୍ରମାଗତ ୨ ଦିନର ଖରାପ କାରବାର ପରେ ବୁଧବାର ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କାରେ ମଧ୍ୟରେ ରହିଥିଲେ ମଧ୍ୟ ବଜାର ଫଳାଫଳ ସେମାନଙ୍କ ପାଇଁ ଉତ୍ସାହ ଆଣି ଦେଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୭୯ (୪୭୮.୫୯) ପଏଣ୍ଟ ବୃଦ୍ଧି ପାଇ ୫୭,୬୨୬ (୫୭,୬୨୫.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୦ (୧୪୦.୦୫) ପଏଣ୍ଟ ବଢ଼ି ୧୭,୧୨୪ (୧୭,୧୨୩.୫୯) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନର ଫଳାଫଳ ଭାରତୀୟ ଶେୟାର ମାର୍କେଟର କାରବାର ଉପରେ ପଡୁଥିବା ଆଶଙ୍କା କରାଯାଉଛି।

## ହିରୋ ଗ୍ଲାମର ଏକ୍ସଟେକ୍‌ର ବଜାର ପ୍ରବେଶ




ଭଦ୍ରକ ଅଫିସ,୧୨।୧୦

ହିରୋ ମୋଟୋକର୍ପର ନୂଆ ବାଇକ୍ 'ଗ୍ଲାମର ଏକ୍ସଟେକ୍ ନେକ୍ସସ୍ ବ୍ଲୁ'ର ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଭଦ୍ରକ ଚରମ୍ପାସ୍ଥିତ ସଞ୍ଜିବୀ ଶୋ'ରୁମ୍ ପରିସରରେ ସଞ୍ଜୀବ ହିରୋର ମ୍ୟାନେଜିଂ ପାର୍ଟନର ପ୍ରୀତିରଞ୍ଜନ ଜେନା ଏହାର ଅନାବରଣ କରିଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଲୋ ଫୁଏଲ କଞ୍ଜମ୍ପସନ୍ ଓ କମ୍ପ୍ୟୁଟରାଇଜଡ୍ ମେକାନିଜମ୍ ଭଳି ସୁବିଧା ଏଥିରେ ସଂଯୋଗ ରହିଛି। ଅନ୍ୟମାନଙ୍କ ମଧ୍ୟରେ ହିରୋ ମୋଟୋକର୍ପ ପକ୍ଷରୁ ତନିଭ୍ରା ଦତ୍ତ ଓ ସଞ୍ଜୟ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ଉଲ୍ଲେଖ ଯୋଗ୍ୟ ଯେ ଉକ୍ତ ମଡେଲ୍‌କୁ ସ୍ଥାନୀୟ ଗ୍ରାହକ ନବକିଶୋର ସ୍ୱାଇଁଙ୍କୁ ସୋ'ରୁମ୍ ପକ୍ଷରୁ ହସ୍ତାନ୍ତର କରାଯାଇଥିଲା।

## ଏସ୍‌ବିଆଇ ପକ୍ଷରୁ ଉତ୍ସବ ବୋନାଞ୍ଜା

ନୂଆଦିଲ୍ଲୀ,୧୨।୧୦

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଆବାସିକ ଗୃହଋଣ ପରିମାଣ ୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ପକ୍ଷରୁ ଗୃହଋଣ ଗ୍ରାହକମାନଙ୍କ ପାଇଁ ଉତ୍ସବ ବୋନାଞ୍ଜା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉତ୍ସବ ବୋନାଞ୍ଜାରେ ଏସ୍‌ବିଆଇ ତା'ର ସମ୍ଭାବ୍ୟ ଗ୍ରାହକମାନଙ୍କୁ ସୁଲଭ ହାରରେ ଗୃହଋଣ ପ୍ରଦାନ କରିବ। ଏପରିକି ୨୦୨୧ ଜାନୁୟାରୀରେ ଷ୍ଟେଟ୍ ବ୍ୟାଙ୍କର ଗୃହ ଋଣ ପରିମାଣ ୫ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା। ସେହିଭଳି ଏସ୍‌ବିଆଇ ପକ୍ଷରୁ ଗୃହଋଣ ଉପରେ ୦.୨୫%, ଟପ୍ ଅପ୍ ଋଣ ଉପରେ ୦.୧୫% ଓ ସମ୍ପତ୍ତି ବନ୍ଧକ ରଖି ଋଣ ଉପରେ ୦.୩୦% ରିହାତି ପ୍ରଦାନ କରାଯିବ। ବ୍ୟାଙ୍କ୍ ପକ୍ଷରୁ ୨୦୨୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଗୃହଋଣ ଉପରେ ପ୍ରୋସେସିଂ ଫି' ଛାଡ଼ କରାଯାଇଛି। ବିଭିନ୍ନ ବର୍ଗର ଗ୍ରାହକମାନଙ୍କ ଆବଶ୍ୟକତାକୁ ନଜରରେ ରଖି ବ୍ୟାଙ୍କ୍ ଏହି ଉତ୍ସବ ବୋନାଞ୍ଜା ପ୍ରସ୍ତୁତ କରିଛି। ସେହିପରି ନୂଆ ଗୃହଋଣ ସମେତ ଟେକ୍ ଓଭର ଋଣ ସୁଧ ହାର ୮.୪୦% ରୁ ଏବଂ ଘରକୁ ଫର୍ନିସ୍ କରିବା ଯଥା ମରାମତି କରିବା ଅଥବା ଘରକୁ ବଦଳାଇବା ପାଇଁ ନିଆଯାଉଥିବା ଟପ୍ ଅପ୍ ଋଣ ହାର ୮.୮୦% ରୁ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଗୃହ ଫାଇନାନ୍ସ କ୍ଷେତ୍ରରେ ଏସ୍‌ବିଆଇ ଅଗ୍ରଣୀ ହୋଇଥିବାରୁ ପ୍ରତି ଭାରତୀୟଙ୍କ ଘର ସ୍ୱପ୍ନ ପୂରଣ କରିବାର ମାଲିକାନା ନିଜ ମୁଣ୍ଡକୁ ନେଇଛି। ନିଜ ଘର ମାଲିକାନା ଯାତ୍ରାରେ ସେମାନଙ୍କ ସହଯୋଗୀ ଭାବେ ଆମକୁ ବିଶ୍ୱାସ କରିଥିବା ଏବଂ ଆମକୁ ଚୟନ କରିଥିବା ୨୮ ଲକ୍ଷରୁ ଅଧିକ ଗ୍ରାହକ ପରିବାରଙ୍କ ନିକଟରେ ଆମେ ଅତ୍ୟନ୍ତ କୃତଜ୍ଞ। ୬ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତର ଆମ ଯାତ୍ରାରେ ଗତ କିଛି ବର୍ଷ ଭିତରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକ୍ରିୟା ଓ ଡିଜିଟାଲ ଅଭିଯାନ ବିଶେଷ ସହାୟକ ହୋଇଥିଲା। ଦେଶ ଗଠନର ସହଯୋଗୀ ଭାବେ ଆମେ ପ୍ରତିବଦ୍ଧ ରହିଛୁ ଏବଂ ପ୍ରଧାନମନ୍ତ୍ରୀଙ୍କ 'ସମସ୍ତଙ୍କ ପାଇଁ ଘର' ସ୍ୱପ୍ନକୁ ପୂରଣ କରିବା ଲାଗି ଉଦ୍ୟମ କରୁଛୁ।

## ଦି ବଡି ଶପ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୨।୧୦

ଚଳିତ ବର୍ଷର ଦୀପାବଳି ଉପଲକ୍ଷେ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଦ ବଡି ଶପ୍ ପକ୍ଷରୁ ୪ଟି ନୂତନ ଉତ୍ପାଦ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ଉତ୍ପାଦଗୁଡିକ ଗ୍ରାହକଙ୍କ ପାଇଁ ଉଭୟ ବ୍ୟବହାର ଓ ଉପହାର ଆଦି କ୍ଷେତ୍ରରେ ବେଶ୍ ଉପଯୋଗ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏହାର ବିସ୍ତୃତ ଉତ୍ପାଦ ପରିସର ଆନନ୍ଦଦାୟକ ସହ ଉତ୍ସବର ମାହାଲକୁ ଉପହାରରେ ପରିଣତ କରିଥାଏ। ଉଲ୍ଲେଖଯୋଗ୍ୟ, ବଡି ଶପ୍ ବେରୀ ଯୋଡ଼ି ଉପହାର ସେଟ୍, ସାୱାର-ଟାବରେ ଜଣଙ୍କର ସମୟକୁ ଅଧିକ ଆନନ୍ଦଦାୟକ କରିବା ପାଇଁ ଦ ବଡି ଶପ୍‌ର ସୋକ ଏବଂ ସ୍ଲାଦର ବେରୀ ବାଥ୍ ସେଟ୍ ଉପଯୁକ୍ତ ଉପହାର। ସେହିଭଳି ବଡି ଶପ୍ ବ୍ରିଟିଶ ବିୟୁଟି ବେଗ-ଗମ୍ଭୀରତାର ସହ ଏକ ସତେଜ ବ୍ୟକ୍ତିଗତ ଯତ୍ନଶୀଳ ବ୍ୟବହାର ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ବଡି ଶପ୍‌ର ବ୍ରିଟିଶ ରୋଜ୍ ବିୟୁଟି ବେଗ ଉପଯୁକ୍ତ ଉପହାର। ସେହିପରି ବଡି ଶପ ବ୍ରିଟିଶ ରୋଜ୍ ଡିଲକ୍ସ ଉପହାର ସେଟ୍ ଏକ ଗୋଲାପୀ ବାଥ୍ ଲିଲି ଯାହା ପୁନଃ ନବୀକରଣ ପ୍ଲାଷ୍ଟିକ ଦ୍ୱାରା ତିଆରି ଏବଂ ଗୋଲାପର ଏସେନ୍ସ ସହ ଭରପୂର ହୋଇଥାଏ ଏବଂ ବଡି ଶପ୍ ପୁରୁଷଙ୍କ ସେଭିଂ କିଟ୍ ମାକାଚେର ଏବଂ ଘିଁ କୁଆଁରୀର ଉତ୍ତମତା ସହ ଭର୍ତ୍ତି ହୋଇଥିବା ମୂଳ-ସ୍ଥୁଦିଙ୍ଗ ଉତ୍ପାଦଗୁଡିକ ଥଣ୍ଡା ଏବଂ ସତେଜ ସହ ସେଭିଂ ଏବଂ ସେଭିଂ ପରବର୍ତ୍ତୀ ଅନୁଭୂତି ପ୍ରଦାନ କରିଥାଏ। ଅପରପକ୍ଷରେ ଉତ୍ସବ ଋତୁରେ ପ୍ରିୟଜନଙ୍କ ପାଇଁ ଏହା ବେଶ୍ ଉପଯୁକ୍ତ ଉପହାର ହୋଇଥିବା ବେଳେ ଆଗାମୀ ଋତୁ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ଏହା ଉତ୍ତମ ପସନ୍ଦ।

## ଟିକେଏମ୍‌ର ପାଇଲଟ ପ୍ରୋଜେକ୍ଟ 'ଫ୍ଲେକ୍ସି-ଫୁଏଲ'




ନୂଆଦିଲ୍ଲୀ,୧୨।୧୦

ଦେଶର ପ୍ରମୁଖ ଚାରିଚକିଆ ନିର୍ମାତା ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ପକ୍ଷରୁ ଭାରତ ବଜାରରେ ଫ୍ଲେକ୍ସି ଇନ୍ଧନଭିତ୍ତିକ ହାଇବ୍ରିଡ୍ ଇଲେକ୍ଟ୍ରିକ ଭେଇକିଲ ଟେକ୍ନୋଲୋଜି ଉପରେ ପାଇଲଟ ପ୍ରୋଜେକ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଫ୍ଲେକ୍ସି ଇନ୍ଧନ- ଶକ୍ତିଶାଳୀ ହାଇବ୍ରିଡ୍ ଇଲେକ୍ଟ୍ରିକ ଯାନ ପ୍ରଯୁକ୍ତିବିଦ୍ୟା (ଏଫ୍‌ଏଫ୍‌ଭି-ଏସ୍‌ଏଚ୍‌ଇଭି)ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରକଳ୍ପ ଓ ଯାନର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ,ଭୂପିନ୍ଦର ଯାଦବ ଏବଂ ରମେଶ୍ୱର ତେଲିଙ୍କ ସମେତ ଟିକେଏମ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ମାସାକାଜୁ ୟୋସିମୁରା, ଏମ୍‌ଡି ତଥା ସିଇଓ ବିକ୍ରମ ଏସ୍ କିର୍ଲୋସ୍କର, ଉପାଧ୍ୟକ୍ଷ ବିକ୍ରମ ଗୁଲାଟି, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ସୁଦୀପ ଏସ୍. ଡାଲ୍‌ଭି ପ୍ରମୁଖ ଉପସ୍ଥିତ ଥିଲେ। ଇଥାନଲ ଉତ୍ପାଦନର ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ଇ-୨୦ ପର୍ଯ୍ୟନ୍ତ ଫ୍ଲେକ୍ସି ଇନ୍ଧନ ଯାନ (ଏଫ୍‌ଏଫ୍‌ଭି) ପ୍ରଯୁକ୍ତିର ପ୍ରବର୍ତ୍ତନ ସହ ବହୁଗୁଣ ବୃଦ୍ଧି କରିପାରିବ। ଏହା ଉଚ୍ଚ ଇଥାନଲ ମିଶ୍ରଣକୁ ୨୦% ରୁ ୮୫% ପର୍ଯ୍ୟନ୍ତ ବ୍ୟବହାର କରିପାରିବ।

**ଫୁରସତ୍**

# ଭିଡିଓ ଗେମ୍‌ରୁ ହୃଦ୍‌ରୋଗ ଆଶଙ୍କା

## ବିଶେଷଜ୍ଞଙ୍କ ଦାବି



**କାନ୍‌ବେରା:** ଇନ୍‌ଡୋର୍ ଖେଳ ଭିତରେ ପିଲାମାନଙ୍କ ପାଇଁ ଟାଇମ୍‌ପାସ୍‌ର ବଡ଼ ମାଧ୍ୟମ ପାଲଟିଛି ଭିଡିଓ ଗେମ୍। ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାର ଭିଡିଓ ଗେମ୍ସ ବାହାରିଥିବାବେଳେ ଅଧିକାଂଶ ଶିଶୁ ଏହାର କବଳରେ କବଳିତ ହୋଇଥିବା ଆଜିକାଲି ଦେଖାଯାଉଛି। ତେବେ ଶିଶୁମାନଙ୍କ ମନୋରଞ୍ଜନ କରୁଥିବା ଏହି ଖେଳ ପ୍ରକୃତରେ ସେମାନଙ୍କ ଶରୀର ପ୍ରତି ଘାତକ ବୋଲି ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଅଧ୍ୟନରୁ ଜଣାପଡ଼ିଛି। ଏ ନେଇ ଏକ ରିପୋର୍ଟ ନିକଟରେ ହାର୍ଟ ରିଦିମ୍ ଜର୍ନାଲରେ ପ୍ରକାଶ ପାଇଛି। ଭିଡିଓ ଗେମ୍ ଖେଳିବା ସମୟରେ ପିଲାମାନେ ନିଜ ଚେତନା ହରାଇ ବସୁଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।

୨୨ଟି କେସ୍‌କୁ ନେଇ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁସାରେ ଭିଡିଓ ଗେମ୍ ଦ୍ୱାରା ଶିଶୁଙ୍କଠାରେ ମାରାତ୍ମକ ହୃଦ୍‌ଜନିତ ରୋଗ ଦେଖାଯିବା ଆଶଙ୍କା ରହିଛି ବୋଲି ଷ୍ଟଡିର ଲିଡ୍ ଇନ୍‌ଭେଷ୍ଟିଗେଟର୍ ଏଡ୍. ଲଲେ କହିଛନ୍ତି। ଲଲେ ଅଷ୍ଟ୍ରେଲିଆର ହାର୍ଟ ସେଣ୍ଟର ଫର ଚିଲ୍‌ଡ୍ରେନ୍ସରେ କାର୍ଯ୍ୟ କରନ୍ତି। ଏହି ଇଲେକ୍ଟ୍ରିକ୍ ଗେମ୍ ଖେଳୁଥିବା ଶିଶୁଙ୍କ ପାଇଁ ଏହା ବଡ଼ ବିପଦକୁ ନିମନ୍ତ୍ରଣ କରିଥିବା କୁହାଯାଉଛି। ଭିଡିଓ ଗେମ୍ ଖେଳିବା ସମୟରେ ପିଲାମାନଙ୍କ ହାର୍ଟରେଟ୍ ହଠାତ୍ କମିବା ଅସୁବିଧା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। କାଟେଚୋଲାମିନେରଜିକ୍ ପଲିମୋରଫିକ୍ ଶିଶୁଙ୍କୁ ଭେଣ୍ଟିକୁଲାର ଟାକିକାର୍ଡିଆ (ସିପିଭିଟି) ଏବଂ କଞ୍ଜେନିଟାଲ ଲଙ୍ଗ୍ କ୍ୟୁଟି ସିଣ୍ଡ୍ରୋମ୍ (ଏଲ୍‌କ୍ୟୁଟିଏସ୍) ଟାଇପ୍ ୧ ଓ ୨ ରୋଗ ହେବାର ଅଧିକ ସମ୍ଭାବନା ଥିବା ଏଥିରୁ ଜଣାପଡ଼ିଛି।

➔ଏକ୍ସପର୍ଟଙ୍କ ମତରେ ଭିଡିଓ ଗେମ୍ ଖେଳିବା ଦ୍ୱାରା ହାତ ଓ ଆଖି ମଧ୍ୟରେ କୋଅର୍ଡିନେଶନ୍ ବା ସମନ୍ୱୟ ରକ୍ଷା ହୋଇଥାଏ। ଏଥିସହ ପିଲାଙ୍କଠାରେ ପ୍ରବ୍ଲେମ୍ ସଲ୍‌ଭିଂ ସ୍କିଲ୍ ବଢ଼ିଥାଏ। କିନ୍ତୁ ମାତ୍ରାଧିକ ଭିଡିଓଗେମ୍ ଘାତକ ହୋଇଥିବାବେଳେ ସାମାଜିକ ଜୀବନରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା କେତେଜଣ ବିଶେଷଜ୍ଞ କହିଛନ୍ତି।

➔ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ପିଲାଙ୍କ ଉପରେ ଭିଡିଓଗେମ୍ ପକାଉଥିବା ଅଭିଭାବକ କହିଛନ୍ତି। ଅନ୍ୟପକ୍ଷେ ଯେଉଁ ଛାତ୍ରୀଛାତ୍ରମାନେ ଅଧିକ ସମୟ ପର୍ଯ୍ୟନ୍ତ ଭିଡିଓ ଗେମ୍ ଖେଳୁଥିବାର ଦେଖାଯାଉଛନ୍ତି, ସେମାନେ ପାଠପଢ଼ାରେ ପଛୁଆ ରହିଯାଉଛନ୍ତି। ଅନେକେ ପରୀକ୍ଷାରେ ଅକୃତକାର୍ଯ୍ୟ ରହୁଥିବା ମଧ୍ୟ ଦେଖାଯାଉଛି।

## 'ଲୋକେ ମୋତେ ବିଶ୍ୱାସ କରୁନାହାନ୍ତି'



ଦୀପିକା ପାଦୁକୋନ

**ମୁମ୍ବାଇ:** ଲୋକେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ କଥା ବିଶ୍ୱାସ କରୁ ନ ଥିବା ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୨୦୧୫ରେ ଦୀପିକା ଡିପ୍ରେଶନ୍‌ର ଶିକାର ହୋଇଥିବା ମେଘାନ ମାର୍କେଲ୍‌ଙ୍କ ପୋଡ୍‌କାଷ୍ଟ ଶୋ'ରେ କହିଛନ୍ତି। କିନ୍ତୁ ନାୟିକା ଜଣକ ଡିପ୍ରେଶନ୍‌ରେ ଥିବା କଥାକୁ କୌଣସି ବ୍ୟକ୍ତି ବିଶ୍ୱାସ କରୁ ନଥିବା ସେ ପ୍ରକାଶ କରିଛନ୍ତି। ନିକଟରେ ନାୟିକା ଜଣକ ତାମିଲନାଡୁରେ ମାନସିକ ରୋଗରେ ଆକ୍ରାନ୍ତ ଶିଶୁମାନଙ୍କୁ ଭେଟି ତାଙ୍କ ସହ ସମୟ ବିତାଇଥିବାର ଦେଖିବାକୁ ମିଳିଥିଲା। ଏଥିସହ ମେଣ୍ଟାଲ ହେଲ୍‌ଥ ନାମରେ ସେ ଏକ ଫାଉଣ୍ଡେଶନ୍ ଆରମ୍ଭ କରିବା ନେଇ ମେଘାନ ତାଙ୍କୁ କାର୍ଯ୍ୟକ୍ରମ ଜରିଆରେ ଶୁଭେଚ୍ଛା ଜଣାଇଥିଲେ। ତେବେ ଦୀପିକାଙ୍କ ଜୀବନରେ ଘଟିଥିବା ଏ ଘଟଣାକୁ ଲୋକେ ମିଛ ବୋଲି ଭାବିବା ସହ ନାୟିକା ଜଣକ କୌଣସି ଫିଲ୍ମର ପ୍ରମୋଶନ୍ କରୁଥିବା କେତେଜଣ ଲୋକ ଭାବୁଛନ୍ତି। ଏଥିସହ ସେ ମେଡିସିନ୍ କମ୍ପାନୀର ପ୍ରଚାର କରୁଥିବା ମଧ୍ୟ ଆଉ କେତେଜଣ ଲୋକ କହୁଥିବା ଜଣାପଡ଼ିଛି। ଆଗାମୀ ଦିନରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ପଠାନ୍'ରେ ଦୀପିକାଙ୍କୁ ଦେଖିଯିବାକୁ ଥିବାବେଳେ ପ୍ରୋଜେକ୍ଟ 'କେ' ରେ ନାୟିକା ଜଣକ ପ୍ରଭାସଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଥିବା ଖବର ପ୍ରକାଶ ପାଇଛି।

## ହେଲ୍‌ମେଟ ପିନ୍ଧି ଟ୍ରଲିରେ ପରିବା ବିକ୍ରି




ନୂଆଦିଲ୍ଲୀ

ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ନିୟମ କଡ଼ାକଡ଼ି ଭାବେ ପାଳନ ହେଉଛି। ଟ୍ରାଫିକ୍ ନୟମ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସେମାନଙ୍କଠାରୁ ମୋଟା ଅଙ୍କର ଫାଇନ୍ ମଧ୍ୟ ଆଦାୟ କରାଯାଉଛି। ତେବେ ଏହି ଫାଇନ୍

### ଫାଇନ୍‌କୁ ଡର

ଭୟରେ ଟ୍ରଲିରେ ପରିବା ବିକ୍ରି କରୁଥିବା ଜଣେ ବ୍ୟବସାୟୀ ହେଲ୍‌ମେଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। କେତେଜଣ ଲୋକ ତାଙ୍କୁ ହେଲମେଟ୍ ପିନ୍ଧି ପରିବା ବିକ୍ରି କରିବାର କାରଣ ପଚାରି ଥିବାବେଳେ ସେ ଟ୍ରାଫିକ୍ ପୋଲିସର ଫାଇନ୍ ଭୟରେ ଏପରି କରୁଥିବା କହିଛନ୍ତି। ହେଲ୍‌ମେଟ୍ ପରିଧାନ କେବଳ ବାଇକ୍ ଆରୋହୀମାନଙ୍କ ପାଇଁ ବାଧ୍ୟତାମୂଳକ ବୋଲି ସେଠାରେ ଉପସ୍ଥିତ ଲୋକେ କହିବା ପରେ ପରିବା ବ୍ୟବସାୟୀ ଜଣକ ମୁଣ୍ଡରୁ ହେଲ୍‌ମେଟ୍ କାଢ଼ିଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି।

## ସ୍ୱାସ୍ଥ୍ୟ ହିଁ ସମ୍ପଦ

### ବିଶ୍ୱ ଦୃଷ୍ଟି ଦିବସ

କୁହାଯାଏ ସୁସ୍ଥ ଶରୀର ହିଁ ସମ୍ପଦ। ଶରୀର ପ୍ରତି ଯତ୍ନବାନ ହେଲେ ସହଜରେ କୌଣସି ଶାରୀରିକ ସମସ୍ୟା ସୃଷ୍ଟି ହୋଇ ନ ଥାଏ। ଶରୀର ମଧ୍ୟରେ ଦୃଷ୍ଟିଶକ୍ତି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୃଷ୍ଟି ଶକ୍ତି ବଜାୟ ରଖିବା ଏବଂ ଏଥିନେଇ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ଦ୍ୱିତୀୟ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଅକ୍ଟୋବର ୧୩ରେ ପାଳନ କରାଯାଉଛି। ଏହି ଅବସରରେ ଦୃଷ୍ଟିବାଧିତ ଏବଂ ଦୃଷ୍ଟି ଶକ୍ତି ଦୁର୍ବଳତା ଉପରେ ଧ୍ୟାନ ଦେବା ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ଏହା ପ୍ରଥମେ ୨୦୦୦ରେ ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନର ସାଇଟ୍ ଫାଷ୍ଟ କ୍ୟାମ୍ପେନ ଦ୍ୱାରା ଆରମ୍ଭ କରାଯାଇଥିଲା।

## ବିପର୍ଯ୍ୟୟ ପାଇଁ ସତର୍କତା ଜରୁରୀ

### ବିଶ୍ୱ ବିପର୍ଯ୍ୟୟ ଦିବସ

ବିପର୍ଯ୍ୟୟ କ୍ଷେତ୍ରରେ ବହୁ ଧନ ଜୀବନ ହାନି ହୋଇଥାଏ। ତେବେ ଏନେଇ ପୂର୍ବରୁ ସତର୍କ ହେଲେ ଧନଜୀବନ ସୁରକ୍ଷିତ ରହିଥାଏ। ଏନେଇ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୩ରେ ବିଶ୍ୱ ବିପର୍ଯ୍ୟୟ ଦିବସ ପାଳନ କରାଯାଇଥାଏ।

ଏହି ଅନ୍ତର୍ଜାତୀୟ ଦିବସ ପ୍ରତ୍ୟେକ ଦେଶର ନାଗରିକ ଏବଂ ସରକାରଙ୍କୁ ବିପର୍ଯ୍ୟୟ ସହ ଅଧିକ ଜଡିତ ହୋଇ ମିଳିତ ଭାବେ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥାଏ। ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୨୦୦୨ ଅକ୍ଟୋବର ୧୩କୁ ଅନ୍ତର୍ଜାତୀୟସ୍ତରରେ ବିପର୍ଯ୍ୟୟ ହ୍ରାସ ପାଇଁ ଏକ ଅନ୍ତର୍ଜାତୀୟ ଦିବସ ଭାବରେ ପାଳନ କରାଯିବାକୁ ଘୋଷଣା ଉପରେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ୨୦୦୯ରେ ମିଳିତ ଜାତିସଂଘ ସାଧାରଣ ସଭା ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲେ। ବିପର୍ଯ୍ୟୟରେ ଧନ ଓ ଜୀବନ ସୁରକ୍ଷିତ ରଖିବା କ୍ଷେତ୍ରରେ ରଣନୀତି ଏବଂ ଶୀଘ୍ର ଉଦ୍ଧାର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ପରବର୍ତ୍ତୀ ସମୟରେ ଆର୍ଥିକ କ୍ଷତି ହ୍ରାସ କରିଥାଏ ଏବଂ ଲୋକମାନେ ସାଧାରଣ ଜୀବନ ଶୀଘ୍ର ଆରମ୍ଭ କରିପାରିଥାନ୍ତି। ତେଣୁ ବିଶ୍ୱସ୍ତରରେ ସଚେତନତା ସୃଷ୍ଟିପାଇଁ ଏହି ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

# ରିପୋର୍ଟକୁ ଅପେକ୍ଷା, ହେବ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ପରଧିଆପାଲିସ୍ଥିତ ବୈଦିକ କଲେଜ ହଷ୍ଟେଲର ମହିଳା କର୍ମଚାରୀ ଅଞ୍ଜଳି କୁମ୍ଭାର ଗତ ସୋମବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହା ଏକ ଦୁଃଖଦ ଘଟଣା। ପୋଲିସ ଆଇନ ଗତ ଭାବେ ତଦନ୍ତ କରୁଛି। ପ୍ରାଥମିକ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପୋଲିସ ରିପୋର୍ଟକୁ ଆଧାର କରାଯିବ। କଲେଜର ସାମାନ୍ୟ ଅବହେଳା ଦୃଷ୍ଟିକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପଟେ ଅଞ୍ଜଳି ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍ସାରରେ ଚିକିତ୍ସାଧୀନ ଅଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିବା କାରଣ ଏପର୍ଯ୍ୟନ୍ତ ପୋଲିସ ଖୋଜି ପାଇ ନାହିଁ। ନେତା କିମ୍ବା ମନ୍ତ୍ରୀଙ୍କ ଚାପ ଯୋଗୁ ପୋଲିସ ତଦନ୍ତ ଭିନ୍ନ ବାଟ ଦେଇ କରୁଛି। କଲେଜ ମାଲିକଙ୍କୁ ବଞ୍ଚାଇବାକୁ ପୋଲିସ ବାରମ୍ବାର ଚେଷ୍ଟା କରୁଛି। ପୂର୍ବରୁ ମଧ ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେଲା ନାହିଁ। ଏହାକୁ ନେଇ ସେ ସମୟରେ ପୋଲିସର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଥିଲା। ଏବେ ସମାନ ଘଟଣା ଦେଖିବାକୁ ମିଳିଛି। ୧୯ ବର୍ଷର ଜଣେ ମହିଳା କର୍ମଚାରୀ ହଷ୍ଟେଲ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

**ବୈଦିକ କଲେଜ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

- ମୁହଁ ଖୋଲୁନାହାନ୍ତି ଜନପ୍ରତିନିଧି, ସାମାଜିକ କର୍ମୀ

ତାଙ୍କ ଗୋଡ ଭାଙ୍ଗିବା ସହ ମେରୁଦଣ୍ଡ ମଧ ଭାଙ୍ଗିଯାଇଛି। ସେ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଅନ୍ୟପଟେ ଜିଲାର ବିଭିନ୍ନ ରାଜନୈତିକ ଦଳର ନେତା, କର୍ମକର୍ତ୍ତା ମୁହଁ ଖୋଲୁ ନାହାନ୍ତି। ରାଜ୍ୟ ବାହାରେ କୌଣସି ସ୍ଥାନରେ ହିଂସା, ଅପରାଧିକ କାର୍ଯ୍ୟ ହେଲେ ସକ୍ରିୟ ହୋଇଯାଆନ୍ତି। ଖବରଦାତା ସମ୍ମିଳନୀ, ପ୍ରେସ ବିବୃତି, ରାଲି କରି ପ୍ରତିବାଦ କରିଥାନ୍ତି। ହେଲେ ବୈଦିକ କଲେଜର ଜଣେ ମହିଳା କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପ୍ରତିକ୍ରିୟାଶୀଳ ହୋଇ ପାରୁନାହାନ୍ତି। ସୂଚନାଯୋଗ୍ୟ, ଗତ ସୋମବାର ସକାଳେ କଲେଜର ତୁଲପି ବାଳିକା ହଷ୍ଟେଲର ୫ ମହଲାରୁ ଅଞ୍ଜଳି ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କଲେଜ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ନେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏପରିକି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଥିଲା। ହେଲେ ପୂର୍ବ ବୟାନ ଓ ମାଜିଷ୍ଟ୍ରେଟଙ୍କୁ ଦିଆଯାଇଥିବା ବୟାନରେ ତାଳମେଳ ରହିଲା ନାହିଁ। ଏଭଳି ପରିସ୍ଥିତିରେ ଅଞ୍ଜଳି ଆତ୍ମହତ୍ୟା ଉଦ୍ୟମ ଘଟଣା ରହସ୍ୟଘେରକୁ ଠେଲି ହୋଇଯାଇଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ଗୁରୁତର ଅବସ୍ଥାରେ ଥିବାରୁ ପୋଲିସ ଅଞ୍ଜଳି ଉପରେ ଚାପ ପକାଇ ବୟାନ ସଂଗ୍ରହ କରିପାରୁନାହିଁ। ସୁସ୍ଥ ହେବାକୁ ଅପେକ୍ଷା କରାଯାଇଛି। ତଦନ୍ତ ବିଭିନ୍ନ ଦିଗକୁ ନେଇ କରାଯାଉଛି। ପୂର୍ବରୁ ମାନସିକ ଚାପ ଥିବାରୁ ଆତ୍ମହତ୍ୟା ଉଦ୍ୟମ କରିବା ସାମ୍ନାକୁ ଆସିଛି। ତାଙ୍କ ମୋବାଇଲ କଲ ଡିଟେଲ୍ସ ମଗାଯାଇଛି। ପୋଲିସ ନିଶ୍ଚିତ ଭାବେ କାରଣ ଖୋଜିବାହାର କରିବ ବୋଲି କହିଥିଲେ।

## ସଂକ୍ଷେପରେ

### ବୁଢ଼ାରଜା ଉଚ୍ଚବିଦ୍ୟାଳୟରେ ବାଳିକା ଦିବସ

**ସମ୍ବଲପୁର,୧୨।୧୦(ବ୍ୟୁରୋ):** ଜିଲା ସ୍ୱାସ୍ଥ୍ୟବିଭାଗ ଓ ବୁଢ଼ାରଜା ଉଚ୍ଚବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବୁଢ଼ାରଜା ବିଦ୍ୟାଳୟ ସଭାକକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନର ଡା. ଗୀତା ଚୌବେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଳିକାଦିବସ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରିକ୍ଷାରେ ୭୨ତମ ସ୍ଥାନ ହାସଲ କରିଥିବା ବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନାଲୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦିତ ଚନ୍ଦ୍ର ପାଟ୍ଟଯୋଶୀ, ଜିଲା ସ୍ୱାସ୍ଥ୍ୟବିଭାଗର ବୁଧରଞ୍ଜନ ଭୋଇ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟଅଧିକାରୀ ଡା. ଭରତ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୪ରୁ ଜିଏମ୍‌ୟୁରେ ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମ

**ସମ୍ବଲପୁର,୧୨।୧୦(ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅମୃତବିହାରଠାରେ ଚଳିତ ମାସ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏ ନେଇ ଜିଏମ୍‌ୟୁ ଇତିହାସ ବିଭାଗଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୬୦ରୁ ଅଧିକ ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ ଓ ଗବେଷକମାନେ ଯୋଗଦେବେ। ସୂଚନାଯୋଗ୍ୟ ପଶ୍ଚିମ ଓଡ଼ିଶା ଭାରତୀୟ ଇତିହାସରେ ପ୍ରାକ୍ ଐତିହାସିକ କଳା ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଓଡ଼ିଶାରେ ସର୍ବାଧିକ ଶୈଳଚିତ୍ର ଅବିଭକ୍ତ ସମ୍ବଲପୁର ଜିଲାରେ ଅବସ୍ଥିତ। ଜିଏମ୍‌ୟୁର ଇତିହାସ ବିଭାଗ ପଶ୍ଚିମ ଓଡ଼ିଶାର ବିଭିନ୍ନ ଶୈଳାଶୟ ପରିଭ୍ରମଣ କରି ସେ ଉପରେ ଗବେଷଣା ଜାରି ରଖିଛି।

### ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

**ଝାରସୁଗୁଡା ଅଫିସ,୧୨।୧୦:** ଜିଲା ସ୍ୱାସ୍ଥ୍ୟ ସମିତି ଝାରସୁଗୁଡା ଆନୁକୂଲ୍ୟରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି। ସିଡିଏମ୍‌ଓ ତୋଳାମଣି ପଟେଲ ସଭାପତିତ୍ୱ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ରହି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଡିଏମ୍‌ଓ ପଟେଲ ମହିଳାମାନଙ୍କ ଆଇନ ଗତ ଅଧିକାର ଓ ତତ୍ ସମ୍ବନ୍ଧିତ ଦେଶରେ ପ୍ରଚଳିତ ହେଉଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସଖି ଅନୁଷ୍ଠାନର କର୍ମକର୍ତ୍ତା ପ୍ରସଙ୍ଗ ଉପରେ ସମ୍ୟକ ଆଲୋଚନା କରିଥିଲେ। ଉପସ୍ଥିତ ଆଶା କର୍ମୀମାନେ ସମାଜରେ କନ୍ୟା ଶିଶୁ ମୂଲ୍ୟବୋଧ ଉପରେ ମତ ରଖି ମୁଖ୍ୟ ଚିକିତ୍ସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଏଡିପିଏଚ୍‌ସିଓ ଯୁଗେଶ୍ୱର କାଲୋ ଧନ୍ୟବାଦ ଦେଇଥିଲେ।

### କୋଭିଡ୍ ସାର୍ଟିଫିକେଟ ବାଧ୍ୟତାମୂଳକ

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା**

**ସମ୍ବଲପୁର,୧୨।୧୦(ବ୍ୟୁରୋ):** ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ନେବାକୁ ସ୍ଥିର କରାଯାଇଛି। ଏଥିପାଇଁ କୋଭିଡ ସାର୍ଟିଫିକେଟ ବାଧ୍ୟତାମୂଳକ। ଯାତ୍ରୀମାନେ ଶୀଘ୍ର ଜିଲା ପର୍ଯ୍ୟଟନ ଅଫିସରେ କୋଭିଡ୍ ସାର୍ଟିଫିକେଟ ଦାଖଲ କରିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝି ସୂଚନା ଦେଇଛନ୍ତି। ସେ କହିଛନ୍ତି ୨୦୧୯ରେ ତୀର୍ଥଯାତ୍ରା ନିମନ୍ତେ ବରିଷ୍ଠ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଚୟନ ପ୍ରକ୍ରିୟା ମଧ ସମାପ୍ତ ହେଇଥିଲା। କିନ୍ତୁ କୋଭିଡ୍ କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ୨୦୨୨-୨୩ରେ ଏହାକୁ ଲାଗୁ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ନିଷ୍ପତ୍ତି ନେଇଛି। ତେଣୁ ଚୟନ ହେଇଥିବା ତୀର୍ଥଯାତ୍ରୀ ଓ ୱେଟିଂ ତାଲିକାରେ ଥିବା ଯାତ୍ରୀଙ୍କୁ ଯୋଗାଯୋଗ କରାଯାଇ ୧୫ତାରିଖ ସୁଦ୍ଧା କୋଭିଡ୍ ସାର୍ଟିଫିକେଟ ଦାଖଲ କରିବାକୁ କୁହାଯାଇଛି। ସବିଶେଷ ସୂଚନା ନିମନ୍ତେ ମୋବାଇଲ ନଂ୯୪୩୭୨୫୮୧୬୮ ଏବଂ ୭୦୦୮୦୮୧୦୯୫ରେ ଯୋଗାଯୋଗ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି।

# ବର୍ଷେ ହେଲା ଅନ୍ଧାରରେ ପରିବାର

**ସମ୍ବଲପୁର,୧୨।୧୦(ବ୍ୟୁରୋ)**



ଚନ୍ଦନୀମାଲ ଗ୍ରାମର ବିସ୍ଥାପିତ ପରିବାର।

ଜିଲା ପ୍ରଶାସନର ବିଚିତ୍ର ନୀତି। ବୁଝାମଣା କରାଇ ଲୋକଙ୍କୁ ବିସ୍ଥାପନ କରିଦେଲା। ହେଲେ ବିସ୍ଥାପନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କଲାନାହିଁ। ବର୍ଷେ ହେଲା ଅନ୍ଧାରରେ ଜୀବନ ବିତାଉଛନ୍ତି ୧୦ରୁ ଅଧିକ ପରିବାର। ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଚନ୍ଦନୀମାଲ ଗ୍ରାମରେ। ଏହି ଗ୍ରାମରେ ଏକଲବ୍ୟ ସ୍କୁଲ ନିର୍ମାଣ କରାଯାଉଛି। ଏଠାରେ ରହୁଥିବା ପ୍ରାୟ ୧୦ରୁ ଅଧିକ ପରିବାରଙ୍କୁ ୨୦୨୧ ଅକ୍ଟୋବର ମାସରୁ ବିସ୍ଥାପନ କରାଯାଇଥିଲା। ସେ ସମୟରେ ବିଜୁଳି, ପାଣି, ରାସ୍ତା, ଘର ଯୋଗାଇଦେବାକୁ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ରାସ୍ତା ଅପରପାର୍ଶ୍ୱରେ ସମସ୍ତଙ୍କୁ ଜମି ମଧ ପ୍ରଦାନ କରିଥିଲେ। ବିସ୍ଥାପିତମାନେ ନିଜସ୍ୱ

**ପ୍ରତିଶ୍ରୁତି ରଖିଲାନି ପ୍ରଶାସନ**

ଖର୍ଚ୍ଚରେ ଝାଟିମାଟି କୁଡ଼ିଆ କରି ପରିବାର ସହ ରହୁଛନ୍ତି। ହେଲେ ଉକ୍ତ ସ୍ଥାନକୁ ନା ଲାଗିଛି ବିଜୁଳି ନା ଦୂର ହୋଇଛି ରାସ୍ତାଘାଟ ସମସ୍ୟା। ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ନ ହେଲେ ବିକଳ୍ପ ବ୍ୟବସ୍ଥା ଆପଣେଇବେ ବୋଲି ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଯୁଯୁମୁରା ତହସିଲଦାର ଅଭିଷେକ ସାହୁ କହିଛନ୍ତି, ବିସ୍ଥାପିତମାନଙ୍କୁ ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି। ପାଣି, ବିଜୁଳି ଓ ଅନ୍ୟାନ୍ୟ ସମସ୍ୟା ଜିଲା ମଙ୍ଗଳ ବିଭାଗ ପକ୍ଷରୁ ସମାଧାନ କରାଯିବ। ଲୋକଙ୍କ ସମସ୍ୟାକୁ ନେଇ ଶୀଘ୍ର ପ୍ରଶାସନକୁ ଚିଠି କରିବେ ବୋଲି ସେ କହିଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ବାଳିକା ଦିବସ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅନନ୍ୟା ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ସିଡବ୍ଲ୍ୟୁସି ସଦସ୍ୟ ପୁଷ୍ପା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ତିନୋଟି ଶିଶୁ ଯତ୍ନ ଅନୁଷ୍ଠାନର ବାଳିକା ଅନ୍ତେବାସିନୀ ଓ ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟରୁ ଛାତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ କୁଇଜ୍, ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଅଭିନାଶ ସାହୁ ଓ ସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ସଇଡ଼ାରେ ବାଲିଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



**କୁଚିଣ୍ଡା,୧୨।୧୦(ଡି.ଏନ.ଏ.)**

କୁଚିଣ୍ଡା ଏନ୍‌ଏସିର ସଇଡାଠାରେ ହେବାକୁ ଥିବା ୧୯ ତମ ବାଲିଯାତ୍ରା ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଏଥିରେ ବାଲିଯାତ୍ରାର ପ୍ରତିଷ୍ଠାତା ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ପଟେଲ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ପୂଜକ ସାଲେଗ୍ରାମ ପାଣିଗ୍ରାହୀ, ସଭାପତି ବିଜୁ ସାହୁ, ସମ୍ପାଦକ ବିଶ୍ୱନାଥ କଣ୍ଡରା, ଲମ୍ବୋଦର ସାହୁ, କ୍ଷୀରୋଦ ସା, ପୌଲସ୍ତି ପାତ୍ର, ଦୟାସାଗର ଠାକୁର, ପ୍ରଫୁଲ୍ଲ ସା, ନଳିନୀ କାନ୍ତ ପୃଷେଠ, ଦିବ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନଭେମ୍ବର ୬ ତାରିଖରେ କଳସ ଶୋଭାଯାତ୍ରା ଓ ୮ରେ ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବିଜେଡି କାର୍ଯ୍ୟାଳୟରେ ଜୟପ୍ରକାଶ ଜୟନ୍ତୀ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ବିଜେଡି ଜିଲା କାର୍ଯ୍ୟାଳୟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳନ କରାଯାଇଛି। ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାଶଙ୍କ ସଂଯୋଜନା କରି ଜୟପ୍ରକାଶଙ୍କ ନୀତି ଆଦର୍ଶ ଓ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କିଶୋର ପତି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ବସ୍ତି ବାସିନ୍ଦା ମହାସଂଘ ସାଧାରଣ ସମ୍ପାଦକ ଆଶିଷ ମହାନନ୍ଦ, ବରିଷ୍ଠ ନେତା ଅଶୋକ ମହାକୁର, ଦିଲୀପ ଦାଶ, ଶିଶିର ମହାନ୍ତି, ସୁଧୀର ପାଣିଗ୍ରାହୀ, ସୀତାକାନ୍ତ ପଣ୍ଡା, ମିତାଲି ସାହୁ, ସୁବର୍ଣ୍ଣା ନାୟକ, ସୁଶାନ୍ତ ତନସେନା, ଯାମିନୀ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ଜାଗରଣ କେନ୍ଦ୍ରରେ ଜୟପ୍ରକାଶ ଜୟନ୍ତୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ଜନନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ସମ୍ବଲପୁର ନାରୀ ଜାଗରଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏସ୍‌ଡିଏ ଅଧକ୍ଷ ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜକ ପୂର୍ବତନ ଏମ୍‌ପି ପ୍ରମିଳା ବହିଦାର ଭାରତଛାଡ଼ ଆନ୍ଦୋଳନ ଓ ଏକଛତ୍ରବାଦ ବିରୁଦ୍ଧରେ ସଂଗ୍ରାମ କରିଥିବା ଜୟପ୍ରକାଶଙ୍କ ଜୀବନୀ ଉପରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ଗୁଜରାଟର ନବନିର୍ମାଣ ଆନ୍ଦୋଳନ ଓ ବିହାର ଛାତ୍ରଯୁବ ଆନ୍ଦୋଳନ ଦେଶରେ ଏକଛତ୍ରବାଦ ବିରୁଦ୍ଧରେ ପ୍ରେରଣା ଦେଇଥିଲା। ଏହାର ପ୍ରଭାବରେ ଦେଶରେ ବିରାଟ ପରିବର୍ତ୍ତନ ହୋଇଥିଲା ବୋଲି କହିଥିଲେ। ବରିଷ୍ଠ ଶ୍ରମିକ ନେତା ଗୋକୁଳ ମେହେର, ପୂର୍ବତନ ବିଜେଡି ଜିଲା ସଭାପତି ଅଶୋକ ସେନାପତି, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ସଞ୍ଜିତ ମହାନ୍ତି, ସିପ୍ରା ମହାନ୍ତି, ପଦ୍ମାଳୟା ପଟ୍ଟନାୟକ, ଡ. ପରେଶ ଚନ୍ଦ୍ର ଦାନି ଯୋଗଦେଇ ଜୟପ୍ରକାଶଙ୍କ ସଂଗ୍ରାମ ଓ ସଂଗ୍ରାମୀ ଜୀବନ ବିଷୟରେ ଆଲୋଚନା କରିଥିଲେ। ଉଷା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗୋଶାଳାରେ ବିଜେଡିର ପଦଯାତ୍ରା

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଗୋଶାଳାଠାରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଲ୍‌ବି ଫାର୍ମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ଆରମ୍ଭ ହୋଇ ଗୋଶାଳା ବଜାର ପ୍ରାଙ୍ଗଣରେ ଶେଷ ହୋଇଥିଲା। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ଓ ଭଟ୍‌ଲି ବିଧାୟକ ସୁଶାନ୍ତ ସିଂ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ନେତୃବୃନ୍ଦ ଚାଷ ଓ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲା ଏସ୍‌ଟିଏସ୍‌ସି ସଭାପତି ମୋତିଲାଲ ତନ୍ତୀ, ଦିଲୀପ ଧୁରିଆ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ମହାପାତ୍ର, ଛାତ୍ର ସଭାପତି ଏସ୍ ପାଢ଼ୀ, ଜୋନ ସଭାପତି ଦେବାଶିଷ ପରିଡ଼ା, ଧନକଉଡ଼ା ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ବେହେରା, ଜିଲା ପରିଷଦ ସଭ୍ୟ ସୁଦର୍ଶନ ହରିପାଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜେଡି ଧନକଉଡ଼ା ବ୍ଲକ ସଭାପତି ରଜନୀ ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବୁଲୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌତୁକ ନିର୍ଯାତନା ଅଭିଯୋଗ

**ଜମନକିରା,୧୨।୧୦(ଡି.ଏନ.ଏ.)**

ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ଜମନକିରା ଥାନା ଗୌଡ଼ପାଲି ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗକ୍ରମେ ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଞ୍ଚଳର ଯୁବତୀ ଜମନକିରା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ମାତ୍ର ବିବାହର କିଛିଦିନ ପରେ ଏକ ବାଇକ୍ ପାଇଁ ଶାଶୁଘର ଲୋକେ ଯୁବତୀଙ୍କୁ ନିର୍ଯାତନା ଦେଇଥିଲେ। ଅସହ୍ୟ ହେବାରୁ ଯୁବତୀ ଜଣକ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।

# ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୧୨।୧୦**

ଝାରସୁଗୁଡ଼ା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଓଏସ୍‌ଏପି ମିନି ଷ୍ଟାଡିୟମଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଦୁର୍ଗପତି ଆଶିଷ କୁମାର ଦୁବେ, ସହକାରୀ ଦୁର୍ଗପତି ମାନଧାତା ସାଇ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା, ବିଜ୍ଞାନ ପର୍ଯ୍ୟବେକ୍ଷକ ଜ୍ଞାନରଞ୍ଜନ ମିଶ୍ର, ଓଡ଼ିଶା ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି ସମ୍ମାନିତ ଅତିଥି ଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଝାରସୁଗୁଡ଼ା ଓ ବ୍ରଜରାଜନଗର ବାଳିକା ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ବ୍ରଜରାଜନଗର ୩-୦ ଗୋଲରେ ବିଜୟୀ ହୋଇଛି। ବୁଧବାର ପ୍ରଥମ ମ୍ୟାଚ ଝାରସୁଗୁଡ଼ା ଓ ବ୍ରଜରାଜନଗର ବାଳକ ବର୍ଗ ମଧ୍ୟରେ ହୋଇଥିଲା। ଏଥିରେ ଝାରସୁଗୁଡ଼ା ୩-୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କିର୍ମିରା ଓ ଲଇକେରା ମଧ୍ୟରେ ହୋଇଥିଲା। ଏଥିରେ କିର୍ମିରା ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲ। ବାଳିକା ବିଭାଗ ମ୍ୟାଚରେ ଲଇକେରା ୧-୦ ଗୋଲରେ କିର୍ମିରା ଦଳକୁ ପରାସ୍ତ କରିଥିଲା। ଝାରସୁଗୁଡ଼ା ବିଇଓ ଯଶୋବନ୍ତ ସାହୁ ମୁଖ୍ୟଅତିଥି, ଏବିଇଓ କରୁଣା ସାଗର ପଟେଲ, ଭବାନୀ ଶଙ୍କର ସେଠ, ଉପଦୁର୍ଗପତି ଲକ୍ଷ୍ମଣ ସିଂ ସମ୍ମାନିତ ଅତିଥି ଥିଲେ। ନିର୍ମଳ ସାହୁ, ଅମୀୟ ଷଣ୍ଢ, ଆଦିତ୍ୟ ମେହେର, ସୁଶାନ୍ତ ବେହେରା, ସୁଶାନ୍ତ ପଟେଲ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ସଂଗ୍ରାମୀଙ୍କ ଗାଥା ଗାଇବ ଡେବ୍ରୀଗଡ଼ ପର୍ଯ୍ୟଟନସ୍ଥଳ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀଙ୍କ ଗାଥା ଗାଇବ ସମ୍ବଲପୁରର ଡେବ୍ରୀଗଡ଼ ଅଭୟାରଣ୍ୟ ପର୍ଯ୍ୟଟନସ୍ଥଳ। ଏଥିଲାଗି ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଅଭୟାରଣ୍ୟର ବାରବଖରା ଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ଏକ ସ୍ମାରକୀ ନିର୍ମାଣ କରାଯାଉଛି। ପୂର୍ବରୁ ଏଠାରେ ୧୨ଗୋଟି ଗୁମ୍ଫା, ଝରଣା ଓ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଏ ବେ ନିର୍ମାଣ ହେଉଥିବା ସ୍ମାରକୀ ପର୍ଯ୍ୟଟକଙ୍କୁ ସଚେତନ କରିବ ବୋଲି ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଇଂରେଜମାନଙ୍କ ବିରୋଧରେ ସୁରେନ୍ଦ୍ର ସାଏ ଲଢ଼େଇ କରିଥିଲେ। ଏହି ସମୟରେ ଡେବ୍ରୀଗଡ଼ ଅଭୟାରଣ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଡେବ୍ରୀଗଡ଼ ପାହାଡ଼ ଉପରେ ଦୁର୍ଗର ଶୃଙ୍ଖଳା ନିର୍ମାଣ କରାଯାଇଥିଲା। ହୀରାକୁଦ ଜଳଭଣ୍ଡାର ସମେତ ଛତିଶଗଡ଼ ସିଂଘୋଡ଼ା ପର୍ଯ୍ୟନ୍ତ ଏହା ବ୍ୟାପି ରହିଥିଲା। ଐତିହ୍ୟସ୍ଥଳକୁ ବିକଶିତ କରିବା ପାଇଁ ବନବିଭାଗ ପକ୍ଷରୁ ପ୍ରୟାସ କରାଯାଇଛି। ଏଥିରେ ପର୍ଯ୍ୟଟକ ଆକୃଷ୍ଟ ହେବା ସହ ସଂଗ୍ରାମୀଙ୍କ ବିଷୟରେ ସଚେତନ ହୋଇପାରିବେ। ଏଥିପାଇଁ ପ୍ରାୟ ୧କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ସ୍ୱାଧୀନତା ସଂଗ୍ରାମୀ ସାଏଙ୍କ ସମୟରେ ବିଭିନ୍ନ ଘଟଣାକୁ ଚିତ୍ର ଓ ମୂର୍ତ୍ତି ମାଧ୍ୟମରେ ଦର୍ଶାଯାଉଛି। ଏଥିପାଇଁ ସ୍ଥାନୀୟ ମୂର୍ତ୍ତି କାରିଗର ଓ କଳାକାରଙ୍କୁ ନିୟୋଜିତ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ ରେଷ୍ଟୁରାଣ୍ଟ ଓ ବଣଭୋଜି ଲାଗି ସମସ୍ତ ସୁବିଧା କରାଯିବ। ବାରବଖରାରେ ମା' ସମଲେଶ୍ୱରୀ ଓ ସପ୍ତର୍ଷି ପୀଠର ମଧ ବିକାଶ କାମ ଜାରି ରହିଛି। ଏଥିପାଇଁ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ନେଇ ଇକୋ ଡେଭଲପମେଣ୍ଟ କମିଟି ଗଠନ କରାଯାଇଛି। ଏହି କମିଟି ରେଷ୍ଟୁରାଣ୍ଟ, ପିକ୍‌ନିକ ସ୍ପଟ୍, ତୀର୍ଥସ୍ଥଳ ରକ୍ଷଣାବେକ୍ଷଣ ସହ ପରିଚାଳନା କରିବ। ଆଖପାଖ ଅଞ୍ଚଳରେ ଏବେ ମଧ ସୁରେନ୍ଦ୍ର ସାଏଙ୍କୁ ପୂଜା କରାଯାଉଛି। ବର୍ଷତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଡେବ୍ରୀଗଡ଼ ଅଭୟାରଣ୍ୟକୁ ଆସିଥାନ୍ତି। ଏଠାରେ ବିଭିନ୍ନ ବନ୍ୟପ୍ରାଣୀଙ୍କୁ ଦେଖିବାକୁ ମିଳିଥାଏ। ଏହାସହ ଜଳକ୍ରୀଡ଼ା, ଜଙ୍ଗଲ ସଫାରି, ଟ୍ରେକିଂ, ସାଇକ୍ଲିଂ, ଆରାମଦାୟକ କଟେଜ ଭଳି ବିଭିନ୍ନ ସୁବିଧା ରହିଛି। ଆସନ୍ତା ଡିସେମ୍ବର ସୁଦ୍ଧା ଏହି ସ୍ମାରକୀ ଖୋଲାଯାଇ ପର୍ଯ୍ୟଟକଙ୍କୁ ଅବଗତ କରାଇଲେ ସଂଖ୍ୟା ବୃଦ୍ଧି ପାଇବ ବୋଲି ପର୍ଯ୍ୟଟନ ବିଭାଗ ଆଶା ରଖିଛି ବୋଲି ସେ କହିଥିଲେ।



ଡେବ୍ରୀଗଡ଼ ବାରବଖରାରେ ନିର୍ମାଣ କାମ କରୁଛନ୍ତି କାରିଗର।

## ସଂକ୍ଷେପରେ

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ: ଦମ୍ପତି ଗିରଫ

ଦେବଗଡ଼,୧୨।୧୦(ଡି.ଏନ୍.ଏ.): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ଦେବଗଡ ଥାନା ଅନ୍ତର୍ଗତ ଦନ୍ତରୀବାହାଲ ଗ୍ରାମର ଜଣେ ବୃଦ୍ଧଙ୍କୁ ଏକ ଦମ୍ପତି ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ଶଙ୍କର ନାୟକ (୬୦) ଓ ତାଙ୍କର ପଡୋଶୀ କମଳ ଲୋଚନ ଭୋଇ(୪୦)ଙ୍କ ପରିବାର ମଧ୍ୟରେ କୌଣସି କାରଣରୁ ପୂର୍ବଶତ୍ରୁତା ରହିଥିଲା। କମଳ ଶଙ୍କରଙ୍କୁ ବିଭିନ୍ନ ସମୟରେ ଧମକ ଚମକ ଦେଉଥିଲେ। ଏପରିକି କମଳ ଶଙ୍କରଙ୍କ ଝିଅକୁ ଏକୁଟିଆ ପାଇଲେ ବଳାତ୍କାର କରିବେ ବୋଲି ମଧ ଧମକ ଦେଉଥିଲେ। ଫଳରେ ଶଙ୍କର ଓ ତାଙ୍କ ପରିବାର ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୫ଟା ୨୦ରେ ଶଙ୍କର ନିକଟସ୍ଥ ଏକ ବ୍ୟାଙ୍କରୁ କାମ ସାରି ନିଜ ଘରକୁ ଫେରୁଥିବାବେଳେ କମଳ ଏବଂ ତାଙ୍କ ସ୍ତ୍ରୀ ବିନି ଭୋଇ ତାଙ୍କୁ ପଛପଟୁ ଠେଙ୍ଗା ଏବଂ ପଥର ସାହାର୍ଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶଙ୍କର ଗୁରୁତର ଆହତ ହୋଇପଡିବାସହ ଅଚେତ ହୋଇ ତଳେ ପଡିଯାଇଥିଲେ। ଏହା ଦେଖି କମଳ ଏବଂ ତାଙ୍କ ସ୍ତ୍ରୀ ବିନି ସେଠାରୁ ପଳାଇଥିବା ବେଳେ ଗ୍ରାମର ଦୁଇ ବ୍ୟକ୍ତି ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଶଙ୍କରଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଶଙ୍କର ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ କମଳ ଓ ବିନି ବିରୋଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ସେମାନଙ୍କୁ ବୁଧବାର ଗିରଫ କରିଛି।

### ଆମ ଶିକ୍ଷାର୍ଥୀ-ଆମ ଗୌରବ ପ୍ରତିଯୋଗିତା ଉଦ୍‌ଘାଟିତ

ରାଉରକେଲା ଅଫିସ,୧୨।୧: ରାଉରକେଲା ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ରାବ୍ଲକ ବିଇଓ ପ୍ରଜ୍ଞାପାରମିତା ଜେନାଙ୍କ ଅଧ୍ୟକ୍ଷତାରେ ଆମ ଶିକ୍ଷାର୍ଥୀ-ଆମ ଗୌରବ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ରା ବ୍ଲକର ୧୭ଟି କ୍ଲଷ୍ଟରରୁ ଆସିଥିବା ବିଭିନ୍ନ ବିଦ୍ୟାର୍ଥୀଙ୍କ ଭିତରେ ଥିବା ଅନ୍ତଃନିହିତ ଗୁଣାବଳିର ବିକାଶ ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ଅତିଥି ବରିଆ ମତ ପ୍ରକାଶ କରିଥିଲେ। ଲାଠିକଟା ବ୍ଲକ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ସ, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ, ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବିଶ୍ରାବ୍ଲକ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ୪ଟି ବିଭାଗରେ ଯଥା ବିଜ୍ଞାନ, ହସ୍ତ କଳା, ସଙ୍ଗୀତ ଓ ନୃତ୍ୟ ଭଳି ପ୍ରତିଯୋଗିତା ବିଦ୍ୟାର୍ଥୀଙ୍କ ମଧ୍ୟରେ ହୋଇଥିଲା। ବିଜ୍ଞାନ ବିଭାଗରେ ବିଭିନ୍ନ ବିଦ୍ୟାର୍ଥୀଙ୍କ ଦ୍ୱାରା ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରେ ପ୍ରତିଯୋଗିତାର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ସିପିଆଇ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା


ସିପିଆଇ ସୁନ୍ଦରଗଡ଼ ଶାଖା ପକ୍ଷରୁ ଧାରଣା ଦିଆଯାଇଛି।

ସୁନ୍ଦରଗଡ଼,୧୨।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର ସମସ୍ତ ଖଣି ଖାଦାନ ଓ ଶିଳ୍ପାନୁଷ୍ଠାନଗୁଡିକରେ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ଜିଲା ଖଣିଜ ପାଣ୍ଠିର ସଦବିନିଯୋଗ, ଧାନ ମଣ୍ଡିରେ କଟନି ଛଟନି ବନ୍ଦ କରିବା ଆଦି ଦାବି ନେଇ ବୁଧବାର ସିପିଆଇ (ଭାରତୀୟ କମ୍ୟୁନିଷ୍ଟ ପାର୍ଟି) ସୁନ୍ଦରଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡିଆରଡିଏ ଛକଠାରେ ଗଣଧାରଣା ଦିଆଯାଇଥିଲା। ଏଥିରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ, ସିପିଆଇ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ସହ ସମ୍ପାଦକ ସୁନୀଲ ନାଏକ, ଶୁକଦେବ ନାଏକ, ସନ୍ତୋଷ ଆଚାର୍ଯ୍ୟ, ରାଧେଶ୍ୟାମ ଗର୍ଡ଼ିଆ, ନରେଶ ମେହେର, ରାଜେନ୍ଦ୍ର ନାଏକ, ଗୋପାଳପୁର ସରପଞ୍ଚ ପୂରବୀ ନାଏକ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇଥିଲେ। ପ୍ରାକୃତିକ ପ୍ରାଚୁର୍ଯ୍ୟରେ ଭରପୂର ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ସରକାର ତଥା ପ୍ରଶାସନର ଉଦାସୀନତାକୁ ସମାଲୋଚନା କରିଥିଲେ। ଜିଲାରେ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇ ଦେବା, ତୁରନ୍ତ ଜଙ୍ଗଲ ଜମିପଟ୍ଟା ପ୍ରଦାନ, ଅତି ଶୋଚନୀୟ ହୋଇପଡ଼ିଥିବା ଟପରିଆଠାରୁ ସୁନ୍ଦରଗଡ଼ ମୁଖ୍ୟ ରାସ୍ତାକୁ ଚାରିଥାକିଆ କରିବା, ବିସ୍ଥାପିତ ଓ ପ୍ରଦୂଷଣ ସମସ୍ୟାର ତ୍ୱରିତ ସମାଧାନ ଓ ଅନ୍ୟାନ୍ୟ ଦାବି ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ



ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସରେ ଉପସ୍ଥିତ ଅତିଥି।

ଦେବଗଡ଼,୧୨।୧୦(ଡି.ଏନ୍.ଏ.)

ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ସ୍ଥାନୀୟ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ସମଗ୍ର ଶିକ୍ଷା ବିଭାଗର ଜୟଶ୍ରୀ ଅମାତ୍ୟଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଓ ଏକ୍ସନ ଏଡର ଜିଲା ସଂଯୋଜକ ପୀତବାସ ବେହେରା ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶିଶୁ କନ୍ୟାମାନଙ୍କର ସୁରକ୍ଷା, ସୁସ୍ୱାସ୍ଥ୍ୟ ଏବଂ ଶିକ୍ଷା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଭାଗୀୟ କର୍ମଚାରୀ ସୀମାରାଣୀ ପାଣିଗ୍ରାହୀ, ସୁନୀତା ବଢେଇ ଓ ଶଶାଙ୍କ ଶେଖର ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରଶାସନ, ଖଣି କର୍ତ୍ତୃପକ୍ଷ, ଜନପ୍ରତିନିଧିଙ୍କୁ ନେଇ ବୈଠକ

କୁତ୍ରା, ୧୨।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖଟକୁରବାହାଲରେ ଜିଲା ପ୍ରଶାସନ, ଶିବା ସିମେଣ୍ଟ କର୍ତ୍ତୃପକ୍ଷ, ଜନ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିବା ସିମେଣ୍ଟ ଖଣିକୁ ନେଇ ବିଗତ ଦିନରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ତଥା ଆଗାମୀ ଦିନରେ ସେ ସବୁର ସମାଧାନ ବିଷୟକୁ ନେଇ ଏଥିରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଉପଜିଲାପାଳ ଦାଶରଥି ସରାଗୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ମାନସୀ ନାଏକ, ଅତିରିକ୍ତ ତହସିଲଦାର ହାବିଲ ଖାଖା, ଶିବା ସିମେଣ୍ଟ କାରଖାନାର ୟୁନିଟ ମୁଖ୍ୟ ଅନିଲ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବରିଷ୍ଠ ନେତା ମଙ୍ଗଳା କିଶାନ, ସରପଞ୍ଚ ଝାଡି ଧନୱର,ସମିତି ସଭ୍ୟା ପୁଷ୍ପା ତିର୍କୀ ଏବଂ ଜନସାଧାରଣଙ୍କୁ ନେଇ ଏଠାରେ ଥିବା ଶିବା ସିମେଣ୍ଟ ଖଣି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପୂର୍ବରୁ ଥିବା ଚୂନପଥର ଖଣି ସହ ଏଠାରେ ଖୋଲା ଯାଇଥିବା ନୂତନ ୟୁନିଟକୁ ନେଇ ବିଗତ ଦିନରେ ଉପୁଜିଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ, ଖଣି ପାଇଁ ଜମି ଅଧିଗ୍ରହଣ ସରକାରୀ ନିତି ନିୟମ ଅନୁସାରେ ହେବା, ଆଗକୁ ଜନସାଧାରଣଙ୍କ ସହ ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ସମସ୍ତ ବିଷୟରେ ସମାଧାନର ସୂତ୍ର ପାଇଁ ଆଲୋଚନା ହୋଇଥିଲା।

# ରାଜଗାଙ୍ଗପୁର ସିଟିଜେନ ଫୋରମର ସ୍ୱାଗତ ସମ୍ବର୍ଦ୍ଧନା


ରାଜଗାଙ୍ଗପୁର ସିଟିଜନ ଫୋରମସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

ରାଜଗାଙ୍ଗପୁର, ୧୨।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସିଟିଜନ ଫୋରମସ ଦ୍ୱାରା ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଡାକବଙ୍ଗଳାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜଗାଙ୍ଗପୁରରେ ନୂତନ ଭାବେ ଯୋଗ ଦେଇଥିବା ଏସଡିପିଓ ଅଭିଷେକ ପାଣିଗ୍ରାହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଫୋରମସ ଦ୍ୱାରା କରାଯାଇଥିଲା। ଏହା ସହିତ ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ପୂର୍ବତନ ବିରମିତ୍ରପୁର ଏସଡିପିଓ ସୁମନ ଦତ୍ତ ପ୍ରମୁଖଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଫୋରମସ ଦ୍ୱାରା କରାଯାଇଥିଲା। ପୌରାଧ୍ୟକ୍ଷା ନିଜର ବକ୍ତବ୍ୟରେ ରାଜଗାଙ୍ଗପୁରର ସମସ୍ତ ଅନୁଷ୍ଠାନ ଗୁଡ଼ିକ ଜାଗ୍ରତ ହୋଇ ରାଜଗାଙ୍ଗପୁରର ବିକାଶରେ ସହଯୋଗ କରିବା ପାଇଁ କହିଥିଲେ। ଏସଡିପିଓ ଅଭିଷେକ ନିଜର ବକ୍ତବ୍ୟରେ ରାଜଗାଙ୍ଗପୁରକୁ ଏକ ସୁନ୍ଦର ସହର କହିବା ସହିତ ସମସ୍ତେ ମିଳିମିଶି ରାଜଗାଙ୍ଗପୁରରେ ଭାଇଚାରା ରକ୍ଷା କରିବା ଏବଂ ଏହାକୁ ଭାଙ୍ଗିବା ପାଇଁ ଯିଏ ଚେଷ୍ଟା କରିବ ତା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କହିଥିଲେ। ପ୍ରତିଷ୍ଠାତା ସଦସ୍ୟ ତଥା ରାଜଗାଙ୍ଗପୁର ମହୋତ୍ସବ କମିଟି ଝରଝରାର ସଭାପତି ମୋହନ ଅଗ୍ରୱାଲ, ପ୍ରେମ ଅଗ୍ରୱାଲ, ହୃଦୟା ସିଂ, ମହମ୍ମଦ ଅବଜାଲ,ବିରେନ୍ଦ୍ର ରଥ, ରାକେଶ ନନ୍ଦା, କୁଲଦିପ ସିଂଙ୍କ ସହ ସହରର ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ସଭା କାର୍ଯ୍ୟରେ ଫୋରମସର ସଭାପତି ଅଶୋକ ଦାସ ସ୍ୱାଗତ ଭାଷଣ ରଖିଥିଲେ। ଅଶୋକ ସାହୁ ପରିଚାଳନା କରିଥିଲେ। ମହମ୍ମଦ ଗୁଞ୍ଜା ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଶୀମଦ ଜବତ: ଜଣେ ଗିରଫ

ରାଉରକେଲା ଅଫିସ,୧୨।୧୦

ରାଉରକେଲା ଅବକାରୀ ପୋଲିସ ଝିରପାଣି ଅଞ୍ଚଳରେ ଚଢ଼ାଉ କରି ଦେଶୀମଦ ଜବତ କରିଛି। ଏହା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସାଗର କିସ୍‌ପଟ୍ଟା। ବୁଧବାର ଦିନ ସାଢ଼େ ୧୨ଟାରେ ଏକ ସ୍କୁଟିଗାଡି ନଂ. ଓଆର୨୩ସି ୪୯୧୫ ଯୋଗେ ୧୪୫ ଲିଟର ଦେଶୀମଦ ନେଇ ଯାଉଥିବାବେଳେ ସାଗର ଧରାପଡ଼ିଥିଲେ।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଲିକୁନ


@ ପ୍ରତାପ


@ ମନୋଜ


@ ଶୁଭାଂଶୁ


@ ସୁମନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଉଁରା ଟିମ୍ ଟିକିଲିପଡ଼ାକୁ ହରାଇ ଚାମ୍ପିୟନ

ବଡ଼ଗାଁ, ୧୨।୧୦(ଡି.ଏନ୍.ଏ.)

**ଉମାକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁସୁନା ଗ୍ରାମରେ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଉମାକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୦ତାରିଖ ଉଦ୍‌ଯାପିତ ହୋଇଯାଇଛି। ୬୪ ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭଉଁରା ଟିମ୍ ଟିକିଲିପଡା ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ କୁସୁନା ଗ୍ରାମର ହୃଦାନନ୍ଦ ସାହୁ, କପିଳ ସାହୁ, ଲଳିନ୍ଦ୍ର କାଲୋ, ଭୁବନେଶ୍ୱର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ହୋଇଥିବା ଭଉଁରା ଟିମ୍, ଉପ ବିଜେତା ଟିକିଲିପଡା, ତୃତୀୟ ସ୍ଥାନ ପାଇଥିବା ଭସ୍ମା ନିକଟ କବାଙ୍ଗ ଓ ଚତୁର୍ଥ ସ୍ଥାନ ପାଇଥିବା ଲେଡିମଙ୍ଗ ଟିମ୍‌କୁ ପୁରସ୍କୃତ କରିଥିଲେ। ଏହା ସହିତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ଭଉଁରା ଟିମ୍‌ର ପିଣ୍ଟୁ, ମ୍ୟାନ ଅଫ୍ ଦି ସିରିଜ ହୋଇଥିବା ଭଉଁରା ଟିମ୍‌ର ପବିତ୍ର, ବେଷ୍ଟ ସିକ୍ସର ଭାବେ ଟିକିଲିପଡ଼ା ଟିମ୍‌ର ସାଗର ଓ ବେଷ୍ଟ ଫିଲ୍ଡର ଭାବେ ଟିକିଲିପଡା ଟିମ୍‌ର ବିନୋଦଙ୍କୁ ପୁରସ୍କୃତ କରାଯାଇଥିଲା। ସୋନୁ ଓ ଲୋକେଶ୍ୱର୍ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ରିକେଟ କ୍ଲବର କର୍ମକର୍ତ୍ତା ଗଜେନ୍ଦ୍ର ସିଂ, ମୁରଲୀଧର କାଲୋ, ପ୍ରଦୀପ ସାହୁ, ବିକାଶ କାଲୋ, କୁମାର୍ ସିଂ, କୁମୁଦ ସିଂ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ସୂଚନଯୋଗ୍ୟ , ୨ ବର୍ଷ ପୂର୍ବେ ଦେହାନ୍ତ ଘଟିଥିବା ଉମାକାନ୍ତ ସାହୁଙ୍କ ସ୍ମୃତିରେ ଗତବର୍ଷଠାରୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହୋଇଆସୁଛି।


ଉମାକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

# ବଣାଇ ଉପଖଣ୍ଡସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା

ବଣାଇଁ, ୧୨।୧୦(ସ୍ୱ.ପ୍ର.)


ବଣାଇ ଉପଖଣ୍ଡସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ଼ ଜିଲା ବଣାଇ ରାଜା ଧରଣୀଧର ବହୁମୁଖୀ ଖେଳ ପଡିଆଠାରେ ଉପଖଣ୍ଡସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଚାରିଗୋଟି ବ୍ଲକର ୧୭ ବର୍ଷରୁ କମ୍ ବୟସର ଫୁଟବଲ ଖେଳାଳି ଉଭୟ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡ, ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବନରିଆ, ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ମାହାନ୍ତ, ବିଦ୍ୟାଳୟ ପିଟିଏ ସଭାପତି ମନୋଜ ସାଥୁଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୋଗୁଆ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ସଂଯୋଜନା କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ହକି ଇଣ୍ଡିଆକୁ ଦେଶରେ ସର୍ବୋତ୍ତମ ସ୍ଥାନରେ ପହଞ୍ଚାଇ ସାରିଥିବାବେଳେ ବର୍ତ୍ତମାନ ଫୁଟବଲ ପ୍ରତି ଆଗ୍ରହ ପ୍ରକାଶ କରି ଓଡ଼ିଶାରେ ଥିବା ବିଦ୍ୟାଳୟଗୁଡ଼ିକୁ ପ୍ରାୟ ୪୪ ହଜାର ଫୁଟବଲ ପ୍ରଦାନ କରିଥିବାବେଳେ ବଣାଇ ଉପଖଣ୍ଡ ବିଦ୍ୟାଳୟ ସମୂହକୁ ୪୩୪ଟି ଫୁଟବଲ ପ୍ରଦାନ କରିଥିବା ମୁଖ୍ୟ ଅତିଥି ସୂଚନା ପ୍ରଦାନ କରିଥିଲେ।

ପ୍ରଥମ ଖେଳଟି କୋଇଡା ଓ ବଣାଇ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲ ବ୍ୟବଧାନରେ ଉପର ରାଉଣ୍ଡକୁ ଯାଇଥିବା ଜଣାପଡିଛି। ଏହି ଖେଳଗୁଡିକୁ ରେଫରୀ ଭାବେ ବୁଲୁ ସ୍ୱାଇଁ, ତ୍ରିଲୋଚନ କିଷାନ, ଗିରିଶ ସାହୁ ଏବଂ ଅଞ୍ଚଳର କ୍ରୀଡା ଶିକ୍ଷକମାନେ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ଜିଲା ମୁଖ୍ୟ ରେଫରୀ ଦୁର୍ଗା ମାଧବ ନାୟକ ତଦାରଖ କରିଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ ଯୋଗଦେଇ ହକିରେ ଜିଲା ଯେପରି ନାମ କରିଛି ଠିକ ସେହିଭଳି ଫୁଟବଲରେ ମଧ ନାମ କରୁ ବୋଲି କହିଥିଲେ। ଫାଇନାଲ ବାଳକ ବର୍ଗରେ ଗୁରୁଣ୍ଡିଆକୁ କୋଇଡା ଦଳ ୨-୬ଗୋଲରେ ହରାଇ ଥିବାବେଳେ ବାଳିକା ବର୍ଗରେ କୋଇଡା ଦଳକୁ ଗୁରୁଣ୍ଡିଆ ଦଳ ୦-୧ ଗୋଲ ଦେଇ ଦଳଗତ ଚାମ୍ପିୟନ ହୋଇଥିବା ଜଣାପଡିଛି।

# ଅର୍ଥ ନିଗମକୁ ଚୂନ ଲଗାଇଲେ ଶିଳ୍ପପତି

- ଋଣୀ ତାଲିକାରେ ରାଜନେତା, ବ୍ୟବସାୟୀ
- କୋର୍ଟ ଆଳ ଦେଖାଇ ଫାଙ୍କି ଦେଲେ
- ୫ ବର୍ଷରେ ଅଢ଼େଇ କୋଟି ଆଦାୟ

ସମ୍ବଲପୁର,୧୨।୧୦(ବ୍ୟୁରୋ)

ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ସରକାର ଅର୍ଥ ନିଗମ ଖୋଲିଥିଲେ। ସେ ସମୟରେ ରାଜନେତା, ପ୍ରତିଷ୍ଠିତ ବ୍ୟବସାୟୀ ଏହା ଦ୍ୱାରା ବେଶ୍ ଲାଭବାନ ହୋଇଥିଲେ। ସେମାନେ ନିଗମରୁ କୋଟି କୋଟି ଟଙ୍କା ଋଣ ଆକାରରେ ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଋଣଟଙ୍କା ଫେରସ୍ତ ନ କରି ଚଳୁ କରିଦେଇଥିଲେ। ଫଳରେ ରାଜ୍ୟରେ ଅର୍ଥ ନିଗମ ଦେବାଳିଆ ଅବସ୍ଥାରେ ପହଞ୍ଚିଯାଇଛି। ସମ୍ବଲପୁର ଆଞ୍ଚଳିକ ଶାଖା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ।

ସମ୍ବଲପୁର ଆଞ୍ଚଳିକ ଶାଖା ଅଧୀନରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲାରେ ଶାଖା ଖୋଲି ଋଣ ପ୍ରଦାନ କରାଯାଉଥିଲା। ଏଥିରେ ଉକ୍ତ ଜିଲାଗୁଡ଼ିକର ଶିଳ୍ପପତି, ରାଜନେତା, ବ୍ୟବସାୟୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନୁଷ୍ଠାନ ଖୋଲି ଋଣ ନେଇଥିଲେ। ଏହିସବୁ ଜିଲାର ୧୨୧୦ ଗ୍ରାହକ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଋଣ ନେଇଥିଲେ। ୧୯୮୦ରୁ ୧୯୯୦ ପ୍ରାୟ ୧୦ବର୍ଷ ଭିତରେ ଏହି ଋଣ ପ୍ରଦାନ କରାଯାଇଥିଲା। ପରେ ଶିଳ୍ପପତିମାନେ ବିଭିନ୍ନ ଆଳ ଦେଖାଇ ଋଣ ପରିଶୋଧ କଲେନାହିଁ। ନିଜକୁ ଦେବାଳିଆ ଘୋଷଣାକରି ନିଗମକୁ ଫାଙ୍କିଦେଲେ। ଅନ୍ୟପଟେ ଋଣପାଇଁ ଦେଇଥିବା କାଗଜପତ୍ର, ଜମି ଓ ଦସ୍ତାବିଜରେ ମଧ୍ୟ ଜାଲିଆତି ହୋଇଥିଲା। ଫଳରେ ଅର୍ଥ ନିଗମ ପାଇଁ ଋଣ ଆଦାୟରେ ସମସ୍ୟା ସୃଷ୍ଟି ହେଉଛି। ସମ୍ବଲପୁର ଅଫିସରୁ ମିଳିଥିବା ସୂଚନା ଅନୁସାରେ ଏବେ ମଧ୍ୟ ଏହି ଜିଲାଗୁଡ଼ିକ ମଧ୍ୟରେ ୭୨ଟି ମାମଲା କୋର୍ଟରେ ବିଚାରାଧୀନ ରହିଛି। କୋର୍ଟ ନିର୍ଦ୍ଦେଶକ୍ରମେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାୟ ୫ବର୍ଷ ଭିତରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କୋଣାର୍କ ଅକ୍ସିଜେନ ପ୍ଲାଣ୍ଟ ନାମକ କମ୍ପାନୀକୁ ନିଲାମ କରାଯାଇଥିଲା। ଏଥିରୁ ପ୍ରାୟ ଅଢ଼େଇକୋଟି ଟଙ୍କା ଆଦାୟ ହୋଇଛି। କିଛିବର୍ଷ ପୂର୍ବରୁ ନିଗମ ପକ୍ଷରୁ ୨ଟି ଗାଡ଼ି ଜବତ କରାଯାଇଥିଲା। ଉକ୍ତ ଗାଡ଼ି ଷ୍ଟକ୍‌ୟାର୍ଡରେ ପଡ଼ିରହିଛି। କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ନିଲାମ କରାଯାଇ ପାରୁନାହିଁ। ଫଳରେ ଗାଡ଼ିଗୁଡ଼ିକ ସ୍କ୍ରାପ୍ ଆକାରରେ ବିକ୍ରି କରାଯିବ। ଆଞ୍ଚଳିକ ଅଫିସ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଛାତରୁ ପାଣି ଗଳିବା ସହ କାନ୍ଥ ବିପଦସଙ୍କୁଳ ରହିଛି। ଆବଶ୍ୟକ କର୍ମଚାରୀ ନିଯୁକ୍ତି କରାଯାଉନାହିଁ। ମାତ୍ର ୨ଜଣ କର୍ମଚାରୀ କୋର୍ଟ କଚେରି ଓ ଚିଠି ଦିଆନିଆ କାମ ପାଇଁ ଜଗି ବସିଛନ୍ତି। ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲା ଅଫିସଗୁଡ଼ିକ ବନ୍ଦ କରିଦିଆଯାଇଛି। ସମସ୍ତ କାଗଜପତ୍ର ସମ୍ବଲପୁର ଆଞ୍ଚଳିକ ଅଫିସରେ ରଖାଯାଇଛି।

ଆବଶ୍ୟକ କର୍ମଚାରୀ ଓ ଅଧିକାରୀ ନ ଥିବାରୁ ଋଣ ପରିଶୋଧରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଠିକ୍ ସମୟରେ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇ ପାରୁନାହିଁ। ରାଜ୍ୟରେ ପୂର୍ବରୁ ୧୬ହଜାର କର୍ମଚାରୀ ଓ ଅଧିକାରୀ ରହିଥିବା ବେଳେ ଏବେ ମାତ୍ର ୨୭ଜଣ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏ ସମ୍ପର୍କରେ ରାଜ୍ୟ ଅର୍ଥ ନିଗମର ରିକଭରି ମୁଖ୍ୟ କାହ୍ନୁଚରଣ ପାଣିଗ୍ରାହୀ କହିଛନ୍ତି, ଆବଶ୍ୟକ କର୍ମଚାରୀ ନ ଥିବାରୁ ଋଣ ଆଦାୟରେ ସମସ୍ୟା ହେଉଛି। ଅନେକ କମ୍ପାନୀର ଚିହ୍ନବର୍ଣ୍ଣ ନ ଥିବାବେଳେ ଋଣ ନେଇଥିବା ବ୍ୟକ୍ତିବିଶେଷ ମଧ୍ୟ ମୃତ୍ୟୁବରଣ କରିସାରିଛନ୍ତି। ଭାରତୀୟ ଲଘୁ ବିକାଶ ବ୍ୟାଙ୍କରେ ରାଜ୍ୟ ଅର୍ଥ ନିଗମ ଋଣୀ ହୋଇ ରହିଛି। ଋଣ ପରିଶୋଧ ନ ହେବାରୁ ଅର୍ଥ ନିଗମ ମଧ୍ୟ ବକେୟା ଟଙ୍କା ପରିଶୋଧ କରିପାରୁନାହିଁ। ଗ୍ରାହକମାନଙ୍କୁ ବାରମ୍ବାର ନୋଟିସ କରାଯାଉଛି। ୨୦୦୨ରୁ ଅର୍ଥ ନିଗମ ଋଣ ଦେବା ଉପରେ ରୋକ ଲଗାଇଛି। ଏବେ କେବଳ ଋଣ ଆଦାୟ ଉପରେ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ।



ସମ୍ବଲପୁର ଅଫିସ ପରିସରରେ ଜବତ ଗାଡ଼ି ନଷ୍ଟ ହେବାକୁ ବସିଛି।

# ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

କେନ୍ଦୁଝର,୧୨।୧୦(ସ୍ୱ.ପ୍ର.)

ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି କେନ୍ଦୁଝର ଜିଲା ବାଂଶପାଳ ବିଇଓ କାର୍ଯ୍ୟାଳୟର କନିଷ୍ଠ କିରାଣି ଗଙ୍ଗାଧର ସାହୁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସରକାରୀ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ଚଢ଼ାଉରେ ଭିଜିଲାନ୍ସ ଟିମ୍ ୧.୨୭ ଟଙ୍କାର ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, କନିଷ୍ଠ କିରାଣି ସାହୁଙ୍କ ନାମରେ ବାରମ୍ବାର ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ୨୦୨୧ରୁ ତଥ୍ୟ ସଂଗ୍ରହ କରି ଆସୁଥିଲା। ଗତ ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଯାଞ୍ଚ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରୁ ୱାରେଣ୍ଟ ବଳରେ ଚଢ଼ାଉ କରାଯାଇଥିବା ଏସ୍‌ପି ନରହରି ନାୟକ କହିଛନ୍ତି। ୫ ଟିମ୍ କେନ୍ଦୁଝର ଜେଲରୋଡ଼ସ୍ଥିତ ସରକାରୀ ବାସଭବନ, ଭାଲୁକିପତଳାସ୍ଥିତ ୩ ମହଲା ଘର, ତେଲକୋଇ ବ୍ଲକ୍ ତାଳପଦା ସ୍ଥିତ ପୈତୃକ ବାସଭବନ, ସରାସପଶିସ୍ଥିତ ଶ୍ୱଶୁର ଘର ଓ ବାଂଶପାଳ ବିଇଓ କାର୍ଯ୍ୟାଳୟରେ ଏକ ସଙ୍ଗେ ଯାଞ୍ଚ କରିଥିଲେ। ଯାଞ୍ଚରେ ପାଖାପାଖି ୯୦ ଲକ୍ଷ ଟଙ୍କା ମୂଲ୍ୟର ଭାଲୁକିପତଳା ୩ ନମ୍ବର ଲେନ୍‌ରେ ୩ମହଲା ଘର ଓ ଭାଲୁକିପତଳା ମୌଜାରେ ଏକ ପ୍ଲଟ୍ ଥିବା ଜଣାପଡ଼ିଛି। ସେହିପରି ବିଭିନ୍ନ ବ୍ୟାଙ୍କରେ ଫିକ୍ସ ଜମା, ବୀମା ଜମା ବାବଦକୁ ୧୪ ଲକ୍ଷ ୨ ହଜାର ଟଙ୍କାର କାଗଜପତ୍ର, ଶଳା ନାମରେ ୯ ଲକ୍ଷ ଟଙ୍କା ମୂଲ୍ୟର ଏକ କାର ଏବଂ ୩ ଲକ୍ଷ ଟଙ୍କାର ଆସବାବପତ୍ର ମିଳିଛି। ଚଢ଼ାଉରେ ବାଲେଶ୍ୱର ଡିଭିଜନ ଭିଜିଲାନ୍ସ ଏସ୍‌ପି ନାୟକଙ୍କ ନେତୃତ୍ୱରେ ଡିଏସ୍‌ପି ହରେକୃଷ୍ଣ ମାଝୀ, ଦାକ୍ଷିଣୀ ଚରଣ ମୁର୍ମୁ, ସିକନ୍ଦର ହେମ୍ବ୍ରମଙ୍କ ସମେତ ୩ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୨ଜଣ ଏଏସ୍‌ଆଇ ଓ ୯ ଜଣ କନଷ୍ଟେବଲ ସାମିଲ ହୋଇଥିଲେ। ନଂ. ୩୧ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ସବିଶେଷ ହିସାବ ପରେ ଆୟ ବହିର୍ଭୂତ ସମ୍ପତ୍ତି କେତେ ରହିଛି ଜଣାପଡ଼ିବ ବୋଲି ଏସ୍‌ପି ନାୟକ କହିଛନ୍ତି।


କନିଷ୍ଠ କିରାଣି ଗଙ୍ଗାଧର ସାହୁ ଓ ତାଙ୍କ ୩ ମହଲା କୋଠା (ଇନ୍‌ସେଟ୍)।

# ଆଇଟିଆଇର ସ୍କ୍ରାପ୍ ଗିଟାର ଲିମ୍କା ବୁକ୍ ଅଫ୍ ରେକର୍ଡ

ବ୍ରହ୍ମପୁର ଅଫିସ,୧୨।୧୦

ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ଦ୍ୱାରା ପ୍ରସ୍ତୁତ ହୋଇଥିବା ଦେଶର ସର୍ବୋବୃହତ୍ ସ୍କ୍ରାପ୍ ଗିଟାର ଲିମ୍କା ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ଗିଟାରଟି ଆଇଟିଆଇର ଫିଟର, ଇଲେକ୍ଟ୍ରିସିଆନ, କଟର, ପେଣ୍ଟର, ୱେଲଡର ଓ ପ୍ଲମ୍ବର ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହାକୁ ୨୦୧୯ରେ ନିର୍ମାଣ କରାଯାଇ ଆଇଟିଆଇ ସ୍କ୍ରାପ୍ ପାର୍କରେ ସ୍ଥାପନ କରାଯାଇଥିଲା। ଯାହାର ଉଚ୍ଚତା ୭୦ ଫୁଟ, ଓସାର ପ୍ରାୟ ୨୫ ଫୁଟ, ଓଜନ ୧ ଟନରୁ ଊର୍ଦ୍ଧ୍ୱ ରହିଛି। ଏହାକୁ ନିର୍ମାଣ କରିବା ପାଇଁ ୩ରୁ ୫ ମାସ ସମୟ ଲାଗିଥିଲା।

ଏହି ସର୍ବବୃହତ୍ ଗିଟାର ୨୦୧୯ ଅଗଷ୍ଟ ୨୧ରେ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲା। ଏହାପରେ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ଆଇଟିଆଇ ପକ୍ଷରୁ ଆବେଦନ କରାଯାଇଥିଲା।

ଏ ବାବଦରେ ମଙ୍ଗଳବାର ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ସୂଚନା ମିଳିଥିଲା। ବୁଧବାର ଏ ନେଇ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ପ୍ରମାଣ ପତ୍ର ଆଇଟିଆଇକୁ ମିଳିଛି। ଏ ନେଇ ଆଇଟିଆଇ ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଲିମକା ବୁକ୍ ଅଫ ରେକର୍ଡ ପକ୍ଷରୁ ମିଳିଥିବା ପ୍ରମାଣ ପତ୍ର।

# ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିଲା କିଟ୍

ଭୁବନେଶ୍ୱର, ୧୨।୧୦ (ବ୍ୟୁରୋ)

**ଟାଇମ୍ସ ହାୟର ଏଜୁକେଶନ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩**

ଟାଇମ୍ସ ହାୟର ଏଜୁକେଶନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍-୨୦୨୩ ବୁଧବାର ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିବା ସହ ଉପରକୁ ଉଠିଛି। ପୂର୍ବବର୍ଷ କିଟ୍ ୮୦୧+ ସ୍ଥାନରେ ରହିଥିବାବେଳେ ଏବର୍ଷ ୨ଶହ ର୍‍ୟାଙ୍କ ଉନ୍ନୀତ ହୋଇ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୬୦୧+ ସ୍ଥାନ ପାଇଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ନେଇ ଏହି ର୍‍ୟାଙ୍କ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କିଟ୍ ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ସଫଳତା ମିଳିଥିବାରୁ କିଟ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଖୁସି ଭରିଦେଇଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ମାଲକାନଗିରି-ଭଦ୍ରାଚଳମ୍ ରେଳଲାଇନ ସମ୍ପ୍ରସାରଣ କାମ ଆରମ୍ଭ ହେଉନି

- ବଜେଟରେ ମଞ୍ଜୁର ହୋଇଛି ୨୮୦୦ କୋଟି
- ତେଲଙ୍ଗାନା ପକ୍ଷରୁ ୨ ମାସ ହେଲା ଆଗେଇଛି ସର୍ଭେ
- ରେଳଲାଇନ ହେଲେ ଲାଭବାନ ହେବ ଓଡ଼ିଶା

ମାଲକାନଗିରି,୧୨।୧୦(ଡି.ଏନ୍.ଏ.)

ଓଡ଼ିଶା ସରକାର ଏବଂ ତେଲଙ୍ଗାନା ସରକାରଙ୍କ ଦାବି ପରେ ଓଡ଼ିଶାର ମାଲକାନଗିରିଠାରୁ ତେଲଙ୍ଗାନାର ଭଦ୍ରାଚଳମ୍ ପର୍ଯ୍ୟନ୍ତ ରେଳଲାଇନ ସମ୍ପ୍ରସାରଣ ନିମନ୍ତେ ରେଲ୍‌ୱେ ପକ୍ଷରୁ ବଜେଟରେ ୨୮୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏଥିପାଇଁ ତେଲଙ୍ଗାନା ପକ୍ଷରୁ ସର୍ଭେ କାମ ଆଗେଇଥିବାବେଳେ ଓଡ଼ିଶା ପକ୍ଷରୁ ଏ ପର୍ଯ୍ୟନ୍ତ ସର୍ଭେ ଆରମ୍ଭ ହୋଇ ପାରିନାହିଁ। ପ୍ରାଥମିକ ପର୍ଯ୍ୟାୟରେ ମାଲକାନଗିରି-ଭଦ୍ରାଚଳମ୍ ୧୭୩ କି.ମି. ରେଳଲାଇନ ମଧ୍ୟରେ ୪୮ ବଡ଼ ପୋଲ ଓ ୧୬୫ ଛୋଟ ପୋଲ ନିର୍ମାଣ କରାଯିବା ପ୍ରସ୍ତାବ ରହିଛି। ମାଲକାନଗିରିଠାରୁ ବଦଲି, କୁଆସିଗୁଡ଼ା, ରାଜନଗୁଡ଼ା, ମହାରାଜପାଲ୍ଲୀ ଓ ଲୁନିମାନଗୁଡ଼ା ଦେଇ ସୀମାନ୍ତ ସାବେରୀ ନଦୀ କୂଳ ପର୍ଯ୍ୟନ୍ତ ମାଲକାନଗିରି ଜିଲା ଦେଇ ରେଳଲାଇନ୍ ଯିବ। ହେଲେ ଓଡ଼ିଶା ପକ୍ଷରୁ ସର୍ଭେ ଏବଂ ଜମି ଅଧିଗ୍ରହଣ ନେଇ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ଅନ୍ୟପକ୍ଷରେ ତେଲଙ୍ଗାନା ସରକାର ତାଙ୍କ ଅଞ୍ଚଳ ଦେଇ ଯାଉଥିବା ଓଡ଼ିଶା ସୀମାରୁ ଭଦ୍ରାଚଳମ୍ ମଧ୍ୟରେ ଜମି ସର୍ଭେ କାର୍ଯ୍ୟ ୨ ମାସ ହେଲା ତ୍ୱରାନ୍ୱିତ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଦାୟିତ୍ୱରେ ଥିବା ମାଲକାନଗିରି ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ପଚାରିବାରୁ କାମର ଅଗ୍ରଗତି ନେଇ ରେଲ୍‌ୱେ ସହ ଆଲୋଚନା ଚାଲିଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ, ମାଲକାନଗିରିରୁ ତେଲଙ୍ଗାନାର ଭଦ୍ରାଚଳମ୍ ପର୍ଯ୍ୟନ୍ତ ରେଳଲାଇନ ସମ୍ପ୍ରସାରଣ ହେଲେ ଦକ୍ଷିଣ ଭାରତର ଅନେକ ରାଜ୍ୟରୁ ଓଡ଼ିଶାକୁ ରେଳ ସଂଯୋଗ ହୋଇପାରିବ। ଏହାଦ୍ୱାରା ବ୍ୟବସାୟିକ ଦୃଷ୍ଟିରୁ ଓଡ଼ିଶା ଲାଭବାନ ହେବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ତେବେ ଓଡ଼ିଶା ପକ୍ଷରୁ ସର୍ଭେ ଓ ଜମି ଅଧିଗ୍ରହଣ କାମ କେବେ ଆରମ୍ଭ ହେବ ତାହାକୁ ସମସ୍ତଙ୍କ ଅପେକ୍ଷା।

ସେହିପରି ବହୁ ପ୍ରତୀକ୍ଷିତ ଜୟପୁର-ମାଲକାନଗିରି ୧୩୦ କି.ମି. ରେଳଲାଇନ ପାଇଁ ମଧ୍ୟ ୯୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସର୍ଭେ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାଲକାନଗିରି ଜିଲା ସୀମାନ୍ତ ଗୋବିନ୍ଦପାଲ୍ଲୀଠାରୁ ମାଲକାନଗିରି ଏମ୍‌ଭି-୪୨ ପର୍ଯ୍ୟନ୍ତ ସର୍ଭେ ନିମନ୍ତେ ମାଲକାନଗିରି, ମାଥିଲି ଓ ଖଇରପୁଟ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତିନି ତହସିଲ ପକ୍ଷରୁ ସର୍ଭେ କାମ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ସୂଚନା ମିଳିଛି।


ତେଲଙ୍ଗାନାର ଭଦ୍ରାଚଳମ୍‌ଠାରେ ରେଲ୍‌ୱେ ପକ୍ଷରୁ ସର୍ଭେ କାମ ଚାଲିଛି।


**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

**"e" Procurement Notice for Building Work**

**Identification No.- Online Tender- Building N.C.B. No. 248 for 2022-23.**

Letter No.3644, Date-10.10.2022

**No.O-1096:** 1.Name of the Work: Buiding Work. 2.Total No. of Work: 1 No (one). 3. Estimated Cost: Rs.255.88 Lakh (Approximately). 4.Eligible Class of Contractor: 'A' & 'B' Class. 5. Period of Completion: 11 Calendar Months. 6.Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building On-line N.C.B. No.248 | Dt.15.10.2022 at 11.00 A.M. | Dt.29.10.2022 upto 5.00 P.M. | Dt.28.10.2022 upto 5.00 P.M. | Dt.31.10.2022 at 11.00 A.M. | Will be intimated latter |

- **Further details can be seen from the website: www.tendersodisha.gov.in.**
- **Any Corrigendum/Addendum will be displayed in the above e_tender website only.**

**OIPR-25181/11/0045/2223** **Sd./- Chief Construction Engineer, R.W. Circle, Baripada**



**OFFICE OF THE EXECUTIVE ENGINEER, SUPPORT SERVICES DIVISION**

**2nd Floor, Dam Safety Building, Secha Sadan, Bhubaneswar - 751001**
**E-mail: eessdivision@gmail.com**

**QUOTATION CALL NOTICE No. 16/2022-23**

No. A-573: Sealed quotations are invited from interested eligible Firms, Suppliers and Dealers etc. to supply & installation of the following works as mentioned below. The eligible Firms, Suppliers and Dealers should submit valid GST, PAN, Authorization Certificate of respective brand and undertaking for no relation serving in department. The interested quotationer shall submit quotations through off-line mode in the O/o. Executive Engineer, Support Services Division, Bhubaneswar on or before 20.10.2022, 04.00 P.M.

1. Quotation format will be available in the O/o. the Executive Engineer, Support Services Division, Bhubaneswar from 10.00 A.M. to 5.30 P.M. on all working days from 12.10.2022 to 19.10.2022 and from 10.00 A.M. to 03.00 P.M. on 20.10.2022 on payment of Rs.100/- (Rupees One Hundred) only.
2. The quotation complete in all respect of the quotation format isued/sold by this office should be dropped along with money receipt in the box kept in O/o. Executive Engineer, Support Services Division, BBSR from 10.00 A.M. of Dt.12.10.2022 to 04.00 P.M. of Dt.20.10.2022 (during office hours of working days) and shall be opened on 20.10.2022 at 04.30 P.M. in presence of the quotationer or their authorized representatives during office hours.
3. "Bid Security Declaration" as per Finance department O.M. No. FIN-COD-MISC-0007-2019/8484/F, Dated 05.04.2022 is to be furnished along with the bid document.
4. The authority reserves the right to reject any or all quotation without assigning any reason thereof.

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Procurement of Laptop for official use O/o. Chief Engineer, Designs, Bhubaneswar | 1 No. | Rs.100.00 | 16(1)/2022-23 |
| 2 | Supply, Installation and Fixing of Video Conference System in the Library Hall O/o. Chief Engineer, Designs, Bhubaneswar | 6 Nos. | Rs.100.00 | 16(2)/2022-23 |
| 3 | Installation of CCTV Camera System in the Office premises of Chief Engineer, Designs | 13 Nos. | Rs.100.00 | 16(3)/2022-23 |

**Sd./- Executive Engineer**
**Support Services Division, Bhubaneswar**
**OIPR-32314/11/0013/2223**



**DEPARTMENT OF WATER RESOURCES**
**ODISHA COMMUNITY TANK DEVELOPMENT MANAGEMENT SOCIETY**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE**
**(WORLD BANK PROJECT ID: P163533)**

**7th Floor, Rajiv Bhawan, Bhubaneswar - 751001**
**Ph.: 0674-2512421, E-mail: spuoiipcra.od@gov.in**

**Invitation for Request for Expression of Interest (REoI)**
**Proposal for Engagement of Consultancy Services**
**Date: 10.10.2022 OIIPCRA-EoI-05/2022**

No. A-576: Project Director, Odisha Community Tank Development and Management Society (OCTDMS), DoWR invites Request for Expression of Interest (REoI) from eligible consultancy firms for the following consultancy services for Odisha Integrated Irrigation for Climate Resilient Agriculture (OIIPCRA) Project.

1. **Agribusiness Support Organization** (For Partnership with Institutional buyers and value chain Development & Agro-Marketing of FPCs).

Eligible consultancy firms with desired qualification and experience as per details of "Request for Expression of Interest (REoI)" available in Govt. website **www.odisha.gov.in** & **www.dowrodisha.gov.in** under link advertisement may apply. "REoI" document must be delivered in the address given below by Speed Post/Registered Post/Courier/In Hand addressed to Project Director, OCTDMS, 7th Floor, Rajiv Bhawan, Bhubaneswar - 751001, Odisha. The last date for receipt of is **9th November - 2022 upto 15.00 hours**. It will be opened on the same day at 15.30 hours. The selection procedure will be governed by World Bank procurement guidelines of **QCBS** method.

The authority reserves the right to cancel the process of selection of consultants without assigning any reason thereof. The authority in no way will be responsible for any postal delay.

**OIPR-32379/11/0008/2223** **Sd./- Project Director, OCTDMS**



**OFFICE OF THE EXECUTIVE ENGINEER,**
**MINOR IRRIGATION DIVISION, DHENKANAL**

**No. 2447 / Dt. 27.09.2022**

**e- Procurement Notice**

**Bid Identification No.- DMID / 07 / 2022-23**

**e-mail ID : eemidkl@yahoo.co.in**

**No.A-579:** The Executive Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Civil works in Different Block of Dhenkanal District for the year 2022-23 under MATY and Special Repair Scheme. |
| No. of Works: | 06(Six) Only |
| Estimated Cost: | Varies from 20.00 lakh to 83.04 lakh (Approximately) |
| Cost of Tender Paper: | 6000/- to 10000/-(Non-Refundable) |
| Period of Completion: | 06(Six) Calendar months |
| Availability of bid documents for sale and receipt through on-line | From dt.13.10.2022, 10.00 A.M, to dt.24.10.2022, up to 5.00 P.M. |
| Last date / time of receipt of bids in the portal | 24.10.2022 (5.00PM) |
| Date of Technical bid opening through online | On dt. 25.10.2022 at 11.00 A.M in the Office of the E.E, M.I. Division, Dhenkanal. |
| Date of Financial bid opening through online | On dt.29.10.2022 at 11.00 A.M. in the Office of the E.E,M.I. Division, Dhenkanal |
| Date of Transparent Lottery | 31.10.2022 at 11.00 A.M. |
| Mode of payment of Bid cost | Online |
| Digital Signature Certificate of Bidder | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website **http:/dowrorissa.gov.in** | |
| Name & Address of the OIT | Executive Engineer, Minor Irrigation Division, Dhenkanal. At / P.O / District - Dhenkanal. Ph.No / Fax NO.-06762-224461, Email ID:eemidkl@yahoo.co.in |
| Further details can be seen from the e-Procurement market place, http://tendersorissa.gov.in | |

**OIPR-32027/11/0009/2223** **Sd./- Executive Engineer, M.I. Division,Dhenkanal**



**ZILLA PARISHAD, BOUDH**

**TENDER CALL NOTICE**

**BID IDENTIFICATION No: - ZP-BDH-01/ 2022-23**

**Letter No.1819** **Date:10.10.2022**

**No.E-534:** The CDO-cum-Chief Executive Officer, ZIlla Parishad, Boudh on behalf of the Governor of Odisha Invites Percentage rate composite bid in single cover system for the works as detailed in the table, from the class of eligible contractors as mentioned in Col.6 (Six) , registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD' P-1 form, for execution of Building (Composite work i.e. Civil Work, P.H Work and E.I. Works). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate Class of eligibility before signing the agreement. Bidders may submit bids for any or all the following work.

| Sl. No. | Name of the Project & Location | Approx Cost (In Rs.) excluding GST | Bid Security | Cost of Tender Paper in Rs. | Class of Contractor | Time required for Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day care Sub-Centre cum Health & Wellness Centre at Roxa. | 3866589.00 | Bid security to be submitted | 6000.00 | "C" & "B" | 06 (Six) Calendar Months |
| 2 | Construction of Day care Sub-Centre cum Health & Wellness Centre at Lunibahal. | 3865440.00 | Bid security to be submitted | 6000.00 | "C" & "B" | 06 (Six) Calendar Months |
| 3 | Construction of Day care Sub-Centre cum Health & Wellness Centre at Talagaon. | 3864732.00 | Bid security to be submitted | 6000.00 | "C" & "B" | 06 (Six) Calendar Months |
| 4 | Construction of Day care Sub-Centre cum Health & Wellness Centre at Udden. | 3866086.00 | Bid security to be submitted | 6000.00 | "C" & "B" | 06 (Six) Calendar Months |
| 5 | Construction of Day care Sub-Centre cum Health & Wellness Centre at Nuapali. | 3864769.00 | Bid security to be submitted | 6000.00 | "C" & "B" | 06 (Six) Calendar Months |

Detail terms and conditions may be downloaded from the website www.boudh.nic.in. The tender document will be available in the website from date 13.10.2022 to 27.10.2022. The tender should reach at the office of the undersigned by 27.10.2022 (till 5.00 PM).The tender will be opened on date 28.10.2022 at 11.30 AM. The undersigned reserve the rights to cancel all or any bids without any reason thereof. Late received and incomplete bids will not entertained .No personal quarry to be entertained.

**Sd./- CDO-cum-EO, Zilla Parishad, Boudh**
**OIPR-19234/11/0002/2223**

# ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି)

ଗୁଜରାଟରେ ଜାତୀୟ କ୍ରୀଡ଼ାର ୩୬ତମ ସଂସ୍କରଣ ବୁଧବାର ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୨୬ଟି ପଦକ ହାସଲ କରିଛି। ପୂର୍ବରୁ ଓଡ଼ିଶା କେବେହେଲେ ଗୋଟିଏ ସଂସ୍କରଣରେ ଏତେ ପଦକ ପାଇ ନ ଥିଲା। ଓଡ଼ିଶା ଦଳକୁ କାନୋଇଂ ଓ କାୟାକିଂରେ ୧ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ, ରୋଇଂରେ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ, ମହିଳା ରଗ୍‌ବୀ ଓ ଜିମ୍ନାଷ୍ଟକ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ମହିଳା ଖୋ ଖୋ, ମହିଳା ଫୁଟବଲ, ସାଇକ୍ଲିଂ ଓ ଶୁଟିଂରେ ଗୋଟିଏ ଲେଖାଏ ରୌପ୍ୟ, ଭାରୋତ୍ତୋଳନରେ ୩ ବ୍ରୋଞ୍ଜ ଏବଂ ଫେନ୍‌ସିଂ, ଆଥଲେଟିକ୍ସ ଓ ବିଚ୍ ଭଲିବଲରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ମିଳିଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଏମ୍‌ଜିଆର୍ ମିନେରାଲ୍ସ ସହଯୋଗ ଯୋଗୁ ରାଜ୍ୟ ଦଳକୁ ଏପରି ସଫଳତା ମିଳିପାରିଥିବାରୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ମରକ୍କୋ ବିପକ୍ଷ ମ୍ୟାଚ ପୂର୍ବରୁ ବୁଧବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଭାରତୀୟ ଦଳର ଅଭ୍ୟାସ।

## ଟି୨୦ ବିଶ୍ୱକପ୍ ଦଳ ସହ ଯୋଗଦେବେ ଶାମି, ସିରାଜ, ଶାର୍ଦ୍ଦୂଳ

**ନୂଆଦିଲ୍ଲୀ, ୧୨।୧୦ (ପି.ଟି.):** ଭାରତୀୟ ଦଳ ସହିତ ଯୋଗ ଦେବେ ଦ୍ରୁତ ବୋଲର ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଅଲ ରାଉଣ୍ଡର ଶାର୍ଦ୍ଦୂଳ ଠାକୁର। ପ୍ରଥମେ ଯଶପ୍ରୀତ ବୁମ୍‌ରା ଓ ପରେ ଦୀପକ ଚହର ପିଠି ସମସ୍ୟା କାରଣରୁ ଆହତ ହୋଇ ଭାରତୀୟ ଦଳରୁ ବାଦ୍ ପଡିବା ପରେ ବିସିସିଆଇ ପକ୍ଷରୁ ଏହି ୩ ଖେଳାଳିଙ୍କୁ ଅଷ୍ଟ୍ରେଲିଆ ପଠାଯିବା ସ୍ପଷ୍ଟ ହୋଇଛି। ଆରମ୍ଭରୁ ଦୀପକ ଚହର ଓ ମହମ୍ମଦ ଶାମି ଷ୍ଟାଣ୍ଡବାଇ ଖେଳାଳି ଭାବରେ ଭାରତୀୟ ଦଳରେ ରହିଥିଲେ। ବୁମ୍‌ରା ଆହତ ହେବା ପରେ ଚହର ତାଙ୍କ ସ୍ଥାନରେ ସାମିଲ ହେବାର ସମ୍ଭାବନା ଅଧିକ ଥିଲା। ମାତ୍ର ଚହର ଆହତ ହେବା ପରେ ଶାର୍ଦ୍ଦୂଳ ଠାକୁରଙ୍କୁ ଦଳରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରେ ଉଭୟ ଶାର୍ଦ୍ଦୂଳ ଓ ସିରାଜ ଭଲ ପ୍ରଦର୍ଶନ କରିଥିଲେ। ଦୀପକ ଚହରଙ୍କ ଗୋଇଠି ଏବଂ ପିଠିରେ ସାମାନ୍ୟ ସମସ୍ୟା ରହିଥିଲା। ଗୋଇଠି ସମସ୍ୟା ବର୍ତ୍ତମାନ ଠିକ୍ ରହିଥିବା ବେଳେ ପିଠି ସମସ୍ୟା ଗମ୍ଭୀର ରହିଛି। ଏହି କାରଣରୁ ଦକ୍ଷିଣ ଆଫ୍ରିକା ଟି୨୦ ସିରିଜ ପରେ ସେ ଏନ୍‌ସିଏରେ ରିହାବିଲିଟେଶନ ପାଇଁ ପହଞ୍ଚିଥିଲେ। ବିକଳ୍ପ ଭାବରେ ଏହି ୩ ଖେଳାଳିଙ୍କୁ ପଠାଯିବା ନେଇ ବିସିସିଆଇର ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

ଏହି ୩ ଖେଳାଳିଙ୍କ ମଧ୍ୟରୁ ଶାମିଙ୍କୁ ଅଗ୍ରାଧିକାର ମିଳିବା ସ୍ପଷ୍ଟ ହୋଇଛି। ତେବେ ଶାମି ବିଗତ ଦୁଇ ବର୍ଷ ହେବ ଭାରତ ପାଇଁ କୌଣସି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିନାହାନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜରେ ଚମତ୍କାର ବୋଲିଂ କରିବା ସହିତ ପ୍ଲେୟର ଅଫ୍ ଦ ସିରିଜ ହୋଇଥିଲେ ମହମ୍ମଦ ସିରାଜ। ସେହିପରି ଶାର୍ଦ୍ଦୂଳ ଠାକୁର ମଧ୍ୟ ଅଲରାଉଣ୍ଡ ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କଭର ଭାବରେ ଶାର୍ଦ୍ଦୂଳ ରହିଥିବା ବେଳେ ସେ ଷ୍ଟାଣ୍ଡବାଇ ଖେଳାଳି ଭାବରେ ହିଁ ରହିବେ। ସେହିପରି ଷ୍ଟାଣ୍ଡବାଇ ଭାବରେ ରହିଥିବା ଶ୍ରେୟସ୍ ଆୟର କୌଣସି ବ୍ୟାଟର ଆହତ ହେଲେ ବିକଳ୍ପ ହୋଇ ପାରିବେ।

# ମେକ୍ସିକୋକୁ ହରାଇଲା ଚାଇନା

ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି)

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଥିବାବେଳେ ବୁଧବାର ନଭି ମୁମ୍ବାଇ ଓ ଗୋଆର ମାର୍ଗାଓରେ ମ୍ୟାଚ ଖେଳାଯାଇଛି। ନଭି ମୁମ୍ବାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଚାଇନା ୨-୧ ଗୋଲରେ ମେକ୍ସିକୋକୁ ହରାଇ ଦେଇଛି। ଚାଇନା ପକ୍ଷରୁ କ୍ୱାଓ ରୁକି ୪୯ ଓ ୟୁ ଜିଆଙ୍ଗଉ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମେକ୍ସିକୋର କ୍ୟାଥରିନ ଗୁଇଜାରୋ ୯୦+୩ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଗ୍ରୁପ୍ 'ସି'ରେ ଚାଇନା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୋଆର ମାର୍ଗାଓରେ ଅନୁଷ୍ଠିତ କାନାଡ଼ା-ଫ୍ରାନ୍ସ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଡ୍ର ରହିଥିବାବେଳେ କାନାଡ଼ାର ଆନାବେଲେ ଚୁକ୍ୟୁ ୬୭ ଏବଂ ଫ୍ରାନ୍ସର ଲୁସି କାଲ୍‌ବା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ 'ସି'ର ଅନ୍ୟ ମ୍ୟାଚରେ ସ୍ପେନ ୧-୦ ଗୋଲରେ କଲମ୍ବିଆ ଏବଂ ଗ୍ରୁପ୍ 'ଡି' ମ୍ୟାଚରେ ଜାପାନ ୪-୦ ଗୋଲରେ ତାଞ୍ଜାନିଆକୁ ପରାସ୍ତ କରିଛି।

# 'ଆମେରିକା ସମକକ୍ଷ ପ୍ରଦର୍ଶନ କରିପାରିଲୁନି'

ଭୁବନେଶ୍ୱର, ୧୨।୧୦

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଶୋଚନୀୟ ପରାଜୟ ବରଣ କରିଛି। ଆମେରିକା ୮-୦ ଗୋଲରେ ବିଜୟ ସହ ଆଗକୁ ବଢ଼ିଛି। ଏଜ୍ ଗ୍ରୁପ୍‌ରେ ବିଶ୍ୱର ନମ୍ବରୱାନ ଦଳ ଆମେରିକାର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା ୫୮ ର୍‍ୟାଙ୍କ୍‌ପ୍ରାପ୍ତ ଭାରତ। ଭାରତ କୋଚ୍ ଥୋମାସ ଡେନର୍ବି ଏହା ସ୍ୱୀକାର କରିଛନ୍ତି। ''ଆମେ ଆମେରିକା ଷ୍ଟାଣ୍ଡାର୍ଡର ପ୍ରଦର୍ଶନ କରିପାରିଲୁନି। ତେବେ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିବାର ଦକ୍ଷତା ରଖିଛି ବୋଲି ମ୍ୟାଚ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ''ଭାରତ ଏତେଗୁଡ଼ିଏ ଗୋଲ ବରଣ କରିବ ବୋଲି କେବେ ଆଶା କରି ନ ଥିଲି। କାରଣ ୨ ସପ୍ତାହ ପୂର୍ବରୁ ସ୍ୱିଡେନ ବିପକ୍ଷ ମ୍ୟାଚରେ ଆମ ଦଳ ଭଲ ଡିଫେଣ୍ଡ କରିଥିଲା। ଆମେରିକା ବିପକ୍ଷରେ ଆମେ ୨ଟି ଶଟ୍ ଟାର୍ଗେଟ କରିଥିଲୁ। ମାତ୍ର ସତ କହିବାକୁ ଗଲେ ସ୍ୱିଡେନ ବିପକ୍ଷ ମ୍ୟାଚ ଅପେକ୍ଷା ଆମେରିକା ଉଚ୍ଚସ୍ତରର ଗେମ୍ ଖେଳିଲା ବୋଲି ସେ କହିଛନ୍ତି। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଭାରତ ଭଲଭାବେ ନିଜକୁ ପ୍ରସ୍ତୁତ କରିଛି ବୋଲି ଟୁର୍ନାମେଣ୍ଟ ପୂର୍ବରୁ ଡେନର୍ବି ପ୍ରକାଶ କରିଥିଲେ।



ଥୋମାସ ଡେନର୍ବି

ମାତ୍ର ଆମେରିକା ଯେଉଁ ଷ୍ଟାଣ୍ଡାର୍ଡର ଗେମ୍ ଖେଳିଲା ସେଭଳି ପ୍ରତିଦ୍ୱନ୍ଦ୍ୱୀ ଭାରତ କେବେ ପାଇ ନ ଥିଲା ବୋଲି ଏବେ ଡେନର୍ବି କହିଛନ୍ତି। ୧୭ ବର୍ଷରୁ କମ୍ ଭାରତୀୟ ଦଳ ରୋମାନିଆ ବିପକ୍ଷରେ ୨ଟି ମ୍ୟାଚ ଖେଳି ଗୋଟିଏରେ ଜିତିଥିଲା ଏବଂ ଅନ୍ୟଟି ଡ୍ର ରଖିଥିଲା। ଇଟାଲୀଠାରୁ ୦-୭, ନେଦରଲାଣ୍ଡଠାରୁ ୧-୫, ସ୍ୱିଡେନଠାରୁ ୧-୩, ଚିଲିଠାରୁ ୧-୩ ଓ ମେକ୍ସିକୋଠାରୁ ୦-୨ ଗୋଲରେ ପରାଜିତ ହୋଇଥିଲା। ଏହିସବୁ ଦଳଗୁଡ଼ିକ ମଧ୍ୟରୁ କେବଳ ଚିଲି ଓ ମେକ୍ସିକୋ ଚଳିତ ପ୍ରତିଯୋଗିତାରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ''ଆମେରିକା ଏକ ଭଲ ଦଳ ଏଥିରେ ଦ୍ୱିମତ ନାହିଁ। ଖେଳାଳିମାନେ ଦକ୍ଷତାରେ ଭରପୂର ଥିବାବେଳେ ସ୍ପିଡ୍ ମଧ୍ୟ ଚମତ୍କାର। ଏହି ଦଳର ଦୁର୍ବଳ ଦିଗ ଖୋଜି ପାଇବା କଷ୍ଟକର। ଚଳିତ ବର୍ଷ ପ୍ରାରମ୍ଭରେ ଆମେ ଯେଉଁ ଦଳଗୁଡ଼ିକ ବିପକ୍ଷରେ ଖେଳିଥିଲୁ କେହି ଏହି ସ୍ତରର ପ୍ରଦର୍ଶନ କରିପାରି ନ ଥିଲେ। ଆମେରିକା ବିପକ୍ଷ ଗେମ୍ ଆମ ପାଇଁ କଷ୍ଟସାଧ୍ୟ ଥିଲା। ମାତ୍ର ଏହାଠାରୁ ଦଳ ଭଲ ପ୍ରଦର୍ଶନ କରିପାରିବ ବୋଲି ମୋର ବିଶ୍ୱାସ। ପ୍ରଥମ ବିଶ୍ୱକପ୍ ଗେମ୍ ଖେଳୁଥିବାରୁ ଭାରତ ଖେଳାଳିମାନେ ନର୍ଭସ ଥିଲେ ବୋଲି ମୁଁ ଅନୁଭବ କରୁଛି। ଫଳସ୍ୱରୂପ ସେମାନେ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ପାରିଲେ ନାହିଁ। ଆରମ୍ଭରେ ସେମାନେ ବଲ୍‌କୁ ଠିକ୍‌ଭାବେ ପାସ୍ ଦେବାକୁ ଚେଷ୍ଟା କଲେନାହିଁ। ଖେଳ ଆରମ୍ଭ କରିବାକୁ ସହଜ ମଧ୍ୟ ମନେ କରି ନ ଥିଲେ। ଏଥିପାଇଁ ମୋତେ ଚିତ୍କାର କରି ବଡେଇବାକୁ ପଡ଼ିଥିଲା'' ବୋଲି ଡେନର୍ବି କହିଛନ୍ତି। ଆମେରିକା ବିପକ୍ଷ ମ୍ୟାଚରେ ବୃହତ୍ ପରାଜୟ ପରେ ଭାରତ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବା ପଥ କଷ୍ଟସାଧ୍ୟ ହୋଇଯାଇଛି। କାରଣ ଗ୍ରୁପ୍ 'ଏ'ର ଅନ୍ୟତମ ଦଳ ମରକ୍କୋ ଲଢୁଆ ପ୍ରଦର୍ଶନ କରି ଶକ୍ତିଶାଳୀ ବ୍ରାଜିଲ ବିପକ୍ଷରେ ମାତ୍ର ଗୋଟିଏ ଗୋଲରେ ପରାଜିତ ହୋଇଛି। ଆସନ୍ତା ଶୁକ୍ରବାର ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ମରକ୍କୋକୁ ଭେଟିବ। ପ୍ରତି ଗ୍ରୁପ୍‌ରୁ ୨ଟି ଶୀର୍ଷ ଦଳ କ୍ୱାର୍ଟର ଫାଇନାଲ ଖେଳିବାର ଥିବାରୁ ଗ୍ରୁପ୍ 'ଏ'ରେ ଆମେରିକା ଓ ବ୍ରାଜିଲ ଫେଭରାଇଟ ରହିଛନ୍ତି। ''ଆମେ ମରକ୍କୋ ବିପକ୍ଷ ମ୍ୟାଚ ଜିତିବାକୁ ଯୋଜନା ପ୍ରସ୍ତୁତ କରୁଛୁ। ଯଦି ଏହା କରିପାରିବୁ ତେବେ ଆମ ପାଇଁ ସମ୍ଭାବନା ରହିବ। ଆମେ ପଏଣ୍ଟ ହାସଲ ସହ ଟୁର୍ନାମେଣ୍ଟ ଶେଷ କରିବାକୁ ଆଶା ରଖିଛୁ ବୋଲି ଡେନର୍ବି କହିଛନ୍ତି।

# ଜୋକୋଭିଚ୍‌ଙ୍କ ଭିଜା ଆବେଦନରୁ ଦୂରେଇଲା ଟେନିସ୍ ଅଷ୍ଟ୍ରେଲିଆ

**ମେଲବୋର୍ନ, ୧୨।୧୦ (ପି.ଟି.):** ପୁଣି ଥରେ କରୋନା ଟିକାକୁ ନେଇ ଅଡୁଆରେ ସର୍ବିଆର ନୋଭାକ ଜୋକୋଭିଚ୍। ତାଙ୍କ ଭିଜା ଆବେଦନଠାରୁ ଅଷ୍ଟ୍ରେଲିଆନ୍ ଟେନିସ୍ ନିଜକୁ ଦୂରେଇ ନେଇଛି। ୨୦୨୩ରେ ଅଷ୍ଟ୍ରେଲିଆରେ ନିଜର ପ୍ରଥମ ମେଜର ଟୁର୍ନାମେଣ୍ଟ ଖେଳିବାକୁ ଆଶା ରଖିଥିବା ଜୋକୋଭିଚ୍‌ଙ୍କୁ ଆଉ ଏକ ଝଟକା ଲାଗିବାର ସମ୍ଭାବନା ରହିଛି। ବର୍ଷେ ପୂର୍ବରୁ ସମାନ କାରଣରୁ ତାଙ୍କୁ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ କରାଯାଇଥିଲା। ୨୧ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜୋକୋଭିଚ୍‌ଙ୍କୁ ଜାନୁୟାରୀ ୨୦୨୧ରେ ଅଷ୍ଟ୍ରେଲିଆନ୍ ଓପନ ଡିଫେଣ୍ଡ କରିବାର ସୁଯୋଗ ମିଳି ନ ଥିଲା। କୋଭିଡ୍ ଟିକାକରଣ ନିୟମ କୋହଳ ପାଇଁ ତାଙ୍କୁ ଦୁଇଟି ମେଡିକାଲ କମିଟି ଏବଂ ଟେନିସ ଅଷ୍ଟ୍ରେଲିଆ ନିକଟରୁ ଏନ୍‌ଓସି ମିଳିଥିଲା। ମାତ୍ର ମେଲବୋର୍ନରେ ପ୍ରବେଶ କରିବା ପୂର୍ବରୁ ଅଷ୍ଟ୍ରେଲୀୟ ବର୍ଡର ଫୋର୍ସ ପକ୍ଷରୁ ତାଙ୍କୁ ଫେରାଇ ଦିଆଯାଇଥିଲା।

ବିଗତ ବର୍ଷର ବିବାଦ ପରେ ଟେନିସ ଅଷ୍ଟ୍ରେଲିଆ ଚଳିତ ଥର ଜୋକୋଭିଚ୍‌ଙ୍କ ମାମଲାରୁ ନିଜକୁ ଦୂରେଇ ଦେଇଛି। ଅଷ୍ଟ୍ରେଲିଆନ ଓପନ ନିର୍ଦ୍ଦେଶକ କ୍ରେଗ ଟିଲି ୨୦୨୩ର କାର୍ଯ୍ୟକ୍ରମ ଲଞ୍ଚ କରିଛନ୍ତି। ଏହା ସହିତ ସେ କହିଛନ୍ତ ଜୋକୋଭିଚ୍‌ଙ୍କୁ ଅଷ୍ଟ୍ରେଲିଆନ୍ ଓପନକୁ ସ୍ୱାଗତ। ମାତ୍ର ଏହା ଦେଶର ଏକ ଅନ୍ତରୀଣ ମାମଲା । ତେଣୁ ଅଷ୍ଟ୍ରେଲିଆନ ଟେନିସ ଏଥିରେ ହସ୍ତକ୍ଷେପ କରିବ ନାହିଁ। ଅଷ୍ଟ୍ରେଲିଆର ଆଇନ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ କରାଗଲେ ସେ ୩ ବର୍ଷ ପର୍ଯ୍ୟନ୍ତ ଭିଜା ଆବେଦନ କରିପାରିବେ ନାହିଁ। ତେବେ ଜୋକୋଭିଚ୍‌ଙ୍କୁ ରିହାତି ଦେବା ପାଇଁ ପରୋକ୍ଷ ଭାବରେ ସୂଚନା ଦେଇଥିଲା ଅଷ୍ଟ୍ରେଲିଆନ ବର୍ଡର ଫୋର୍ସ। ଜୁଲାଇ ୬, ୨୦୨୧ ପରଠାରୁ ଅଷ୍ଟ୍ରେଲିଆ ଏହାର ଭିଜା ନିୟମରେ ପରିବର୍ତ୍ତନ କରିଛି। ଏଣିକି ଅଷ୍ଟ୍ରେଲିଆରେ ପ୍ରବେଶ ପାଇଁ ଟିକାକରଣ ସାର୍ଟିଫିକେଟ ଦେଖାଇବା ଆଉ ବାଧ୍ୟତାମୂଳକ ନୁହେଁ। ୨୦୨୧ର ଜୋକୋଭିଚ୍‌ଙ୍କ ପ୍ରତ୍ୟର୍ପଣ ସମୟରେ ଟିଲି ସମାଲୋଚିତ ହୋଇଥିଲେ। ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଜୋକୋଭିଚ୍‌ଙ୍କ ସମେତ ଅନ୍ୟ ଖେଳାଳିଙ୍କୁ ଅଷ୍ଟ୍ରେଲିଆ ଇମିଗ୍ରେଶନରେ ହଟହଟା ହେବାକୁ ପଡିଥିଲା। କୋର୍ଟରେ ଆବେଦନ ପରେ ଜୋକୋଭିଚ୍‌ଙ୍କୁ ମେଲବୋର୍ନ ପାର୍କରେ ଖେଳିବାର ସୁଯୋଗ ମିଳିଥିଲା। ତତ୍କାଳୀନ ବୈଦେଶିକ ମନ୍ତ୍ରୀ ଆଲେକ୍ସ ହକେ ତାଙ୍କ ଭିଜାକୁ ଖାରଜ କରିବା ସହିତ ପ୍ରତ୍ୟର୍ପଣର ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଚଳିତ ସଂସ୍କରଣରେ ରୁଷ ଓ ବେଲାରୁଷର ଖେଳାଳିମାନଙ୍କୁ ସୁଯୋଗ ମିଳିବ ବୋଲି ଟିଲି ସୂଚନା ଦେଇଛନ୍ତି। ୱିମ୍ବେଲଡନ ପରି କୌଣସି କଟକଣା ରହିବ ନାହିଁ। ତେବେ ଏହି ଖେଳାଳିମାନଙ୍କୁ ନିଜ ଦେଶର ପରିଚୟ ଦେବାକୁ ପଡିବ ନାହିଁ। ଏହି ନିୟମ ଫଳରେ ବିଗତ ସଂସ୍କରଣର ରନର ଅପ୍ ଡାନିଲ ମେଡଭେଡେଭ ଓ ଦୁଇଥର ମହିଳା ସିଙ୍ଗିଲ୍ସ ଚାମ୍ପିୟନ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କାଙ୍କ ଅଂଶଗ୍ରହଣ ସ୍ପଷ୍ଟ ହୋଇଛି।

## ଓଡ଼ିଶା ୧୩ ରନରେ ବିଜୟୀ

**ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଆନୁକୂଲ୍ୟରେ ବେଙ୍ଗାଲୁରୁରେ ବୁଧବାର ଅନୁଷ୍ଠିତ ସିନିୟର ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଓଡ଼ିଶା ଭିଜେଡି ପଦ୍ଧତିରେ ୧୩ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ନାଗାଲାଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୬୨ ରନ କରିଥିଲା। ଓଡ଼ିଶା ପକ୍ଷରୁ ରସନାରା ପରବିନ ୩ ଉଇକେଟ ନେଇଥିଲେ। ୬୩ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୭.୩ ଓଭରରେ କୌଣସି ଉଇକେଟ ନ ହରାଇ ୨୯ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଫଳାଫଳ ନିର୍ଣ୍ଣୟ ପାଇଁ ଭିଜେଡି ପଦ୍ଧତି ଅବଲମ୍ବନ କରାଯାଇଥିଲା।

# ବେଙ୍ଗଲ ୱାରିୟର୍ସ ବିଜୟୀ

**ବେଙ୍ଗାଲୁରୁ, ୧୨।୧୦ (ପି.ଟି.):** ବୁଧବାର ପ୍ରୋ କବାଡି ଲିଗ୍‌ର ପ୍ରଥମ ମ୍ୟାଚରେ ବେଙ୍ଗାଲୁରୁ ବୁଲ୍ସକୁ ୪୨-୩୩ରେ ପରାସ୍ତ କରିଛି ବେଙ୍ଗଲ ୱାରିୟର୍ସ। ବେଙ୍ଗଲ ପକ୍ଷରୁ ରେଡର ମନିନ୍ଦର ସିଂ ପ୍ରଭାବୀ ପ୍ରଦର୍ଶନ କରି ଏକାକୀ ୧୧ ପଏଣ୍ଟ ସ୍କୋର କରିଥିଲେ। ପ୍ରଥମ ହାଫ୍‌ରେ ଉଭୟ ଦଳର ପ୍ରଦର୍ଶନ ଏକାଭଳି ରହିଥିଲା। ୧୫-୧୪ ପଏଣ୍ଟ ରହିବା ସହିତ ବେଙ୍ଗଲ ମାତ୍ର ୧ ପଏଣ୍ଟର ଲିଡ ପାଇଥିଲା। ତେବେ ଦ୍ୱିତୀୟ ହାଫ୍‌ରେ ମନିନ୍ଦର ପ୍ରଭାବ ବିସ୍ତାର କରିବା ସହିତ କ୍ରମାଗତ ସୁପର-୧୦ ହାସଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୨୭-୧୯ର ଅଗ୍ରଣୀ ସହିତ ଏହି ମ୍ୟାଚକୁ ଜିତି ନେଇଥିଲା ବେଙ୍ଗଲ। କଡା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚରେ ୪୪-୪୨ରେ ୟୁପି ଯୋଦ୍ଧାସକୁ ପରାସ୍ତ କରିଛି ଦବଙ୍ଗ ଦିଲ୍ଲୀ କେ.ସି.।



ପ୍ରୋ-କବାଡି ଲିଗ୍‌ରେ ବୁଧବାର ବେଙ୍ଗଲ ୱାରିୟର୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଫିଫା ଫୁଟ୍‌ବଲ ଫର୍ ସ୍କୁଲ୍ସ କାର୍ଯ୍ୟକ୍ରମ ଆରମ୍ଭ




ଫିଫା ଫୁଟ୍‌ବଲ ଫର୍ ସ୍କୁଲ୍ସ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କର୍ମକର୍ତ୍ତାଙ୍କୁ ଫୁଟବଲ ବଣ୍ଟନ କରାଯାଉଛି।

ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି)

ଫିଫା ଫୁଟବଲ ଫର ସ୍କୁଲ୍ସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ କନ୍ଧମାଳ ଓ ବୌଦ୍ଧ ଜିଲାର ୧୦୦ ସ୍କୁଲ୍‌କୁ ୨୦୦୦ ଫୁଟବଲ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ବିଭାଗ

**କନ୍ଧମାଳ ଓ ବୌଦ୍ଧରେ ହେବ ରାଜ୍ୟ ଫୁଟବଲ ପ୍ରତିଯୋଗିତା**

ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ଜିଲାପାଳ ଆଶିଷ କୁମାର ପାଟିଲ ଓ ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭାରତର ପ୍ରଥମ ରାଜ୍ୟଭାବେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦକ୍ଷିଣ ଏସିଆର ୭ କୋଟି ସ୍କୁଲ ପିଲାଙ୍କୁ ଫୁଟବଲ ବାଣ୍ଟିବା ପାଇଁ କିସ୍ ସ୍କୁଲକୁ ନୋଡାଲ ସେଣ୍ଟରଭାବେ ଚୟନ କରିଥିବାରୁ ଫିଫାକୁ ଅଚ୍ୟୁତ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ତୃଣମୂଳ ସ୍ତରରେ ଫୁଟବଲର ମାନରେ ଉନ୍ନତି ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ମହିଳା ଓ ପୁରୁଷ ବିଭାଗରେ ରାଜ୍ୟ ଫୁଟବଲ ଚାମ୍ପିୟନଶିପ୍ କନ୍ଧମାଳ ଓ ବୌଦ୍ଧରେ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ଅଚ୍ୟୁତ ଘୋଷଣା କରିଥିଲେ। ଏହି ପ୍ରସ୍ତାବ ଗ୍ରହଣ କରିଥିବାରୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ତାମିଲନାଡୁଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୨।୧୦ (କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ସିକିମକୁ ୯ ଉଇକେଟରେ ହରାଇବାର ଗୋଟିଏ ଦିନ ପରେ ଓଡ଼ିଶା ବୁଧବାର ତାମିଲନାଡୁଠାରୁ ୫ ଉଇକେଟରେ ହାରିଯାଇଛି। ଓଡ଼ିଶା ୩ ଉଇକେଟ ହରାଇ ୧୪୧ ଓ ତାମିଲନାଡୁ ୫ ଉଇକେଟରେ ୧୪୩ ରନ ସଂଗ୍ରହ କରି ଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୪୧/୩ (ଶୁଭ୍ରାଂଶୁ ସେନାପତି-୬୫, ଅଂଶୁମାନ ରଥ-୫୧, ଟି. ନଟରାଜନ-୨/୩୨, ୱାଶିଂଟନ ସୁନ୍ଦର-୧/୨୮)। ତାମିଲନାଡୁ ୧୮.୫ ଓଭରରେ ୧୪୩/୫ (ବାବା ଅପରାଜିତ-୬୩, ଏନ. ଜଗଦୀଶନ-୩୫, ମୁସ୍ତାକ ବେଗ୍-୨/୨୫, ସମୀର ମହାନ୍ତି-୨/୭, ଦେବବ୍ରତ ପ୍ରଧାନ-୧/୨୪)।


ଦିଶା

# ଦିଶାଙ୍କ ରୋଲ୍ ମଡେଲ୍

ଦିଶା ପଟାନି କାହା ଅଭିନୟରେ ବେଶି ପ୍ରଭାବିତ ହୋଇଛନ୍ତି। ପୁଣି ତାଙ୍କୁ ଆଧାର କରି ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା। ନିକଟରେ ନିଜ ଅଭିନୟ ଜୀବନର ରୋମାଞ୍ଚକର ଘଟଣା ବଖାଣୁ ବଖାଣୁ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ନିଜ ରୋଲ୍ ମଡେଲ ବିଷୟରେ ଦିଶା କହନ୍ତି, ''ମୋର ମୋଷ୍ଟ ଫେଭରାଇଟ୍ ମେଲ୍ ଆକ୍ଟର ହେଲେ ରଣବୀର କପୁର। ହେଲେ ଜଣେ ଅଭିନେତ୍ରୀଙ୍କ ଆକ୍ଟିଂ ମୋତେ ବେଶି ଇମ୍ପ୍ରେଶ କରିଛି। ପୁଣି ତାଙ୍କୁ ଫଲୋ କରି ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି ଆଉ ତାଙ୍କ ଅଭିନୟରୁ ଅନେକ କିଛି ଶିଖିଛି।'' ଟାଇଗର ଶ୍ରଫଙ୍କ ଅଭିନୀତ 'ବାଗୀ'ର କାଷ୍ଟିଂ ସମୟରେ ପ୍ରଥମେ ଦିଶା ନାମ ବିଚାରକୁ ନିଆଯାଇଥିଲା। କିନ୍ତୁ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ ଏଥିରେ ଟାଇଗରଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଶ୍ରଦ୍ଧା କପୁର। ଆଉ ଏକ କଥା। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର–୨'ରେ କିଏ ନାୟିକା ସାଜିବ–ଏଥିପାଇଁ ପ୍ରଥମେ ସାରା ଅଲ୍ଲୀ ଖାଁ ଏବଂ ଦିଶା ପଟାନିଙ୍କ ନାମ ଶୁଣିବାକୁ ମିଳୁଥିଲା। କିନ୍ତୁ ପରେ ଏହି ଭୂମିକା ପାଇଁ ଅନନ୍ୟା ପାଣ୍ଡେଙ୍କୁ ସାଇନ୍ କରାଯାଇଥିଲା।

# ସତ–ମିଛର ଖେଳ

କଙ୍ଗନା ରାଣାୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ ଏକ ନୂଆ ସିନେମା ପାଇଁ ସେ କୁଆଡ଼େ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏହି ପ୍ରସ୍ତାବରେ ପ୍ରଯୋଜକ ମଧ୍ୟ ରାଜି। କିନ୍ତୁ ଏଭଳି କଥା ଯେତେବେଳେ ତାଙ୍କ କାନରେ ପଡ଼ିଲା ସେତେବେଳେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ କଙ୍ଗନା। ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ଏଥିରେ ମୋତେ ଦର୍ଶକ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ


କଙ୍ଗନା

ଏ ନେଇ ସଫେଇ ଦେଇ ସେ କହନ୍ତି, ''ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିନେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି–ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହେଁ। କାରଣ ମୋର ଭେରାଇଟି ରୋଲ୍‌କୁ ଦର୍ଶକ ପସନ୍ଦ କରିଛନ୍ତି।''

# ଜୟ ମା' ଶାରଳା

ଓଡ଼ିଆ ସାହିତ୍ୟ ଜଗତର ଆଦି କବି ଭାବରେ ପରିଚିତ ସାରଳା ଦାସ। ତାଙ୍କର ଜୀବନୀ ବୃତ୍ତାନ୍ତ ଏବଂ ମା' ଶାରଳାଙ୍କ ଅଲୌକିକ ଲୀଳାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ୱେବ୍ ସିରିଜ୍ 'ଜୟ ମା ଶାରଳା'। ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ଏହାର ଷ୍ଟ୍ରିମିଙ୍ଗ ହୋଇସାରିଛି। ଜଗତ୍‌ସିଂହପୁର ଜିଲାର ତେନ୍ତୁଳିପଦାଠାରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଆ ଭାଷାର ଏହି ମହାନ୍ ସାଧକ। ତାଙ୍କ ରଚିତ ବିଲଙ୍କା ରାମାୟଣ, ମହାଭାରତ, ଚଣ୍ଡୀପୁରାଣ ଓ ଲକ୍ଷ୍ମୀନାରାୟଣ ବଚନିକା ବେଶ୍ ପାଠକାଦୃତ। ମା' ଶାରଳାଙ୍କଠାରୁ ବର ପ୍ରାପ୍ତି ହେବା ପରେ ସେ କିପରି ମହାକବି ହେଉଛନ୍ତି ତାହାର ଝଲକ ଏହି ସିରିଜ୍‌ରେ ଦେଖିବାକୁ ମିଳିଛି। ଏହି ସିରିଜ୍‌ରେ ବାବୁ ପ୍ରଧାନ, ଅର୍ପଣ, ଜ୍ୟୋତି ପ୍ରକାଶ,



ପ୍ରକାଶ, କାଳିଆ, ରିଙ୍କୁ ଓ ବିଦ୍ୟା, ଜ୍ୟୋତି ଆଦି କଳାକାର ଅଭିନୟ କରିଛନ୍ତି । ବିରେନ୍ ମହାପାତ୍ର ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ତୃପ୍ତି ବିଶ୍ୱାଳ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ତନୟ ହୋତା।

# ପ୍ରଶଂସିକା ହେବ ଏମିତି

କ୍ରିତି ସାନନ୍ ଏବେ ଜଣଙ୍କର ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି ? ହଁ ସେ ହେଲେ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାର। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ କ୍ରିତିଙ୍କୁ ଅଫର ଦିଆଯାଇଛି, ହେଲେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସେ ଦୁଇ ସପ୍ତାହ ସମୟ ନେଇଛନ୍ତି। ଏ ନେଇ କ୍ରିତି କହନ୍ତି, ''ଯାହା କହନ୍ତୁ ନା କାହିଁକି, ଅକ୍ଷୟ କୁମାରଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଭିନ୍ନ ଧରଣର ଭୂମିକାଟିଏ ମିଳିଛି। ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛି ଦିନ ସମୟ ନେଇଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ–ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।'' ଯଦି ଏହି ଫିଲ୍ମରେ ଆକ୍ଟିଂ କରିବାକୁ କ୍ରିତି ରାଜି ହୁଅନ୍ତି, ତେବେ ଅକ୍ଷୟଙ୍କ ସହ ତାଙ୍କ ଯୋଡି ବଡ ପରଦାରେ କି କମାଲ କରିବ ତାହା ଦେଖିବାକୁ ବାକି ରହିଲା।


କ୍ରିତି

# ମନେ ପକାନ୍ତି ଯାମି

ଯାମି ଯେତେବେଳେ ପାଠ ପଢୁଥିଲେ ସେତେବେଳ ତାଙ୍କର ଗୋଟିଏ ଆଶା ଥିଲା। ପାଠ ପଢ଼ା ଶେଷ ହେବା ପରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଓକିଲାତି କରିବାକୁ ଅଣ୍ଟା ଭିଡିଥିଲେ ଯାମି ଗୌତମ। ସେଥିରେ ମଧ୍ୟ ସଫଳ ହୋଇ ନ ଥିଲେ ଏହି ଅଭିନେତ୍ରୀ। ଶେଷରେ ଆକ୍ଟିଂକୁ କ୍ୟାରିୟର ଭାବରେ ବାଛି ନେଇଥିଲେ। ଯାମି କିପରି ନିଜର ଟାଇମ୍ ପାସ୍ କରନ୍ତି ଜାଣନ୍ତି ? କିଛି କାମ ନ ଥିଲେ ମାଇଣ୍ଡ ଫ୍ରେସ କରିବାକୁ ତାଙ୍କର ଦରକାର କପେ ଚା'। ଏ ନେଇ ଯାମି କହନ୍ତି, 'ମୋ ଭ୍ୟାନିଟ୍‌ରେ ସବୁବେଳେ କିଛି ପ୍ୟାକେଟ ଚା' ଥାଏ। ପୁଣି ଚା' ପ୍ରସ୍ତୁତ କରିବାକୁ ସରଞ୍ଜାମ ସାଙ୍ଗରେ ନେବାକୁ ଭୁଲି ନ ଥାଏ।' ଯାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ଯାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା–'ଭିକି ଡୋନର', 'ଆକ୍ସନ ଜ୍ୟାକସନ', 'ବାଦଲପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଗିନ୍ନି ୱେଡସ ସନ୍ନି', 'ଭୂତ ପୋଲିସ୍' ଏବଂ 'ଏ ଥର୍ସଡେ'। ଅନ୍ୟପକ୍ଷରେ ନିର୍ମାଣାଧୀନ 'ଲଷ୍ଟ' ଏବଂ 'ଓ ମାଇଁ ଗଡ୍–୨'ରେ ତାଙ୍କୁ ଦେଖିବାକୁ ମିଳିବ।


ଯାମି

# ପରଦାରେ 'ତୃଷ୍ଣା'

ଚଳିତ ମାସ ୧୪ ଅର୍ଥାତ୍ ଶୁକ୍ରବାର ଦିନ ପରଦାକୁ ଆସିବ ନୂଆ ଓଡ଼ିଆ ସିନେମା 'ତୃଷ୍ଣା'। ଆମର ମ୍ୟୁଜିକ୍ ଓ ନବୀନ ଭଣ୍ଡାରୀଙ୍କ ମିଳିତ ପ୍ରଯୋଜନାରେ ସିନେମାଟି ପ୍ରସ୍ତୁତ ହୋଇଛି। ଓଡିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହାର ମୁକ୍ତିଲାଭ କରିବା ସହ ଭୁବନେଶ୍ୱରରସ୍ଥ ସିନେପଲିସ ଠାରେ ଏହାର ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଡା. ନିର୍ମଳ ନାୟକ ଏବଂ କୁମାରଶ୍ରୀ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ତେବେ ଏହାର ଗୀତଗୁଡ଼ିକ ପୂର୍ବରୁ ଆମର ମ୍ୟୁଜିକ ୟୁଟ୍ୟୁବ ଚ୍ୟାନେଲରେ ବେଶ୍ ଭାଇରାଲ ହୋଇସାରିଛି। ଏହାର ବିଭିନ୍ନ ଭୂମିକାରେ ଅଭିଷେକ ଗିରି, ଶୈଳେନ୍ଦ୍ର, ଲିପ୍ସା ମିଶ୍ର, ସୁରମୟୀ ,ସମରେଶ, ପ୍ରଦ୍ୟୁମ୍ନ ଲେଙ୍କା,


ସୂରମୟୀ

ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସୁରେଶ ପଟ୍ଟନାୟକ। ଏଥିରେ ଡିଜିଟାଲ ମୁଖ୍ୟ ସୁରଜ୍ ମହାନତା, କଣ୍ଟେଣ୍ଟ ଅଧିଗ୍ରହଣ ମୁଖ୍ୟ ଦେବାଶିଷ ପଣ୍ଡା ଓ କ୍ରିଏଟିଭ ହେଡ୍ ଦାୟିତ୍ୱରେ ପ୍ରଣୟ ଜେଠୀ ଅଛନ୍ତି। ତେବେ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ପ୍ରଯୋଜକ।

# ଡାକ୍ତରର ଅବତାର


'ହାତକଡ଼ି' ଫିଲ୍ମରେ ରଜନୀ–ସୁପ୍ରିୟା

ଓଡ଼ିଆ ସିନେମାର ଆଗଧାଡ଼ିର ସଂଳାପକାର, ଗୀତିକାର ଡ. ରଜନୀ ରଞ୍ଜନ ଏବେ ରୋଗୀ ସେବାରେ ମନୋନିବେଶ କରିଛନ୍ତି। ଡାକ୍ତର ସାଜି ସେ ନିଜର ଏହି ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ଏଭଳି ଘଟଣାଟି ତ ସତ, ହେଲେ ତାହାର ସଂଯୋଗ ଅଛି ରଜନୀଙ୍କ ରିୟଲ ନୁହେଁ, ରିଲ୍ ଲାଇଫ୍ ସହ। ନିର୍ମାଣାଧୀନ ନୂଆ ଓଡ଼ିଆ ସିନେମା 'ହାତକଡ଼ି'ରେ ତାଙ୍କୁ ଏପରି ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଆର.ଆର.ଇଭେଣ୍ଟସ ନିବେଦିତ ତଥା ରମେଶ ବାରିକଙ୍କ ପ୍ରଯୋଜିତ ଏହି ଫିଲ୍ମର ଶୁଟିଂ ଶେଷ ହେବା ପରେ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏହାର ଚିତ୍ରନାଟ୍ୟ ସହ ସଂଳାପ ମଧ୍ୟ ରଚନା କରିଛନ୍ତି ରଜନୀ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଆର. ଭଗତ ସିଂ। ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିର୍ଦ୍ଦେଶନାରେ ଏହାର ମୁଖ୍ୟ ଭୂମିକାରେ ଜ୍ୟୋତି–ସୁପ୍ରିୟାଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପିଣ୍ଟୁ ନନ୍ଦ, ଅଶୋକ ଦାସ, ପ୍ରଜ୍ଞା, ଶଙ୍କର, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଶମ୍ଭୁ

ଚଳିତବର୍ଷର ନୂଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ଯୋଡ଼ି ହୋଇଛି। ତାହା ହେଲା 'ଶମ୍ଭୁ'। ପ୍ରେମ, ପ୍ରତିହିଂସା ଆଉ ଆକ୍ସନକୁ ନେଇ କାହାଣୀ ଗତି କରିଛି। ଏହି ସିନେମାର ପ୍ରଯୋଜନା କରିଛନ୍ତି ନବାଗତ ବିଭୂତି ଜେନା। ଅନୁପମା ଜେନାଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ଏସ. ଦିଲୀପ ପଣ୍ଡା। ଖାସ୍ କଥା ହେଲା, କିଛି ବର୍ଷର ଗ୍ୟାପ୍ ପରେ ସ୍ୱର ସଂଯୋଜକ ଦୀପକ କୁମାର ପୁଣି ଥରେ ବଡ଼ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ 'ଆରତୀ' ସିନେମାର ସହ ପ୍ରଯୋଜକ ଥିବା ବିଭୂତି ଅନେକ ସିନେମାର ପ୍ରଯୋଜନା ସହ ଜଡ଼ିତ ଥିଲେ। ତା'ସହ କେତୋଟି ସିନେମାରେ ସେ ମଧ୍ୟ ଅଭିନୟ କରିଛନ୍ତି। 'ଶମ୍ଭୁ'ର ଗୀତ ରେକର୍ଡିଂ ଶେଷ ହୋଇଛି ଏବଂ କଳାକାର ଚୟନ ପ୍ରକ୍ରିୟା ଚାଲୁ ରହିଛି। ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ ଦିଲୀପ। ଏହାପୂର୍ବରୁ 'ଦିଲ୍ କା ରାଜା', 'ତୁ ମୋ ହୀରୋ', 'ତୁ ମୋ ସୁନା ଚଢ଼େଇ' ଏବଂ 'ତୁ ଲୈଲା ମୁଁ ମଜନୁ' ସିନେମାରେ ରଜନୀ–ଦିଲୀପ ଯୋଡ଼ି ଏକାଠି କାମ କରି ସଫଳତା ହାସଲ କରିସାରିଛନ୍ତି।

# କମଲ୍‌ପ୍ରୀତ ୩ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ଟୋକିଓ ୨୦୨୦ରେ ସଫଳତାର ଶିଖର ଛୁଇଁଥିବା ମହିଳା ଡିସ୍‌କସ ଥ୍ରୋୟର କମଲପ୍ରୀତ କୌରଙ୍କୁ ୩ ବର୍ଷ ବାସନ୍ଦ କରାଯାଇଛି। ତାଙ୍କ ନମୁନାରେ ନିଷିଦ୍ଧ ଶକ୍ତିବର୍ଦ୍ଧକ ପଦାର୍ଥ ଷ୍ଟାନୋଜୋଲୋଲ ମିଳିଥିବା ବେଳେ ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ (ଏଆଇୟୁ) ପକ୍ଷରୁ ତାଙ୍କୁ ବାସନ୍ଦ କରାଯାଇଛି। ମାର୍ଚ୍ଚ ୨୯, ୨୦୨୨ଠାରୁ ଏହି ବାସନ୍ଦାଦେଶ ଲାଗୁ କରାଯିବ। ମାର୍ଚ୍ଚ ୭ ତାରିଖରେ ପଟିଆଲାରୁ ସଂଗୃହୀତ ନମୁନାରେ ଷ୍ଟେରଏଡ ମିଳିବା ପରେ ମେ' ମାସରେ ତାଙ୍କୁ ମୌଖିକ ଭାବରେ ବାସନ୍ଦ କରାଯାଇଥିଲା। ଷ୍ଟାନୋଜୋଲୋଲ ଏକ ଆନାବଲିକ୍ ଷ୍ଟେରଏଡ୍, ଏହାର ବ୍ୟବହାର ମାଂସପେଶୀର ଆକାର ବୃଦ୍ଧି ପାଇଁ ବ୍ୟବହୃତ କରାଯାଇଥାଏ। କମଲପ୍ରୀତ ନିଜର ବି ନମୁନା ପରୀକ୍ଷଣ ପାଇଁ ମନା କରିଥିଲେ। ହାତରୁ ଖର୍ଚ୍ଚ କରି ସେ ବି ନମୁନା ପରୀକ୍ଷଣ କରିବାକୁ ଅରାଜି ଥିବା ଏଆଇୟୁ ପକ୍ଷରୁ କୁହାଯାଇଛି। ଟୋକିଓ ଅଲିମ୍ପିକ୍ସରେ ଷଷ୍ଠ ସ୍ଥାନରେ ରହି କମଲପ୍ରୀତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ୬୫.୦୬ ମିଟରର ଥ୍ରୋ ସହିତ ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିବା ସହିତ ୬୩.୭୦ ମିଟରର ଥ୍ରୋ ସହିତ ଷଷ୍ଠ ସ୍ଥାନ ହାସଲ କରିଥିଲେ। ଭାରତୀୟଙ୍କ ମଧ୍ୟରେ ଫିଲ୍ଡ ଇଭେଣ୍ଟରେ ଏହା ତୃତୀୟ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ୨୬ ବର୍ଷୀୟ କମଲପ୍ରୀତ ୪ଟି ସପ୍ଲିମେଣ୍ଟ ନେଉଥିବା ବେଳେ ଏଥିରୁ ଗୋଟିଏରେ ଷ୍ଟାନୋଜୋଲୋଲ ରହିଥିଲା। ଏହି ସପ୍ଲିମେଣ୍ଟଗୁଡ଼ିକ ନ୍ୟାଶନାଲ ଡୋପ ଟେଷ୍ଟିଂ ଲାବୋରେଟୋରିରେ ପରୀକ୍ଷଣ ପରେ ମଧ୍ୟ ସମାନ ଫଳ ଆସିଥିଲା। ଏଆଇୟୁ ପକ୍ଷରୁ ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ୧୦-୧୫ ଫେବୃୟାରୀ ମଧ୍ୟରେ ସେ ଏହି ସପ୍ଲିମେଣ୍ଟ ସେବନ ଆରମ୍ଭ କରିଥିଲେ। ଅଭ୍ୟାସ ସମୟରେ ସପ୍ତାହକୁ ୫ ଦିନ ସେ ଏହା ସେବନ କରୁଥିବା କମଲପ୍ରୀତ ସ୍ୱୀକାର କରିଥିଲେ। ଏହି ଷ୍ଟେରଏଡ ତାଙ୍କୁ କେମିତି ମିଳିଲା ସେ ନେଇ କୌଣସି ସ୍ୱଷ୍ଟ ଉତ୍ତର ରଖି ନ ଥିଲେ। ସେପ୍ଟେମ୍ବର ୭ ତାରିଖରେ ଏଆଇୟୁ ପକ୍ଷରୁ ନୋଟିସ ଦିଆଯାଇଥିଲା। ଏହାର ୨୦ ଦିନ ପରେ କମଲପ୍ରୀତ ନିଜ ଭୁଲ ସ୍ୱୀକାର କରିଥିଲେ। ଫଳସ୍ୱରୂପ ୪ ବର୍ଷର ବାସନ୍ଦାଦେଶକୁ ୩ ବର୍ଷକୁ ହ୍ରାସ କରାଯାଇଥିଲା। ଏହା ସହ ମାର୍ଚ୍ଚ ୭ ପରଠାରୁ କମଲପ୍ରୀତଙ୍କ ନାମରେ ଥିବା ସମସ୍ତ ରେକର୍ଡକୁ ଖାରଜ କରି ଦିଆଯାଇଛି।



କମଲପ୍ରୀତ କୌର

# ସୁଶୀଲ କୁମାରଙ୍କ ବିରୋଧରେ ଚାର୍ଜଫ୍ରେମ

**ଛତ୍ରସାଲ ଷ୍ଟାଡିୟମ ହତ୍ୟାକାଣ୍ଡ**

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜାତୀୟ ଜୁନିୟର ଚାମ୍ପିୟନ ରେସଲରଙ୍କ ହତ୍ୟା ମାମଲାରେ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାରଙ୍କ ନାମରେ କୋର୍ଟ ଚାର୍ଜଫ୍ରେମ୍ କରିଛନ୍ତି। ବୁଧବାର ଦିଲ୍ଲୀର ଏକ କୋର୍ଟ ସୁଶୀଲ ଏବଂ ଅନ୍ୟ ୧୭ ଜଣ ଦୋଷୀଙ୍କ ବିରୋଧରେ ଚାର୍ଜ ଫ୍ରେମ କରିଛନ୍ତି। ଫଳରେ ଖୁବ୍‌ଶୀଘ୍ର କୋର୍ଟରେ ଏହି ମାମଲାର ବିଚାର ଆରମ୍ଭ ହେବ। ଭାରତୀୟ ପିଙ୍ଗଳ କୋଡ୍(ଆଇପିସି)ର ବିଭିନ୍ନ ଧାରା ଅନୁସାରେ ଆଡିଶନାଲ ସେସନ୍ସ କୋର୍ଟ ବିଚାରପତି ଶିବାଜୀ ଆନନ୍ଦ ଅଭିଯୁକ୍ତଙ୍କ ନାମରେ ଚାର୍ଜଫ୍ରେମ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ନାମରେ ହତ୍ୟା, ଦଙ୍ଗା ଓ ଆପରାଧିକ ଷଡଯନ୍ତ୍ରର ଧାରା ଲାଗୁ କରାଯାଇଛି। ଜାତୀୟ ଜୁନିୟର ରେସଲିଂ ଚାମ୍ପିୟନ ସାଗର ଧନକରଙ୍କୁ ଏକ ସମ୍ପତ୍ତି ବିବାଦ ମାମଲାକୁ ନେଇ ସୁଶୀଲ ଓ କିଛି ବ୍ୟକ୍ତି ଛତ୍ରସାଲ ଷ୍ଟାଡିୟମରେ ଆକ୍ରମଣ କରିଥିଲେ। ମେ'୪, ୨୦୨୧ରେ ଏହି ଆକ୍ରମଣ ଘଟିଥିଲା। ପରେ ଧନକରଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟରୁ ମୁଣ୍ଡରେ ଆଘାତ କାରଣରୁ ମୃତ୍ୟୁ ସ୍ୱଷ୍ଟ ହୋଇଥିଲା। ମେ' ୨୩ ତାରିଖରେ ଦୁଇ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା କୁମାରଙ୍କୁ ପୋଲିସ ଗିରଫ କରିଥିଲା। ପଚରାଉଚରା ପରେ ଜୁନ ୨, ୨୦୨୧ରୁ ସେ ପୋଲିସ ହେପାଜତରେ ରହିଛନ୍ତି।



# ମ୍ୟାଚ୍ ଫିକ୍ସିଂ ପାଇଁ ୟୁଏଇ ଖେଳାଳି ଦଣ୍ଡିତ

**ମେଲବୋର୍ନ,୧୨।୧୦(ପି.ଟି.):** ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ୟୁଏଇ ଖେଳାଳି ମେହେରଦୀପ ଛାବକାରଙ୍କୁ ୧୪ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଏପ୍ରିଲ ୨୦୧୯ରେ ଏକ ଅନ୍ତର୍ଜାତୀୟ ସିରିଜ ଏବଂ କାନାଡାର ଏକ ଟି୨୦ ଫ୍ରାଞ୍ଚାଇଜ ଟୁର୍ନାମେଣ୍ଟରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କ ବିରୋଧରେ ୭ଟି ଅଭିଯୋଗ ଆସିଥିବା ଆଇସିସି ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି। ୟୁଏଇ ଜାତୀୟ ଦଳର ଦୁଇ ଖେଳାଳି ମ୍ୟାଚ ଫିକ୍ସିଂ ମାମଲାରେ ବାସନ୍ଦ ହେବା ପରେ ଛାବକାରଙ୍କ ନାଁ ସାମ୍ନାକୁ ଆସିଥିଲା। ୟୁଏଇ ଟି୨୦ ଲିଗ୍‌ରେ ଉଇକେଟକିପର ବ୍ୟାଟର ଭାବରେ ଖେଳିଥିବା ଛାବକାର ୨୦୧୨ରେ ୧୯ ବର୍ଷରୁ କମ୍ ଏସିଆନ କ୍ଲବ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଛାବକାର ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତେବେ ଦୁଇଟି ମାମଲାରେ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି। ଦୁଇ ଥର ଜାଣିଜାଣି ଖରାପ ଖେଳିଥିବା ବେଳେ ସାଥୀ ଖେଳାଳିଙ୍କୁ ପଇସା ମଧ୍ୟ ଯାଚିଥିବାର ଅଭିଯୋଗ ଆସିଥିଲା। ଏହା ସହିତ ଏପ୍ରିଲ ୨୦୧୯ରେ ଜିମ୍ବାୱେ ୟୁଏଇ ସିରିଜ୍‌ରେ ଖେଳାଳିଙ୍କୁ ଅର୍ଥ ଯାଚିବା ସହିତ କାନାଡାର ଗ୍ଲୋବାଲ ଟି୨୦ ଟୁର୍ନାମେଣ୍ଟରେ ହେରଫେର କରିବାର ଅଭିଯୋଗ ଆସିଥିଲା।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ବିଜୟଙ୍କୁ ବିଜେଡ଼ିର ଶ୍ରଦ୍ଧାଞ୍ଜଳି**

ବରଗଡ଼ ଅଫିସ୍: ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ପଦ୍ମପୁର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଉକ୍ତ ସଭାରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନ ମାଝି, ଅଚ୍ୟୁତାନନ୍ଦ ମହାପାତ୍ର, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବରିହାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ ବିଜେଡ଼ି କର୍ମୀମାନେ ଯୋଗଦାନ କରିଥିଲେ।

# ୧୪ରୁ ବୌଦ୍ଧରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା

ବୌଦ୍ଧ,୧୨।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଆସନ୍ତା ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଆନୁକୂଲ୍ୟରେ ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ନନ୍ଦନବନଠାରେ ଅତିଥିମାନଙ୍କ ଗହଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭୬ ଉଚ୍ଚ ବିଦ୍ୟାଳୟକୁ ଫୁଟବଲ, ଜର୍ସି ଓ ଜୋତା ବଣ୍ଟନ କରାଯାଇଥିଲା । କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରହିଥିବା ଉଲ୍ଲେଖନୀୟ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହିତ ଫୁଟବଲ ଫର ଅଲ ନାରା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଜିଲାର କ୍ରୀଡାର ବଳିଷ୍ଠ ଭିତ୍ତିଭୂମି ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲାପାଳ ସତ୍ୟ ରଞ୍ଜନ ସାହୁ କଠିନ ଅଧ୍ୟବସାୟ ହିଁ ସଫଳତା ଆଣିଦିଏ ବୋଲି ଛାତ୍ରୀଛାତ୍ରମାନଙ୍କୁ କହିବା ସହ ଏଦିଗରେ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। କ୍ରୀଡା କ୍ଷେତ୍ରରେ ବୌଦ୍ଧ ଜିଲା ରାଜ୍ୟରେ କିପରି ଅଗ୍ରଣୀ ଭୂମିକା ନେଇପାରିବ ସେଥିଲାଗି ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ।




କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଫୁଟବଲ ପ୍ରଦାନ କରାଯାଉଛି।

**୭୬ ଉଚ୍ଚବିଦ୍ୟାଳୟକୁ ପ୍ରଦାନ କରାଗଲା ଫୁଟବଲ, ଜର୍ସି ଓ ଜୋତା**

ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ହରଭଙ୍ଗା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା ପ୍ରାରମ୍ଭିକ ବିବରଣୀ ଉପସ୍ଥାପନ କରିଥିଲେ। ଜିଲାର ୭୬ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶାରିରୀକ ଶିକ୍ଷା ଶିକ୍ଷକ ମୁଖ୍ୟଅତିଥି ତଥା ଅନ୍ୟ ଅତିଥିଙ୍କଠାରୁ ଫୁଟବଲ, ଜର୍ସି ଓ ଜୋତା ଗ୍ରହଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଏଥର ଗୋପପୁର ଦୃଶ୍ୟାଭିନୟ ହେବ ଅଧିକ ଆକର୍ଷଣୀୟ

ବରଗଡ଼ ଅଫିସ,୧୨।୧୦

ବରଗଡ ବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ଆସନ୍ତା ଡିସେମ୍ବର ୨୭ତାରିଖରୁ ଆରମ୍ଭ ହେବ। ଏହି ଧନୁଯାତ୍ରା ମହୋତ୍ସବର ଗୋପପୁର ଯାତ୍ରାର ଆକର୍ଷଣ ନିଆରା। ତେବେ ଏଥର ଗୋପପୁର ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୁଧବାର ଉପଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଗୋପପୁର କମିଟି ବୈଠକରେ ମତପ୍ରକାଶ ପାଇଛି। ମହାଆଡମ୍ବରରେ ପାଳନ କରିବା ପାଇଁ ଧନୁଯାତ୍ରା ମହୋତ୍ସବ ସମିତ ତଥା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୈଠକରେ ଉପଜିଲାପାଳ ଲଲାଟ ଲୁହା ଅଧ୍ୟକ୍ଷତା କରିଥିଲେ। ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଞ୍ଚାସୀନ ଥିଲେ। ପ୍ରଥମ ବୈଠକରେ ଆଗାମୀ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗୋପପୁର କମିଟିର ସଦସ୍ୟମାନେ ମତାମତ ଦେଇଥିଲେ। କଳାକାର ଚୟନ, ମଞ୍ଚ ସାଜସଜ୍ଜା, ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା, ଅସ୍ଥାୟୀ ଦୋକାନୀମାନଙ୍କ ସୁବନ୍ଦୋବସ୍ତ ଉପରେ ଆଲୋଚନା ହୋଇଥିଲା। ପରମ୍ପରା ଅନୁଯାୟୀ ଅକ୍ରୁର ଗୋପପୁରରୁ ମଥୁରା ନଗରୀକୁ କୃଷ୍ଣ ବଳରାମଙ୍କୁ ନେଇକି ଆସିବା ପୂର୍ବରୁ ନାବକେଳୀ ଦୃଶ୍ୟ ମନାବନ୍ଧରେ ଅନୁଷ୍ଠିତ ହେଉଛି। ଉକ୍ତ ଦୃଶ୍ୟ ମଧ୍ୟ ଗୋପପୁରରେ କରିବା ପାଇଁ କମିଟି ପକ୍ଷରୁ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ଗୋପପୁର କମିଟି ପକ୍ଷରୁ ଈଶର ବାଗ, କୃଷ୍ଣ ମହାପାତ୍ର, ସୁରେଶ ମହାପାତ୍ର, ସୁନିଲ ଶର୍ମା, ଦୟାନିଧି ପ୍ରଧାନ, ରବିନ୍ଦ୍ର ରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ନିଷ୍ପତ୍ତି ଅନୁସାରେ ଆଗାମୀ ବୈଠକ ଗୋପପୁରରେ ଆସନ୍ତା ଶନିବାର ହେବ ବୋଲି ସୂଚନା ଦିଆଯାଇଛି।



ବୈଠକରେ ମଞ୍ଚାସୀନ ଅତିଥି।

**ବରଗଡ଼ ଧନୁଯାତ୍ରା**

# ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭାଜପାର ଦାବିପତ୍ର

ଜାମଟିକ୍ରା, ୧୨।୧୦(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ବ୍ଲକ ବିଜେଡିର ଜନ ସମ୍ପର୍କ କାର୍ଯ୍ୟକ୍ରମ ବୁଧବାର ରହିଥିଲା। ଏହିକ୍ରମରେ ବ୍ଲକ ଅନ୍ତର୍ଗତ ଲଦିଦା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ପଡିଆରେ ଦଳୀୟ କର୍ମୀମାନେ ଏକଜୁଟ ହୋଇ ଭୋଜି କରିଥିଲେ। ଏଥିଯୋଗୁ କିଛି ସମୟ ପାଇଁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ସଭାରେ ସମ୍ପୃକ୍ତ ଦଳର ଜନ ପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ। ସରକାରୀ ସ୍କୁଲରେ ରାଜନୈତିକ ଦଳର କାର୍ଯ୍ୟକ୍ରମ କରିବା ନିୟମ ବିରୁଦ୍ଧ। ଏହା ଜାଣିସୁଦ୍ଧା ପ୍ରଧାନଶିକ୍ଷକ କିଭଳି ଅନୁମତି ଦେଲେ ତାହାକୁ ନେଇ ପ୍ରଶ୍ନ ଉଠାଇଛି ଅତାବିରା ବ୍ଲକ ଭାଜପା। ଦଳ ପକ୍ଷରୁ ଏକ ପ୍ରତିନିଧି ଦଳ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ନିକଟରେ ଫେରାଦ ହୋଇ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ମଣ୍ଡଳ ସଭାପତି ସତ୍ୟନାରାୟଣ ଭୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁବରାଜ ପଧାନ, ପୁଷ୍ପକ ଗାଇଗରିଆ, ବିଦ୍ୟାଧର ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ ସମ୍ପୃକ୍ତ ସ୍କୁଲ ପ୍ରଧାନଶିକ୍ଷକ ଏକଲବ୍ୟ ପ୍ରଧାନଙ୍କୁ ପଚାରିବାରୁ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯାଇନାହିଁ। ସ୍କୁଲ ପଡିଆରେ କେତେକ ସାମଗ୍ରୀ ରଖିବାକୁ ସ୍ଥାନୀୟ ବିଜେଡି କର୍ମକର୍ତ୍ତା ତାଙ୍କୁ ଅନୁରୋଧ କରିଥିବା କହିଛନ୍ତି।

**ସ୍କୁଲ ପରିସରରେ ରାଜନୈତିକ କାର୍ଯ୍ୟକ୍ରମକୁ ବିରୋଧ**

# ସିଡିସି ନିର୍ଦ୍ଦେଶକଙ୍କ ବୀରମହାରାଜପୁର ମହାବିଦ୍ୟାଳୟ ପରିଦର୍ଶନ

**ଅମରପାଲି,୧୨।୧୦(ଡି.ଏନ.ଏ):** ବୁଧବାର ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତରଫରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସିଡିସି ନିର୍ଦ୍ଦେଶକ ଡା. ବିଘ୍ନେଶ ପ୍ରସାଦ ମିଶ୍ର ଏକ ଟିମ୍ ସହିତ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ପରିଦର୍ଶନ କରିଛନ୍ତି। ସିଡିସି ନିର୍ଦ୍ଦେଶକ ମିଶ୍ରଙ୍କ ସହିତ ଡେପୁଟି ରେଜିଷ୍ଟାର ଡା. ବିଶ୍ୱଜିତ ବେହେରା, ସିଡିସି ବରିଷ୍ଠ ସେକ୍ସନ ଅଫିସର ଅକ୍ଷୟ କୁମାର ସେଠୀ ପ୍ରମୁଖ ଉକ୍ତ ଟିମ୍‌ରେ ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଇଂରାଜୀ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀଙ୍କ ଅଧ୍ୟକ୍ଷତାରେ ସିଡିସି ସଦସ୍ୟଗଣ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଗଣିତ ପ୍ରାଧ୍ୟାପକ ହୃଷୀକେଶ ପ୍ରଧାନ, ବରିଷ୍ଠ କିରାଣି ବିପିନ ବିହାରୀ ଖମାରୀ, ସୁବାଷ ଶତପଥୀ, ନରେନ୍ଦ୍ର ଚାନ୍ଦ, ଅଧ୍ୟାପକ ବିଜୟ କୁମାର ପୁରୋହିତ, ଅଧ୍ୟାପିକା ଯାମିନୀ ଦାଶ ତଥା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସିଡିସି ନିର୍ଦ୍ଦେଶକ ମିଶ୍ର ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ଅଭିଜିତ ପୂଜାହାରୀଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର

ବିନିକା,୧୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଯୁବ କଳାକାର ତଥା ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅଭିଜିତ ପୂଜାହାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ଥାନୀୟ ଟାଉନହଲଠାରେ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି ବିନିକା ଶାଖା, ମହାନଦୀ ଯୁବସଂଗଠନ, ପୁରୁଣା ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ଅଭିଜିତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶିକ୍ଷାବିତ୍ ପ୍ରମୋଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ସମ୍ମାନିତ ଅତିଥି ଭାବେ ବୁର୍ଲା ଭୀମସାର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ, ସିଦ୍ଧାର୍ଥ ଜୁନିୟର କଲେଜ ଅଧ୍ୟକ୍ଷା ରେଖା ପଧାନ, ଡା ବେଣୁଧର ପାଣ୍ଡେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ନଗରପାଳ ସୁବାସ ଚନ୍ଦ୍ର ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ଡା ସତ୍ପିକା କାୟାକରଙ୍କ ତତ୍ତ୍ୱାବଧାନରେ ୧୫୫ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେହିପରି ରକ୍ତଦାନ ଶିବିରରେ ୫୫ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏଥିରେ ୩୬ ଜଣ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଠିକା ଶ୍ରମିକଙ୍କ ଆନ୍ଦୋଳନ ଜାରି



ଆନ୍ଦୋଳନରତ ଶ୍ରମିକ।

ଡୁଙ୍ଗୁରିପାଲି,୧୨।୧୦(ଡି.ଏନ.ଏ.)

**ଡୁଙ୍ଗୁରିପାଲି ଏଫ୍‌ସିଆଇରେ ଅଚଳାବସ୍ଥା**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଭାରତୀୟ ଖାଦ୍ୟ ନିଗମର ଠିକା ଶ୍ରମିକମାନେ ଅଧିକ ପାଉଣା ଦେବାକୁ ଦାବି କରି ସୋମବାର ଠାରୁ ନିଗମ ଫାଟକ ଆଗରେ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦୁଇ ଦିନ ହେବ କାମ ବନ୍ଦ ରହିଥିବାରୁ ଏହି ଖାଦ୍ୟ ନିଗମରେ ଅଚଳାବସ୍ଥା ଦେଖାଦେଇଛି। ଗତ ୨ମାସ ହେଲା ଶ୍ରମିକମାନଙ୍କୁ କାମ କରିବା ବାବଦ ପ୍ରାପ୍ୟ ମିଳି ନ ଥିଲା। ସୋମବାର କେତେଜଣ ଶ୍ରମିକଙ୍କୁ କାମ ବାବଦରେ ପୁରୁଣା ରେଟରେ ଟଙ୍କା ଦିଆଯାଇଥିଲା। ଏନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦିନ ସାରା ବହୁ ପରିଶ୍ରମ କରୁଥିଲେ ମଧ୍ୟ ଠିକା ଶ୍ରମିକଙ୍କୁ କମ ପାରିଶ୍ରମିକ ଦିଆଯାଉଛି। ନୂତନ କଣ୍ଟ୍ରାକ୍ଟର ୩ଟଙ୍କା ୫୦ ପଇସା ବସ୍ତା ପିଛା ଲୋଡ଼ ଓ ଅନଲୋଡ଼ ବଢାଇବା ପାଇଁ ଦାବି କରି ଶ୍ରମିକମାନେ ଆନ୍ଦୋଳନ ଚଳାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ଲଳିତ ବାଗ, ଅର୍ଜୁନ ଭରାସାଗର, ସୁଦର୍ଶନ, କରମ ସେଠ, ଗିରିଧାରୀ ବାଗ, ରୋହିତ ତାଣ୍ଡି, ବିର ଭରାସାଗର, ଜଲେନଧର ଭରାସାଗର, ରସାନନ୍ଦ କୁମ୍ଭାର, କବି ତାଣ୍ଡି, ଜ୍ୟୋତିଷ ନନ୍ଦ, ଗୌରାଙ୍ଗ ନାଗ, ଗୋକୁଳ ପାଇକ, ମଦନ କୁମ୍ଭାର, ତୋଫାନ ସାହୁ, ପାଣ୍ଡ କୁମ୍ଭାର, ଗଣେଷ ଯୁଆଡ଼ି, ଯାଦବ ସେଠ, ରୂପେଶ୍ୱର ବାରିକ ଚେତାବନୀ ଦେଇଛନ୍ତି। ଶତାଧିକ ଶ୍ରମିକ କାମ ବନ୍ଦ କରିବା ଫଳରେ ଖାଦ୍ୟ ନିଗମରେ ଅଚଳାବସ୍ଥା ଦେଖାଦେଇଛି। ଏ ନେଇ ଟେଣ୍ଡର ନେଇଥିବା କଣ୍ଟ୍ରାକ୍ଟର ସନ୍ଦୀପ ବକ୍ସି କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ।

# ଦାୟିତ୍ୱବୋଧ ଖବର ପ୍ରସାରଣ ପାଇଁ ଆହ୍ୱାନ

ବରଗଡ଼ ଅଫିସ, ୧୨।୧୦

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ପଶ୍ଚିମ ଓଡିଶା ୱେବ ମିଡ଼ିଆ ଆସୋସିଏଶନ ଆନୁକୂଲ୍ୟରେ ସ୍ୱପ୍ନନକ୍ଷତ୍ର ଦିବସ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ସାମ୍ପ୍ରତିକ ସମାଜରେ ୱେବ ମିଡ଼ିଆର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ୱେବ ମିଡ଼ିଆ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ସେ ବିଷୟରେ ଆଲୋଚନା ହୋଇଥିଲା। ଆସୋସିଏଶନର ସଭାପତି ଅସିତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, ବିଧାୟକ ଦେବେଶ ଆଚାର୍ଯ୍ୟ, ଯୁବନେତା ନିପନ ଦାଶ, ସମାଜସେବୀ ଚନ୍ଦ୍ରଶେଖର ବାଗ, ବିନୀତ ଖଣ୍ଡେଲୱାଲ, ଉପସଭାପତି ଧୀରେନ ମହାନ୍ତି, କବି ନୀତିଶ ଆଚାର୍ଯ୍ୟ, କବି ଦେବେନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇଥିଲେ। ସତ୍ୟ ଓ ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣ ୱେବ ମିଡ଼ିଆର ପରମ କର୍ତ୍ତବ୍ୟ ହେଉ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଆସୋସିଏଶନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ଝାରସୁଗୁଡା କଳାହାଣ୍ଡି, ସମ୍ବଲପୁର ଜିଲାର ୱେବ ମିଡ଼ିଆ ପ୍ରତିନିଧିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନ ସମ୍ପାଦକ ବଳରାମ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 37/ET/SBP/ENGG/2022-23, ତା.10.10.2022ରିଖ

ଇ-ଟେଣ୍ଡର ସଂ. 07-eT-BRIDGE-SBP-22

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ଟିଟିଲାଗଡ଼, ସମ୍ବଲପୁର-ଅନୁଗୁଳ ଏବଂ ଲଖୋଲି-ଥେରୁବାଲି ସେକ୍ସନରେ ବିଭିନ୍ନ ଗର୍ଡ଼ର ପୋଲଗୁଡ଼ିକରେ TOW ଗର୍ଡ଼ରରେ କ୍ରାଡେଲସ (Cradles) ଏବଂ ଟପ୍ କୋର୍ଡ଼ (Top Chord) ରେ ଟପ୍ ହ୍ୟାଣ୍ଡ ରେଲିଙ୍ଗ୍ ତଥା ଟପ୍ କୋର୍ଡ଼ (Top Chord) ନିମନ୍ତେ ଯାଞ୍ଚ ସିଡ଼ିର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,70,64,954.05, ବିଡ୍ ସିକ୍ୟୁରିଟୀ : ₹ 3,85,400/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.11.2022ରିଖ 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-602/N/22-23

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9417930815

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2125 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4409/RE/OSIC Dt.12.10.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. **"Supply, installation and commissioning of solar street light 15 watt with 6 metre GI pole under Rayagada Block of Gajapati District"** and **"Supply of Bamboo Treatment Plant at Lamtaput under NALCO SDF 2022-23 under BDO, Lamtaput"**. Tender details can be downloaded from the OSIC website www.osicltd.in .Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0106/2223

**ZILLA PARISHAD, MALKANGIRI**
Dist: Malkangiri:764048,Phone No.06861-230409
Fax No.:06861-230279, E-mail:ori-dmalkangiri.nic.in
Letter No.4009/I-31/2022,Cash Date:12.10.2022

**SEALED TENDER NOTICE FOR SALE OF VEHICLE**

In pursuance to L.No.PR-DRDA-ESTT-0003- 2019-18590/ PR&DW, dated 28.09.2022 of the Under Secretary to Govt., PR&DW Deptt., Odisha, Bhubaneswar, sealed tenders in plain paper are invited by the undersigned from the intending bidders for sale of condemned vehicle of Zilla Parishad, Malkangiri as detailed below:

| Registration No. of Vehicle | Type of Vehicle | Upset Price |
|---|---|---|
| OR-10A-1348 | Mahindra Jeep | Rs.22,000/- |
| OR-10-8774 | Mahindra Jeep | Rs.20,000/- |

The bidders are requested to furnish the following particulars under sealed cover and send through Registered Post/ Speed Post so as to reach the undersigned by 1.00 PM of 31.10.2022. Tender papers received beyond 1 PM of 31.10.2022 shall not be considered. The details of sealed Tender Notice are available in District web portal www.malkangiri.nic.in. The intending bidders/firms are requested to download the same from District Web Portal and submit the tender paper/ quotations observing the instructions therein.

The undersigned reserves the right to accept or reject any/ all offer without assigning any reason thereof and decision of the undersigned is final in case of any dispute.

Sd./- Chief Development Officer-cum-E.O,
Zilla Parishad, Malkangiri

**OFFICE OF THE DEPUTY DIRECTOR SOIL CONSERVATION CUM PROJECT DIRECTOR, WATERSHEDS,BOUDH**
E-mail:pdws.boudh@gmail.com

**Notice No.1049/ Dated 11.10.2022**

**No.L-81:**The Deputy Director Soil Conservation-Cum-Project Director, Watersheds, Boudh invites "Tender for Supply of Manpower" as per specifications from only registered and reputed manpower service providers having valid license/ authorization to supply 04 (Four) nos. of WDT under the Deputy Director Soil Conservation-Cum-Project Director, Watersheds, Boudh through two bid system.

Detailed tender documents comprising Background, Scope of work, Technical evaluation criteria, Financial bid evaluation and annexure for submitting the tender can be downloaded from district website www.boudh.nic.in during the notice period.

1. Tender paper downloaded from district website during the notice period;
2. Last date for submission of Tender documents: 27.10.2022, 5.00 PM through Regd. Post/Speed Post only;
3. Technical Bid will be opened on: 28.10.2022,11.00 AM;
4. Financial Bid will be opened on: 28.10.2022,3.00 PM;
5. The cost of Tender Paper is Rs.5,000.00 (non-refundable) will only be received in shape of Demand Draft drawn in favour of "Deputy Director Soil Conservation-Cum-Project Director, Watersheds, Boudh" payable at Boudh;
6. EMD for Rs. 9,600.00 must be submitted in shape of Demand Draft only drawn in favour of the "Deputy Director Soil Conservation-Cum-Project Director, Watersheds, Boudh" payable at Boudh.

**The authority reserves the right to reject any or all Tender without assigning any reason thereof.**

Sd./-Deputy Director Soil Conservation
Cum-Project Director, Watersheds, Boudh

OIPR-01420/11/0002/2223

**ODISHA ELECTRICITY REGULATORY COMMISSION**
Together, let us light up our lives
PLOT NO. 4, CHUNOKOLI, SAILASHREE VIHAR, CHANDRASEKHARPUR, BHUBANESWAR-751021
E-mail : orierc@gmail.com/Website :www.orierc.org

**PUBLIC NOTICE**

**Case No. 62 of 2022**

**Hearing of Application filed by TP Western Odisha Distribution Ltd. on behalf of all the four DISCOMs of Odisha for allowing interest on loan to be taken by the farmer for setting up Solar Capacity for Kusum C Pump level solarisation in ARR of DISCOMs under Section 62 of the Electricity Act, 2003 in conformity with the provisions of OERC (Terms and Conditions for determination of wheeling Tariff and Retail Supply Tariff) Regulations, 2014 and OERC (Conduct of Business) Regulations, 2004.**

M/s. T P Western Odisha Distribution Limited has filed an application on behalf of the all four DISCOMs for allowing interest on loan to be taken by the farmer for setting up Solar Capacity for Kusum C Pump level solarisation in ARR of DISCOMs under Section 62 of the Electricity Act, 2003 in conformity with the provisions of OERC (Terms and Conditions for determination of wheeling Tariff and Retail Supply Tariff) Regulations, 2014 and OERC (Conduct of Business) Regulations, 2004. The Commission has registered it as Case No.62 of 2022 and has decided to dispose of this case through a public hearing along with **Case No.41 of 2022 on 01.11.2022 at 11.00 A.M.** The petition along with all Annexures submitted by M/s. TPWODL in this regard is available in OERC website (www.orierc.org) and also in the website of the applicant. The persons/ organizations/stakeholders those who are interested in the above proceeding may file their objections/suggestions on the present petition of M/s. TPWODL by **28.10.2022** with a copy to the applicant and TPWODL is directed to file its rejoinder to the objections/suggestions of the Respondents on or before 01.11.2022. Those who are interested to participate in the public hearing through video conferencing should also indicate their e-mail address to the Commission at OERC e-mail(oerc.vc@gmail.com) citing case no.

By Order of the Commission
Dated: 12.10.2022 Sd/- SECRETARY

**ODISHA RAJYA TALGUR SAMABAYA SANGHA LTD.**
(A Govt. of Odisha Enterprise)
UDYOGPURI, KHANDAGIRI, BHUBANESWAR-30
Tel. No. 0674-2350365
E. mail : ortssbbsr1959@gmail.com, www.orissapalmcrafts.com

**Short Tender Call Notice**

No. 501 Date :- 12.10.2022

Sealed Quotations are invited from intending registered firms/agencies/suppliers/manufacturers/ organisations having valid and update GST/PAN numbers for supply of the Tools & Implements for manufacturing of Date Palmgur. The details of terms and conditions, specifications and quantities may be down loaded from the website www.ortss.org of ORTSS Ltd, from dt.14.10.2022 to 25.10.2022. The quotations are to reach the undersigned on or before dt. 31.10.2022 by 1 P.M. through courier/Speed Post / Regd. Post only which will be opened on the same day at 4.00P.M. in presence of the quotationer or their authorized representatives.

The undersigned reserves the right to cancel or reject any or all the quotations without assigning any reason thereof.

Sd/- Managing Director

GOVT. OF ODISHA No. O-1099
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-14/2022-23, Date: 11.10.2022

**NOTICE INVITING TENDERS FOR BRIDGE WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road Works including 5 years Post Construction Maintenance under CUVDA in LWE affected for the year 2022-23 in the District of Nuapada.
2. No. of Works : 06 Nos.
3. Location Details : Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 20.10.2022 11.00 A.M. | 04.11.2022 5.00 P.M. | 03.11.2022 | 05.11.2022 at 11.00 A.M. |

Further details can be seen from the website "www.tendersorissa.gov.in".

Sd./- Chief Construction Engineer
Rural Works Circle, Bhawanipatna

OIPR-25102/11/0017/2223

# କାମ ସରିଛି, ବିଲ୍ ଅଟକୁଛି

**ବଲାଙ୍ଗୀର ଅଫିସ, ୧୨।୧୦**



ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ବିଧାୟକ ଡ. ମୁକେଶ ମହାଲିଙ୍ଗ ସମୀକ୍ଷା କରୁଛନ୍ତି।

**ଲୋଇସିଂହା ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ ବୈଠକ**
- ତୁରନ୍ତ ବିଲ୍ ପଇଠ ନିର୍ଦ୍ଦେଶ
- ଆଗଲପୁର, ଲୋଇସିଂହା ବସ୍‌ଷ୍ଟାଣ୍ଡ କାମ ତ୍ୱରାନ୍ୱିତ କର
- ପାନୀୟ ଜଳ ଯୋଗାଣ ନେଇ ସମୀକ୍ଷା କଲେ

ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ ବିଧାୟକ ଡ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ବିଭିନ୍ନ ବିଭାଗର ଅଧିକାରୀ, ତିନି ବ୍ଲକ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ବିଡିଓ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକରେ ବିଧାୟକ ମହାଲିଙ୍ଗ ବିଧାୟକ ପାଣ୍ଠି ଅନୁଦାନରେ ବିଭିନ୍ନ କାମ ସରିଥିଲେ ମଧ୍ୟ ଉକ୍ତ କାମର ବିଲ ପଇଠରେ ଅହେତୁକ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। କେଉଁ ଉଦ୍ଦେଶ୍ୟ ରଖି କାମ ସରିବା ସତ୍ତ୍ୱେ ବିଲ୍ ଅଟକା ଯାଉଛି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ତୁରନ୍ତ ଅଟକାଇ ରଖାଯାଇଥିବା ବିଲ ପାସ୍ କରିବାକୁ ବିଡିଓଙ୍କୁ କହିଥିଲେ। ଏହି ବୈଠକରେ ଲୋଇସିଂହାଠାରେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ କାମର ସମୀକ୍ଷା କରିବା ସହ ଏହି କାମକୁ ତ୍ୱରାନ୍ୱିତ କରିବା ଦିଗରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଆଗଲପୁର ବସଷ୍ଟାଣ୍ଡ ଜମି ସଂକ୍ରାନ୍ତୀୟ ସ୍ଥିତି ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ଘୋଷଣା ପରେ ପୁଇଁତଲା ଓ ଆଗଲପୁରଠାରେ ତୁରନ୍ତ ସବ୍‌ରେଜିଷ୍ଟ୍ରି ଅଫିସ କାର୍ଯ୍ୟକ୍ଷମ କରିବା ଦିଗରେ ଜିଲା ପ୍ରଶାସନ କ'ଣ ପଦକ୍ଷେପ ନେଇଛି ପଚାରିଥିଲେ। ତୁରନ୍ତ ବ୍ଲକ୍ ସ୍ତରୀୟ ସବ୍‌ରେଜିଷ୍ଟ୍ରି ଅଫିସ ଖୋଲିବା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଆଗଲପୁର ଫାଣ୍ଡିକୁ ଥାନାରେ ଅପଗ୍ରେଡ କରାଯାଇଛି। ଏଣୁ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ଆଗଲପୁର ଥାନା କାର୍ଯ୍ୟକାରୀ କରିବାକୁ କହିଥିଲେ। ସାଲେଭଟାଠାରୁ ଆଗଲପୁର ରାସ୍ତାକୁ ପୂର୍ତ୍ତ ବିଭାଗ ହସ୍ତାନ୍ତର କରି ଏଦିଗରେ ଟେଣ୍ଡର ପ୍ରକ୍ରିୟା କରିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସମୀକ୍ଷା କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତରରେ ଉଚ୍ଚ ପ୍ରାଥମିକ ସ୍କୁଲ ଗୁଡିକର ଅବ୍ୟବସ୍ଥା ଦୂରୀକରଣ ଦିଗରେ ଆଲୋଚନା କରିଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳ ସ୍କୁଲ ଗୁଡିକୁ ଦୃଷ୍ଟି ଦେବାକୁ କହିଥିଲେ। ୫-ଟି ସ୍କୁଲରେ ନିମ୍ନମାନର କାମକୁ ନେଇ ବୈଠକରେ ବିଧାୟକ ମହାଲିଙ୍ଗ କ୍ଷୋଭ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ହେବା ସତ୍ତ୍ୱେ ଅନେକ ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇପାରୁନାହିଁ। ସେମାନେ ଆବେଦନ କରି ମଧ୍ୟ ଅଟକି ରହୁଛନ୍ତି। ଏଦିଗରେ ସରକାର ତୁରନ୍ତ ଟାର୍ଗେଟ ବୃଦ୍ଧି କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ କହିଥିଲେ। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ବି ସମୀକ୍ଷା ହୋଇଥିଲା।

## ସଂକ୍ଷେପରେ

### ହରିଶଙ୍କର ମନ୍ଦିର ହୁଣ୍ଡିରୁ ବାହାରିଲା ୯୬ ହଜାର ଟଙ୍କା

**ଖପ୍ରାଖୋଲ,୧୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ହରିଶଙ୍କର ମନ୍ଦିର ହୁଣ୍ଡି ବୁଧବାର ଛଅ ମାସ ପରେ ଖୋଲାଯାଇଥିଲା। ହୁଣ୍ଡିରୁ ୯୬ ହଜାର ୪୫୬ ଟଙ୍କା ବାହାରିଥିବା ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରକାଶ କରିଛନ୍ତି। ଖୋଲିବା ସମୟରେ ପାଟଣାଗଡ ଉପଜିଲାପାଳ ଡ ବିଜୟାନନ୍ଦ ସେଠୀ, ଆସିଷ୍ଟାଣ୍ଟ କଲେକ୍ଟର କ୍ଷୀରୋଦ୍ର ସାହୁ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଫାଣ୍ଡି ଅଧିକାରୀ ସେୱାନ କେରକେଟା, ଦେବୋତ୍ତର କିରାଣୀ ଦିଲୀପ ବଗର୍ତ୍ତୀ, ମନ୍ଦିର ପୂଜକ ନରସିଂହ ପୂଝାରୀ, ତ୍ରିନାଥ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦାଦନ ଖଟି ଯାଇଥିବା ପୁଅ ଫେରିଲା ପରେ ହେଲା ସତ୍କାର

**ପଡ଼ିରହିଥିଲା ବାପାଙ୍କ ମୃତଦେହ**

**ଖପ୍ରାଖୋଲ,୧୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁର ପୁରନ୍ଦର ରଣା(୫୫)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ହେଲେ ଆନ୍ଧ୍ରପ୍ରଦେଶ ଦାଦନ ଖଟିବାକୁ ଯାଇଥିବା ପୁଅ ଫେରି ପାରି ନ ଥିବାରୁ ହୋଇ ପାରି ନ ଥିଲା ଅନ୍ତିମ ସତ୍କାର। ଖବର ପାଇ ବଡପୁଅ ବୁଧବାର ସନ୍ଧ୍ୟାରେ ଏଠାରେ ପହଞ୍ଚିବା ପରେ ଗାଁ ମଶାଣିରେ ସତ୍କାର ହୋଇଥିଲା। ଦୁଇ ପୁଅ ଦାଦନ ଖଟି ଯାଇଥିବା ବେଳେ ପୁରନ୍ଦର ଗାଁରେ ଏକାକୀ ରହୁଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିବା ବେଳେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି। ଦୁଇଦିନ ଧରି ମୃତଦେହ ପଡ଼ି ରହିଥିବାରୁ ଗାଁରେ ଅଭାବନୀୟ ସ୍ଥିତ ସୃଷ୍ଟି ହୋଇଥିଲା।

### ୨ମାସ ହେଲା ମିଳିନି ପିଡିଏସ୍ କିରୋସିନ

**ଦେଓଗାଁ,୧୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ହିତାଧିକାରୀମାନେ ୩ମାସ ହେଲା ପିଡିଏସ କିରୋସିନ ପାଇ ନାହାନ୍ତି। ବ୍ଲକର ୨୬ ପଞ୍ଚାୟତକୁ ୨୭ହଜାର ଲିଟର କିରୋସିନ ଆସିଥାଏ । ୨୭ହଜାର ଖାଉଟିଙ୍କୁ ଏକ ଲିଟର ଲେଖାଏ କିରୋସିନ ଦିଆଯାଇଥାଏ। ହେଲେ ୨ମାସ ହେଲା ଯୋଗାଣ ବିଭାଗ ନିଯୁକ୍ତି ଡିଲର କିରୋସିନ ନ ଉଠାଇବାରୁ ତତ୍କାଳୀନ ଉପଜିଲାପାଳ ପଞ୍ଚାୟତ ଅଧିକାରୀମାନେ ତେଲ ଉଠାଇ ହିତାଧିକାରୀଙ୍କୁ ବଣ୍ଟନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨ମାସହେଲା କୌଣସି ପଞ୍ଚାୟତ ଅଧିକାରୀ ତେଲ ଉଠାଇ ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ଯୋଗାଣ ଅଧିକାରୀଙ୍କ କହିବାନୁସାରେ ନିଯୁକ୍ତି ପାଇଥିବା ଡିଲରମାନେ ଟିପ ଦେବା ମେଶିନ ନ କିଣିବାରୁ ବ୍ଲକର ସମସ୍ତ ଡିଲରଙ୍କ ଲାଇସେନ୍ସ ରଦ୍ଦ କରିଦେଇଥିବା ଜଣାପଡିଛି। ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଖାଉଟି ମହଲରେ ଦାବି ହେଉଛି ।

### ମାସେ ବିତିଲା, ମିଳିଲାନି ମଜୁରି

**୨୦ଶ୍ରମିକ ଜାମମୁଣ୍ଡା ବନ୍ଧ ମାଟି ଉନ୍ନତୀକରଣ କରିଥିଲେ**

**ଦେଓଗାଁ,୧୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ବାବିଯୋର ଗ୍ରାମର ଶ୍ରମିକମାନେ ୨୦୨୧-୨୨ ଆର୍ଥିକ ବର୍ଷରେ ଜାମମୁଣ୍ଡା ବନ୍ଧର ମାଟି ଉନ୍ନତୀକରଣ କାମ କରିଥିଲେ । କାମ କରିବାର ୫ ମାସ ବିତିଯାଇଥିଲେ ମଧ ସେମାନଙ୍କୁ ପାରିଶ୍ରମିକ ମିଳି ନ ଥିବା ଗ୍ରାମର ରସିକ ବାଗ, ବିଶ୍ୱାମିତ୍ର ଦୀପ, ଶୁଲ ବାଗ, ବେଦମତୀ ବାଗଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ କହିଛନ୍ତି। ଏନେଇ ଶ୍ରମିକମାନେ ବିଡିଓ ରାମଦତ୍ତ ଭୋଇଙ୍କୁ ଫେରାଦ ହୋଇଥିଲେ। ସାତ ଦିନ ଭିତରେ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ଘରକୁ ଫେରିଥିଲେ। ହେଲେ ଅଭିଯୋଗ କରିବାର ମାସେ ପରେ ବି ଶ୍ରମିକ ମାନେ ଟଙ୍କା ନ ପାଇବାରୁ ପୁଣି ବିଡିଓଙ୍କୁ ଅଭିଯୋଗ କରିବା ପାଇଁ ବୁଧବାର ଆସିଥିଲେ। ହେଲେ ବିଡିଓ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ନିରାଶ ହୋଇ ଫେରିଥିଲେ। ଏ ବିଷୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏପିଓ ସୁଧାଂଶୁ ମେହେରଙ୍କୁ ପଚାରିବାରୁ କଣ ସମସ୍ୟା ରହିଛି ଜିଆରଏସଙ୍କୁ ପଚାରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଶ୍ରମିକ ମହଲରେ ଦାବି ହେଉଛି ।

## ଖଡ଼ିଆଳରେ ହନୁମାନ ପୂଜା

**ଖଡ଼ିଆଳ,୧୨।୧୦(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଜଗନ୍ନାଥ ମନ୍ଦିରରେ ହନୁମାନ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ହନୁମାନ ପୂଜା ଅନୁଷ୍ଠିତ ହେଉଛି। ଭବ୍ୟ ଆୟୋଜନ ସହିତ ପୂଜା ହେଉଥିବା ବେଳେ କର୍ତ୍ତା ଭାବେ ପାର୍ଥ ସାରଥୀ ଖମାରୀ ଏବଂ ସୁସ୍ମିତା ଖମାରୀ ପୂଜା କରୁଛନ୍ତି। ପୂଜକ ଭାବେ ସୁଦର୍ଶନ ଠାକୁର ପୂଜା କରୁଥିବା ବେଳେ ବହୁ ଭକ୍ତଙ୍କ ସମାଗମ ହେଉଛି। ସନ୍ଧ୍ୟାରେ ଭଣ୍ଡାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶ୍ରଦ୍ଧାଳୁ ଭକ୍ତ ଆସି ଭଣ୍ଡାରା ପ୍ରଦାନ ପାଇଁ ଆଗେଇ ଆସୁଥିବା ବେଳେ ହନୁମାନ ପୂଜା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରିଛନ୍ତି। ଖଡ଼ିଆଳଠାରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ହନୁମାନ ପୂଜା ହୋଇ ଆସୁଥିବା ଅନୁମାନ କରାଯାଏ। ପୂଜା କମିଟି ସଭାପତି ବିଗ୍ନରାଜ ମହାନ୍ତି, ସମ୍ପାଦନା ସୂର୍ଯ୍ୟ ନାରାୟଣ ସାହୁ, ଉପସଭାପତି ସନ୍ତୋଷ ବାରିକ ଓ କୋଷାଧ୍ୟକ୍ଷ ହୃଷିକେଶ ସାହୁ ଥିବା ବେଳେ ଅଶୋକ ବାରିକ, ଦେବେଶ ହୋତା, ଲିଙ୍ଗରାଜ ମହାନ୍ତି, ବିଜୟ ବାରିକ, ଅଜୟ ବାରିକ ଓ ରୋହିତ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ଲୋକ ସେବା ଶିବିର



ଶିବତଲାଠାରେ ଆୟୋଜିତ ଲୋକସେବା ଶିବିରରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୧୨।୧୦**

ବଲାଙ୍ଗୀର ପଞ୍ଚାୟତ ସମିତି ଅନ୍ତର୍ଗତ ଶିବତଲା ପଞ୍ଚାୟତସ୍ତରୀୟ ଲୋକ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ସେବା ଓ ସହାୟତା ସମ୍ପର୍କରେ ସଚେତନତା ସୃଷ୍ଟି କରଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପଶୁପାଳନ, ଶ୍ରମ, କୃଷି ଓ ଉଦ୍ୟାନ, ଦକ୍ଷତା ବୃଦ୍ଧି ଓ ତାଲିମ ପ୍ରଦାନ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତ ଓ ପାନୀୟ ଜଳଯୋଗାଣ, ମିଶନ ଶକ୍ତି, ଖାଦ୍ୟ ଓ ବେସାମରିକ ଯୋଗାଣ, ହସ୍ତତନ୍ତ, ଶିକ୍ଷା, ଗ୍ରାମୀଣ ଆବାସ ଯୋଜନା ଆଦି ବିଭାଗର ବ୍ଲକ ତଥା ଜିଲାସ୍ତରୀୟ ପଦାଧିକାରୀ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଯୋଜନା ସମ୍ପର୍କିତ ସୂଚନା ଓ ତଥ୍ୟକୁ ଗୀତ, ନାଟକ, ଲିଫଲେଟ ଜରିଆରେ ପ୍ରଚାର ପ୍ରସାର ତଥା ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶିବିରକୁ ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନ କରିଥିଲେ। ବିଭାଗୀୟ ଷ୍ଟଲ ମାନ ବୁଲି ଦେଖିବା ସହ ବିଭାଗୀୟ କର୍ମକର୍ତ୍ତାଙ୍କୁ ଉତ୍ତମ ସେବା ପ୍ରଦାନ ଉପରେ ପରାମର୍ଶ ଦେଇଥିଲେ। ଶିବିର ଶିବତଲ ସରପଞ୍ଚ ଶୁଭଶାନ୍ତି ମାଝି, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଗ୍ରାମ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିଥିଲେ। ବ୍ଲକ ଉପାଧ୍ୟକ୍ଷାଙ୍କ ସମେତ ବଲାଙ୍ଗୀର ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ସହଯୋଗ କରିଥିଲେ। ବିଡିଓ ପ୍ରୀତମ କୁମାର ତନ୍ତୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ଦାଶ, ବ୍ଲକ କର୍ମଚାରୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ତ୍ରିପାଠୀ, କୃଷ୍ଣଚନ୍ଦ୍ର ବେହେରା, ଉପେନ୍ଦ୍ର ରଣା, ଗ୍ରାମ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ। ଆଗକୁ ମଧ୍ୟ ସମସ୍ତ ଗ୍ରାମ ପଞ୍ଚାୟତସ୍ତରରେ ଲୋକସେବା ଶିବିର ଆୟୋଜନ କରାଯାଇ ଲୋକମାନଙ୍କ ପାଖରେ ବ୍ଲକ ପ୍ରଶାସନ ପହଞ୍ଚିବାକୁ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷା ବାଗ କହିଥିଲେ। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଜିଲାପାଳ ରାଣା ଶିବତଲା ହରଗୌରୀ ମନ୍ଦିରରେ ଚାରା ରୋପଣ କରିଥିଲେ।

## ୫୮ ଦାଦନ ଶ୍ରମିକ ଉଦ୍ଧାର

**ଟିଟିଲାଗଡ/ଲାଠୋର, ୧୨।୧୦ (ଡି.ଏନ. ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓ ଲାଠୋର ଥାନା ଅଞ୍ଚଳରୁ ଚାଲାଣ ହେଉଥିବା ୫୮ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ପରେ ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ବଲାଙ୍ଗୀର ଜିଲା ଦେଓଗାଁ, ମୁରିବାହାଲ ଓ ସୁବର୍ଣ୍ଣପୁର ଜିଲା ତରଭା ଓ ରାମପୁର ଅଞ୍ଚଳର ୪୭ ଦାଦନ ଶ୍ରମିକଙ୍କୁ ତେଲଙ୍ଗନା ପଠାଯିବାର ବ୍ୟବସ୍ଥା କରାଯାଉଥିଲା। ଟିଟିଲାଗଡ଼ ରେଳଷ୍ଟେଶନ ଦେଇ ସେମାନେ ଯାଇଥାନ୍ତେ। କୌଣସି ସୂତ୍ରରୁ ଟିଟିଲାଗଡ଼ ଆଇଆଇସି ରଞ୍ଜନ ବରିହା ଖବର ପାଇ ସମସ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ସେମାନଙ୍କୁ ଚାଲାଣ କରୁଥିବା ୨ଜଣ ଦାଦନ ସରଦାର ଚିତ୍ରସେନ ମାଝି ଓ ଡୋଳାମଣି ସେଠଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରଛି। ସେହିପରି ମଙ୍ଗଳବାର ରାତିରେ ପାଇକମାଳ ଥାନା ସାଲେପାଲି ଗ୍ରାମର ୧୧ଜଣ ଦାଦନ ଶ୍ରମିକଙ୍କୁ ତାମିଲନାଡୁ ଚାଲାଣ କରିବା ପାଇଁ ପିପଲବାହାଲରୁ ଲାଠୋର ରେଳ ଷ୍ଟେସନକୁ ଟାଟା ପିକ୍‌ଅପ (ନଂ ଓଡ଼ି-୧୭-ଡ୍ବ୍ଲୁ-୯୧୯୨) ଯୋଗେ ଅଣାଯାଉଥିଲା। ଖବର ପାଇ ଲାଠୋର ଥାନା ପୋଲିସ ଚଢାଉ କରିଥିଲା। ଚଢାଉ ସମୟରେ ସର୍ଦ୍ଦାର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ସର୍ଦ୍ଦାର ସୁମନ ଭୋଇଙ୍କ ବିରୋଧରେ ଲାଠୋର ଥାନାରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିଲା।

## ଭିନ୍ନକ୍ଷମଙ୍କ ପାଇଁ ନିଯୁକ୍ତି ପ୍ରଚାର କାର୍ଯ୍ୟକ୍ରମ

**ଭବାନୀପାଟଣା,୧୨।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ନିୟୋଜନ କାର୍ଯ୍ୟାଳୟଠାରେ ବୁଧବାର ସାଇଟ ସେଭର୍ସ ଓ ସ୍ଥାନୀୟ ନିୟୋଜନ କାର୍ଯ୍ୟାଳୟ ମିଳିତ ସହଯୋଗରେ ଭିନ୍ନକ୍ଷମମାନଙ୍କ ପାଇଁ ନିଯୁକ୍ତି ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଦ୍ୱାରା ସାଇଟସେଭର୍ସ ପକ୍ଷରୁ ଜିଲାରେ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ପ୍ରଚାର କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ନିଯୁକ୍ତି, ତାଲିମ ଯୋଗାଇ ଦେବା ଓ ସେମାନଙ୍କୁ ଆତ୍ମ ନିର୍ଭର କରାଇବା ବିଷୟରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ଏଥିରେ ଓରମାସ, ଓଏଲଏମ, ଆରଏସି ଇଟିଆଇ, ଏସବିଆଇ, ଆଇଟିଡିଏ ଓ ଭବାନୀପାଟଣା ଓ ଜୁନାଗଡ ବାଣିଜ୍ୟ ସଂଘ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସାଇଟସେଭର୍ସ ପକ୍ଷରୁ ସୁମିତ କରଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା ।

## ପେଞ୍ଚାକ ସିଲାଟ ଚାମ୍ପିୟନଶିପରେ ବଲାଙ୍ଗୀରର କୃତିତ୍ୱ




ପଦକ ଜିତିଥିବା ବଲାଙ୍ଗୀର ଜିଲାର କୃତୀ ଛାତ୍ରୀଛାତ୍ର।

**ବଲାଙ୍ଗୀର ଅଫିସ, ୧୨।୧୦**

ପଞ୍ଚମ ରାଜ୍ୟ ପେଞ୍ଚାକ ଶିଲାଟ ଚାମ୍ପିୟନଶିପ ଝାରସୁଗୁଡ଼ା ଅଡିଟରିଅମ ତଥା ସ୍ପୋର୍ଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗ ଦେଇଥିଲେ। ଓଡ଼ିଶାର ୧୫ଟି ଜିଲାରୁ ପ୍ରାୟ ୩୦୦ ଜଣ ଛାତ୍ରୀଛାତ୍ର ଏହି ମାର୍ଶଲ ଆର୍ଟରେ ଭାଗ ନେଇଥିଲେ। ବଲାଙ୍ଗୀର ଜିଲାର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ମାର୍ଶଲ ଆର୍ଟର ୮ ଜଣ ଛାତ୍ରୀଛାତ୍ର କୋଚ ପ୍ରଶାନ୍ତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଚାମ୍ପିୟନଶିପରେ ଭାଗ ନେଇଥିଲେ। ଦେବାଂଶି ଏବଂ ସ୍ଥିତିପ୍ରଜ୍ଞା ମିଶ୍ର ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପ୍ରିନ୍ସପାତ୍ର, ସୋମ ନାରାୟଣ ଦୀପ ଏବଂ କ୍ରିତିକା ଅଗ୍ରୱାଲ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ଲୋକେଶ୍ୱର ମେହେର, ଖୁସିରାମ ସେଠ ଏବଂ ଧନପତି ମେହେର ବ୍ରୋଞ୍ଜ ପଦକ ହାସଲ କରି ବଲାଙ୍ଗୀର ଜିଲା ପାଇଁ ଗୌରବ ଆଣିଛନ୍ତି।

## ମଣ୍ଟୁ ମେମୋରିଆଲ ଫୁଟ୍‌ବଲ: ଖପ୍ରାଖୋଲ ଚାମ୍ପିୟନ

**ଖପ୍ରାଖୋଲ, ୧୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ମଣ୍ଟୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଧଣ୍ଡାମୁଣ୍ଡା ଓ ଖପ୍ରାଖୋଲ ଦଳ ମଧ୍ୟରେ ହୋଇଥିଲା। ଧଣ୍ଡାମୁଣ୍ଡାକୁ ୨-୧ଗୋଲରେ ପରାସ୍ତ କରି ଖପ୍ରାଖୋଲ ବିଜୟୀ ହୋଇଥିଲା। ସମ୍ମୁଦତ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ଲାଇନରେ ସୁରୁକୁନୁ ସାହୁ, ତରୁଣ ସାହୁ ସହାୟତା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦେବକାନ୍ତ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗନେଇଥିଲେ।

## ଛେଲିଆପାଟ ମହୋତ୍ସବ ଉଦ୍‌ଯାପିତ

**ଲୋଇସିଂହା,୧୨।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ମିନିଷ୍ଟାଡିୟମରେ ଗତ ୪ଦିନ ଧରି ଚାଲିଥିବା ଆଞ୍ଚଳିକ ଛେଲିଆପାଟ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସ ସଭାରେ ବିଚିତ୍ରାନନ୍ଦ ପାତ୍ର ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ଗଣେଶ ସାହୁ, ଉମେଶ ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଛେଲିଆପାଟ ପର୍ଯ୍ୟଟନସ୍ଥଳୀକୁ ରାଜ୍ୟ ପର୍ଯ୍ୟଟନ ତାଲିକାଭୁକ୍ତ କରି ବିକାଶ କରିବା ଭରସୁଜା ମିନି ଷ୍ଟାଡିୟମର ଉନ୍ନତୀକରଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଧାୟକଙ୍କ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସମ୍ମାନୀତ ଅତିଥି ସାହୁ। ଦାବିଗୁଡିକୁ ଖୁବ୍‌ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ସିବିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ନାଟ୍ୟଶ୍ରୀ ନିସାର ଅହମ୍ମଦ ନିସାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ନୂଆ ପେନ୍‌ସନ ନୀତିକୁ ବିରୋଧ, ୧୫ରେ ବ୍ଲକ ଘେରାଉ

**ଟିଟିଲାଗଡ, ୧୨।୧୦(ଡି.ଏନ.ଏ.)**



ବୈଠକରେ ସାମିଲ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା।

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ(ଏନପିଏସ) ପକ୍ଷରୁ ଧବଳେଶ୍ୱର ମହାଦେବ ମନ୍ଦିର ନିକଟରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘ ପକ୍ଷରୁ ପୁରୁଣା ପେନସନ ଦାବି ନେଇ ଆସନ୍ତା ଅକ୍ଟୋବର ୧୫ରେ ବ୍ଲକ ଘେରାଉ ନିଷ୍ପତ୍ତି ହୋଇଥିଲା। ସଂଘ ସରକାରଙ୍କ ନୂତନ ପେନସନ ଯୋଜନାକୁ ବିରୋଧ କର ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ୨୦୦୫ ପରେ ଚାକିରି କରୁଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନସନ ଯୋଜନା ଲାଗୁ ହେବା ଉଚିତ ନୁହେଁ ବୋଲି କହିଥିଲେ। ପୁରୁଣା ପେନସନରୁ ସରକାରୀ କର୍ମଚାରୀଙ୍କୁ ବଞ୍ଚିତ କରି ନୂତନ ପେନସନ ଯୋଜନା ପ୍ରଚଳନ ସରକାରଙ୍କ ଷଡଯନ୍ତ୍ର। ୨୦୦୫ ମସିହା ପରେ ନିଯୁକ୍ତି ହୋଇଥିବା ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ନ ଦେଲେ ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ(ଏନପିଏସ, ଏକ୍ସକ୍ୟାଡର୍, କନିଷ୍ଠ ଶିକ୍ଷକ) ୧୫ ଅକ୍ଟୋବରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିବେ। ଏଥିସହିତ ୨୯ରେ ଜିଲା ରାଲିରେ ଯୋଗଦେବେ ବୋଲି ଏନପିଏସ ଶିକ୍ଷକ ସଂଘ ପକ୍ଷରୁ ସୁଶାନ୍ତ କୁମାର ପଣ୍ଡା, ଗୋପାଳ ସିଂ ସୁନା, ଏକ୍ସକ୍ୟାଡର୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସେବକ ଚରଣ ବେହେରା, ସମ୍ପାଦକ ଥରିନ୍ଦ ବାଗ, କନିଷ୍ଠ ଶିକ୍ଷକ ସଂଘ ସଭାପତି ରଜତ ଛତର, ପ୍ରଦୀପ୍ତ ତ୍ରିପାଠୀ, ହେମକାନ୍ତ ନାଗ, ହରିହର ଶିକା, ଉପେନ୍ଦ୍ର ସାଗର ଏବଂ ବଲାଙ୍ଗୀର ଜିଲା ସଂଘ ତରଫରୁ ଚକାନନ୍ଦ କର୍ଣ୍ଣ, ଅଜିତ ବାରିକ ଏବଂ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଲ ଖୋଲା, ଆସିଲେନି ଶିକ୍ଷକ

ଝାରବନ୍ଧ,୧୨।୧୦(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବିଜାଢ଼ୋଲଠାରେ ଅନୁସୂଚୀତ ଜାତି, ଜନଜାତି ବିଭାଗ ଅଧିନରେ ରହିଥିବା ଉନ୍ନୀତ ସରକାରୀ ହାଇସ୍କୁଲରେ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବୁଧବାର ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲରେ ଛାତ୍ରାବାସ ମଧ୍ୟ ଅଛି। କିନ୍ତୁ ଏଠାରେ ଶିକ୍ଷକ ଅଭାବ ଦେଖାଯାଇଛି। ପ୍ରାଥମିକ ସ୍କୁଲ ସ୍ତରରେ ୩ଜଣ ଏବଂ ହାଇସ୍କୁଲ ସ୍ତରରେ ଜଣେ ଶିକ୍ଷକ ଅଛନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ କିଛି ଶିକ୍ଷକ ମଧ୍ୟ ନିୟମିତ ଠିକ୍‌ଭାବେ ଉପସ୍ଥିତ ନଥିବା ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି ଏବଂ ଏଠାରେ ପଢୁଥିବା ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମୁହଁକୁ ଠେଲି ହୋଇ ଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

ଗତ ଦଶହରା ଛୁଟି ପରେ ୧୧ତାରିଖ ସ୍କୁଲ ଖୋଲାଯାଇଛି। କିନ୍ତୁ ୧୨ତାରିଖ ସୁଦ୍ଧା ସ୍କୁଲକୁ କୌଣସି ଶିକ୍ଷକ ଆସି ନ ଥିବା ଅଭିଭାବକମାନେ ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଥିଲେ। ସ୍କୁଲ କମିଟି ଘଟଣା ନେଇ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ଅବଗତ କରିଥିଲେ।



ସ୍କୁଲରେ ତାଲା ପକାଇ ଅଭିଭାବକମାନେ ପ୍ରତିବାଦ କରୁଛନ୍ତି ।

### ଫାଟକରେ ତାଲା ପକାଇ ପ୍ରତିବାଦ

ଖବର ପାଇ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ପ୍ରଧାନ ସ୍କୁଲରେ ପହଞ୍ଚି ଆନ୍ଦୋଳନରତ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସ୍କୁଲରେ ଅନୁପସ୍ଥିତ ଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ଫାଟକରୁ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କୁ ଅଭିଭାବକମାନେ ନିଜ ଘରକୁ ନେଇ ଯାଇଛନ୍ତି।

# ଆତ୍ମନିର୍ଭର କୃଷକ ଅଭିଯାନର ଶୁଭାରମ୍ଭ



ବରଗଡ଼ରେ ଆତ୍ମନିର୍ଭର କୃଷକ ଅଭିଯାନର ଶୁଭାରମ୍ଭ କରାଯାଉଛି ।

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆତ୍ମନିର୍ଭର କୃଷକ ଅଭିଯାନ ଆରମ୍ଭ ହୋଇଛି। ଉକ୍ତ ଅଭିଯାନ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ସୌମ୍ୟା ବିଭାର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବରଗଡ଼ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଯଶୋଦା ଭଉଣୀ ଉଦ୍ଦେଶ୍ୟ ଜ୍ଞାପନ ସହିତ ଜୈବିକ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଧମନାମୁଣ୍ଡା, ଦେଓଗାଁ, ଦଶମାଇଲ, ଭଟିଗାଁ, ଗୁଏସର ଆଦି ଗ୍ରାମର ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମକୁମାରୀ ପ୍ରବୀଣା, ବି.କେ କୁନ୍ତି, ବିମଳ ଜ୍ୟୋତ୍ସ୍ନା ପଣ୍ଡା, ମମତା ପୁରୋହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**ପଦ୍ମପୁର, ୧୨।୧୦(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅନ୍ତର୍ଗତ ଭେଡ଼ଁରିଆ ଗ୍ରାମର ଜଣେ ନବବଧୂର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତାଙ୍କ ଶାଶୁଘର ଲୋକେ ବୋହୂ ଆତ୍ମହତ୍ୟା କରିଥିବା କହୁଥିବା ବେଳେ ବାପ ଘର ଲୋକେ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପଦ୍ମପୁର ଥାନାରେ ଦଫା ୩୦୨,୩୦୪ ( ବି), ୪୯୮(ଏ), ୩୪ ଓ ୪ ଡିପି ଆକ୍ଟରେ ଏକ ମାମଲା(୨୫୭/୨୨) ରୁଜୁ ହୋଇଛି। ଘଟଣାର ସତ୍ୟସତ୍ୟ ଜାଣିବା ପାଇଁ ଅଧିକ ତଦନ୍ତ କରାଯାଉଛି ବୋଲି ତଦନ୍ତକାରୀ ସବ ଇନ୍ସପେକ୍ଟର ସୌମ୍ୟରଞ୍ଜନ ପାତ୍ର କହିଛନ୍ତି। ମୃତାଙ୍କ ଘର ଝାରବନ୍ଧରେ। ଗତ ଏପ୍ରିଲ ମାସରେ ସେ ଭେଡ଼ଁରିଆର ବିକାଶ ରାଉତଙ୍କୁ ପ୍ରେମ ବିବାହ କରିଥିଲେ। ବୁଧବାର ମହିଳା ଜଣକ ଆତ୍ମହତ୍ୟା କରିଥିବା ନେଇ ଝାରବନ୍ଧସ୍ଥିତ ତାଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ହେଲେ ଏହାକୁ ସେମାନେ ବିଶ୍ୱାସ ନ କରି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### ଅଟୋ ସହ ଗଞ୍ଜେଇ ଜବତ: ୩ ଗିରଫ

**ବୌଦ୍ଧ,୧୨।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ପୋଲିସ ବାଉଁଶୁଣୀ ପୂର୍ତ୍ତବିଭାଗ ବଙ୍ଗଳା ନିକଟରୁ ମଙ୍ଗଳବାର ଏକ ଅଟୋ ସହ ୧୪ କିଲୋ ଗଞ୍ଜେଇ ଜବତ କରିଛନ୍ତି । ଏହି ଘଟଣାରେ ୩ ଜଣକୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, ସାହାଜପାଲ ପଟରୁ ସୋନପୁର ଅଭିମୁଖେ ଗଞ୍ଜେଇ ଚାଲାଣ କରାଯାଉଥିବା ବାଉଁଶୁଣୀ ଥାନା କର୍ମଚାରୀ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ଥାନା ପକ୍ଷରୁ ଏକ ଟିମ୍ ଉକ୍ତ ପୂର୍ତ୍ତବିଭାଗ ବଙ୍ଗଳା ନିକଟରେ ରହି ଗାଡିଗୁଡିକ ଯାଞ୍ଚ କରୁଥିଲେ । ଏହି ସମୟରେ ଏକ ଅଟୋ (ଓଡ଼ି ୧୫-ଏଚ-୯୦୫)କୁ ଅଟକାଇ ଯାଞ୍ଚ କରିଥିଲେ। ଅଟୋରୁ ଏକ ବସ୍ତାରେ ଥିବା ୧୪ କେଜି ଗଞ୍ଜେଇ ସହ ଗାଡିକୁ ଜବତ କରିଥିଲେ । ଅଟୋରେ ଥିବା ସମ୍ବଲପୁର ଜିଲା ଭିଏସଏସ ମାର୍ଗ ସମ୍ବଲପୁରର ଏମଡି.ରସିଦ(୨୬),ପଶ୍ଚିମବଙ୍ଗ ହାୱାଡା ଜିଲା ବଦୱାରୀ ଥାନାର ପିଲଖାନା ମାଛିବଜାରର ଏସକେ ଅମଜାଦ ଓରଫ ରାଜାବାବୁ (୪୨) ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ରୁଗୁଡିଗୋରାର ଚନ୍ଦ୍ର ମହାକୁଡଙ୍କୁ ଗିରଫ କରିଥିଲା । ଏନେଇ ଥାନାରେ ନଂ ୧୧୪/୨୨ରେ ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ବିଜେଡି ତରଫରୁ ବିଜୟରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି

**ପଦ୍ମପୁର, ୧୨।୧୦(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁରର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କୁ ଗାଇସିଲେଟ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଦଳ ପକ୍ଷରୁ ଏକ ଶୋକ ସଭା ତାଲପାଲି ପଞ୍ଚାୟତ ଅଫିସରେ ନାରଦ କୁମାର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ଦିବଂଗତ ବିଧାୟକଙ୍କ ସ୍ମୃତି ଚାରଣ କରିଥିଲେ। ଶୋକସଭାରେ ଗାଇସିଲେଟ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ, ଗୌରୀ ଶଙ୍କର ପ୍ରଧାନ , ପ୍ରମୋଦ ଦେବତା, ଚୈତନ୍ୟ ସାହୁ, ସପ୍ତସିନ୍ଧୁ ବଗର୍ତ୍ତି, ସରୋଜ ଶ୍ରୀଭୂଷଣ ସାହୁ, ବିଣାପାଣୀ ମାଝି, ବୁଲୁ ଦାସ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ତୃତୀୟ ସୋପାନ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ବୁଧବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ତୃତୀୟ ସୋପାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସକାଳ ୭ଟା। ୧୫ମିନିଟ୍‌ରୁ ସମସ୍ତ ଶିଶୁମାନେ ଅଭିଭାବକଙ୍କ ସହିତ ବିଦ୍ୟାଳୟକୁ ଆସିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜୀବନର ଘନିଷ୍ଠତମ ଆଧାରରେ କ୍ରିୟାକଳାପ ବିଷୟବସ୍ତୁ ଉପରେ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଶିଶୁବୋଧ ଶ୍ରେଣୀର କ୍ରିୟାକଳାପରେ ଲୁଣ, ଚିନି ପାଣିରେ ଗୋଳାଇବା ଏବଂଶିଶୁ ପ୍ରାରମ୍ଭ ଶ୍ରେଣୀର କ୍ରିୟାକଳାପରେ ରଙ୍ଗୀନ ଚଷମାରେ ସୂର୍ଯ୍ୟକୁ ଦେଖିବା ରହିଥିଲା । ଶିଶୁ ପ୍ରାରମ୍ଭ ଏବଂ ଶିଶୁବୋଧ ଶ୍ରେଣୀର ସମସ୍ତ ଶିଶୁ, ଅଭିଭାବକ ଏହି କ୍ରିୟାକଳାପରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୬୨ଜଣ ଶିଶୁ ଏବଂ ୬୨ଅଭିଭାବିକା ଯୋଗଦାନ କରିଥିଲେ । ଦିନ ୯ଟା ୩୦ରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଗୁରୁମା ମଞ୍ଜୁଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମରେ ଗୁରୁମା ଓ ପିଲାମାନେ ।

# ଜିଲାପାଳଙ୍କୁ ଫେରାଦ ହେଲେ ସୁରକ୍ଷାକର୍ମୀ

ବରଗଡ଼ ଅଫିସ୍, ୧୨।୧୦

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିନ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ସୁରକ୍ଷାକର୍ମୀମାନେ ବୁଧବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ କାମ କରୁଥିବା ସଂସ୍ଥାର ଚୁକ୍ତିକୁ ପୁନରାବୃତ୍ତି କରିବାକୁ ସୁରକ୍ଷାକର୍ମୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିନରେ ୨୭୫ଜଣ ସୁରକ୍ଷାକର୍ମୀ କାମ କରୁଛନ୍ତି। ଏକ କମ୍ପାନୀର ଚୁକ୍ତିକୁ ଭିତ୍ତି କରି ସେମାନେ ଦରମା ପାଉଛନ୍ତି। କରୋନା ସମୟରେ ଦରମା ପ୍ରଦାନରେ ସମସ୍ୟା ଉପୁଜିବା ପରେ କେତେକ ସୁରକ୍ଷାକର୍ମୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ତେବେ ବର୍ତ୍ତମାନ ସମ୍ପୃକ୍ତ କମ୍ପାନୀ ଠିକ୍‌ଭାବେ ଦରମା ଦେଉଥିବା ଯୋଗୁ ସେମାନଙ୍କ ନିଯୁକ୍ତିରେ କମ୍ପାନୀର ଚୁକ୍ତିକୁ ପୁନରାବୃତ୍ତି କରିବାକୁ ସୁରକ୍ଷାକର୍ମୀମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଶତାଧିକ ସୁରକ୍ଷାକର୍ମୀ ଉପସ୍ଥିତ ଥିଲେ ।




ନିଯୁକ୍ତି ଚୁକ୍ତି ପୁନରାବୃତ୍ତି ପାଇଁ ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଛନ୍ତି ।

# ନିଶାମୁକ୍ତ ସମାଜ ପାଇଁ ଆହ୍ୱାନ



ବରଗଡ଼ ବିଧାୟକ ନିଶାମୁକ୍ତ ଅଭିଯାନର ଶୁଭାରମ୍ଭ କରୁଛନ୍ତି ।

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ପନିକା ସମାଜ ଏବଂ ଛତିଶଗଡ଼ର ଆଧ୍ୟାତ୍ମିକ ସଂସ୍ଥା ସତ୍ୟନିଜନାମ ଆନୁକୂଲ୍ୟରେ ବରଗଡ଼ ସହରରେ ନିଶାମୁକ୍ତ ଅଭିଯାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସତ୍ୟନିଜନାମ ସଂସ୍ଥାର ମୁଖ୍ୟ କବଣ୍ଡୀ ଦାସ, ଗୁରୁମାତା ସତ୍ୟଲୀଳା ଦେବୀ ଉପସ୍ଥିତ ରହି ସମାଜକୁ ନିଶାମୁକ୍ତ କରିବା ପାଇଁ ପ୍ରେରଣା ଦେଇଥିଲେ। ଗୁରୁଜୀ, ଗୁରୁମାଙ୍କୁ ବରଗଡ଼ ସହରବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିରରେ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ବିଧାୟକ ଦେବେଶ ଆଚାର୍ଯ୍ୟ, ସମାଜସେବୀ ପ୍ରୀତମ ସିଂ, ବରିଷ୍ଠ ଆଡ଼ଭୋକେଟ୍ ରବିନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ । ସମାଜକୁ ନିଶାମୁକ୍ତ କରିବା ପାଇଁ ଶୋଭାଯାତ୍ରାରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ସନ୍ଧ୍ୟାରେ ବରଗଡ଼ ମହିଳା ସମିତି କାର୍ଯ୍ୟାଳୟରେ ସ୍ଥାନୀୟ ସିନ୍ଧି ସମାଜ, ଗୁଜରାତି ସମାଜ, ଭଗବାନ ମିଶ୍ର ସ୍ମୃତି କମିଟି ତରଫରୁ ନିଶାମୁକ୍ତ ଅଭିଯାନକୁ ସ୍ୱାଗତ କରାଯାଇଥିଲା । ବରଗଡ଼ ପନିକା ସମାଜର ସଭାପତି ବିଜୟ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପନିକା ସମାଜର ତୁଳସୀ ଦାସ, ମାନୀକ ଦାସ, ଲାଲ ଦାସ, ଦିୱାନ ମହାଜନ ଦାସ, ମହନ୍ତ ଭଗବାନ ଦାସ, ମହେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁପ୍ରିୟା ସ୍ମାରକୀ ଫୁଟବଲ: ରକ୍ସୀ, ଘେଁସ୍ ବିଜୟୀ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ ରକ୍ସୀ ଏବଂ ଘେଁସ୍ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରକ୍ସୀ ଓ ବ୍ରାହ୍ମଣୀପାଲି ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ରକ୍ସୀ ୪-୨ ଗୋଲରେ ବିଜୟୀ ହୋଇଥିଲା । ପଞ୍ଚାନନ ପାତ୍ର, ଦିପେଶ ପ୍ରଧାନ, ଉମାକାନ୍ତ ସାହୁ, ବିଶିକେଶନ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ସେହିପରି ଘେଁସ୍ ଓ ଜୁଲଟ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଉକ୍ତ ମ୍ୟାଚ ନିର୍ଦ୍ଧାରୀତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା । ଏଥିରେ ଘେଁସ୍ ୩-୦ ଗୋଲରେ ବିଜୟୀ ହୋଇଥିଲା। ସୁରେଶ ଦାଶ, ସଞ୍ଜୟ ଦାଶ, ମଣ୍ଟୁ ବାଗ, ନିଲରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ ।

# ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ବରଗଡ଼ ଅଫିସ, ୧୨।୧୦

ବରଗଡ଼ ଶିକ୍ଷା ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ସ୍ଥାନୀୟ ବିଜ୍ଞାନ କେନ୍ଦ୍ର ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧକ୍ଷତା ଓ ପ୍ରଧାନଶିକ୍ଷକ ଡ଼. ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାର୍ଗବ ନାଏକ, ଗୋପୀନାଥ ପ୍ରଧାନ, ପରିତୋଷ ବେହେରା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ନାଟ୍ୟଦଳ ଅଂଶଗ୍ରହଣ କରିଥିଲେ। ବିଚାରକଭାବେ ନାଟ୍ୟକାର ନକୁଳ ବାଦୀ, ଓ ଦିଲ୍ଲୀପ ବେହେରା ଯୋଗଦେଇ ନାଟକଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପ୍ରତିଯୋଗିତାରେ ପାଇକମାଲ ବ୍ଲକର ସରକାରୀ ଏସ. ଏସ. ଡି ନୃସିଂହନାଥ ସ୍କୁଲ ପ୍ରଥମ ପୁରସ୍କାର ପାଇ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲା। ବରଗଡ଼ ବ୍ଲକ ସରସରା ହାଇସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶ୍ରେଷ୍ଠ ଅଭିନେତାଭାବେ ଜର୍ଜ ହାଇସ୍କୁଲ ଛାତ୍ର ଅନୁରାଗ ପଣ୍ଡା, ଶ୍ରେଷ୍ଠ ନିର୍ଦ୍ଦେଶିକା ସରସରା ହାଇସ୍କୁଲ ଶିକ୍ଷୟିତ୍ରୀ ଶୋଭାରାଣୀ ପଧାନ ଓ ଶ୍ରେଷ୍ଠ ନାଟ୍ୟ ଲେଖକ ଭାବେ ଝିଲମିଣ୍ଡା ହାଇସ୍କୁଲ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ନାଟକ ପ୍ରତିଯୋଗିତାର ପ୍ରତିଯୋଗୀ ଓ ଅତିଥିମାନେ।

# କଲେଜ ପରିସର ପରିଷ୍କାର ରଖିବାକୁ ସଂକଳ୍ପ ନେଲେ ଛାତ୍ରୀ

ବରପାଲି, ୧୨।୧୧(ଡି.ଏନ.ଏ.)

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟରେ ନେହେରୁ ଯୁବକେନ୍ଦ୍ର ତରଫରୁ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଯତୀନ୍ଦ୍ର କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ସଂଯୋଜକ ରୋଶନ ଟଣ୍ଡନ, ସମ୍ମାନିତ ଅତିଥି ଟି.କେ. ମିଶ୍ର, ତ୍ରିଲୋଚନ ଶତପଥୀ, ଅଧାପିକା ନିବେଦିତା ବେହେରା,ବନ୍ଦିତା ପ୍ରଧାନ ଯୋଗ ଦେଇଥିଲେ। ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହ କଲେଜ ପରିସର ପରିଷ୍କାର ରଖିବାକୁ ଛାତ୍ରୀମାନେ ସଂକଳ୍ପ ନେଇଥିଲେ। ପରେ ମହାବିଦ୍ୟାଳୟ ପରିସର ସଫେଇ କରାଯାଇଥିଲା।

# ଦ୍ୱିତୀୟ ଦିବସରେ ୭ମ୍ୟାଚ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ସିମେଣ୍ଟନଗର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୧୭ବର୍ଷରୁ କମ୍ ବାଳିକା, ବାଳକ ଆନ୍ତଃସ୍କୁଲ ସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ବୁଧବାର ୭ଟି ମ୍ୟାଚ ହୋଇଥିଲା। ଗାଇସିଲେଟ ଓ ପାଇକମାଲ ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ପାଇକମାଲ ୩-୦ ଗୋଲରେ ବିଜୟୀ ହୋଇଥିଲା। ଭଟଲି ଓ ଅମ୍ବାଭୋନା ବାଳିକା ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ ଭଟଲି ୨-୦ ଗୋଲରେ ବିଜୟୀ ହୋଇଥିଲା। ଝାରବନ୍ଧ ଓ ବିଜେପୁର ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଝାରବନ୍ଧ ୧-୦ ଗୋଲରେ ବିଜୟୀ ହୋଇଥିଲା। ଭଟଲି ଏବଂ ଅମ୍ବାଭୋନା ବାଳକ ଦଳ ମଧ୍ୟରେ ଚତୁର୍ଥ ଲିଗ୍ ମ୍ୟାଚ ହୋଇଥିଲା। ଏଥିରେ ଅମ୍ବାଭୋନା ୩-୧ରେ ବିଜୟୀ ହୋଇଥିଲା। ଝାରବନ୍ଧ ଓ ବିଜେପୁର ବାଳକ ଦଳ ମଧ୍ୟରେ ପଞ୍ଚମ ମ୍ୟାଚ ହୋଇଥିବାବେଳେ ଏଥିରେ ବିଜେପୁର ୪-୧ରେ ବିଜୟୀ ହୋଇଥିଲା। ସେହିପରି ବରଗଡ଼, ଭେଡ଼େନ ବାଳିକା, ବାଳକ ଦଳ ମଧ୍ୟରେ ଅନ୍ୟ ୨ଟି ମ୍ୟାଚ ହୋଇଥିଲା। ଜିଲାର ବିଭିନ୍ନ ସ୍କୁଲରୁ ଆସିଥିବା କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକମାନେ ମ୍ୟାଚ ପରିଚାଳନା କରୁଛନ୍ତି।

### ୧୭ବର୍ଷରୁ କମ୍ ବାଳିକା, ବାଳକ ଆନ୍ତଃସ୍କୁଲସ୍ତରୀୟ ଫୁଟବଲ ପ୍ରତିଯୋଗିତା



ଆନ୍ତଃସ୍କୁଲସ୍ତରୀୟ ଫୁଟବଲରେ ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

# କୃଷି ଅଧିକାରୀଙ୍କୁ ଫେରାଦ ହେଲେ ଚାଷୀ

### ଧାନଚାଷରେ ରୋଗ, କୃଷି କର୍ମଚାରୀଙ୍କ ଦେଖାନାହିଁ

କାମଟିକ୍ରା, ୧୨।୧୦(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ବ୍ଲକରେ ଏବେ ଧାନ ପସଲରେ ରୋଗପୋକର ପ୍ରାଦୁର୍ଭାବ ଦେଖାଯାଇଛି। ନଳୀପୋକ, ମାଟିଆଗୁଣ୍ଡି ପୋକ ସାଙ୍ଗକୁ ପତ୍ରପୋଡା ରୋଗ ଫସଲକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ଏହି ସମୟରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ଚାଷୀ କିଭଳି ରୋଗପୋକରୁ ଫସଲକୁ ବଞ୍ଚାଇବ ଚିନ୍ତାରେ ପଡିଯାଇଛି। ଯେତେ କୀଟନାଶକ ସିଞ୍ଚନ କଲେ ବି ସୁଫଳ ମିଳୁନାହିଁ। ଏପରିସ୍ଥଳେ ସେମାନଙ୍କୁ ପରାମର୍ଶ ଦେବାପାଇଁ କେହି ନାହାନ୍ତି। ବ୍ଲକରେ ୨୦ଜଣ ଗ୍ରାମ କୃଷି କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ହେଲେ ପଞ୍ଚାୟତସ୍ତରରେ ଗ୍ରାମ କୃଷି କର୍ମଚାରୀମାନଙ୍କ ଦେଖା ମିଳୁନାହିଁ। ଚାଷୀମାନେ ଓଡିଶା ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କରଙ୍କ ସମେତ ଦଶରଥ ଭୋଇ, ସୁରେନ୍ଦ୍ର କଠାର, ସୁରେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ବ୍ଲକ ସୂଚନା ଓ ପରାମର୍ଶ କେନ୍ଦ୍ରକୁ ଆସି ଅତିରିକ୍ତ ବ୍ଲକ କୃଷି ଅଧିକାରୀ ମାମିନୀ ଭୋଇଙ୍କୁ ଏ ନେଇ ଫେରାଦ ହୋଇଛନ୍ତି। ଏ ସମ୍ପର୍କରେ ଅଧିକାରୀ ଭୋଇ କହିଛନ୍ତି, ଚାଷୀମାନଙ୍କ ସୁବିଧା ପାଇଁ ପ୍ରତେକ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ କୃଷି କର୍ମଚାରୀମାନେ ଚାଷୀଙ୍କ ଚାଷ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଉଛନ୍ତି।



କୃଷି ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଖଡ଼ିଆଳ,(ଡି.ଏନ.ଏ.): ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ ପକ୍ଷରୁ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୋଷ୍ଠୀଗତ ଅଧିକାର ପ୍ରଦାନ ଦାବି ନେଇ ବନବାସୀ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ବିଧାୟକ ପାଣିଗ୍ରାହୀ ଅଧକ୍ଷତା କରିଥିବା ବେଳେ ହାରାଧର ମେହେର, ମେଘନାଥ ଖରସେଲ, ସୌଦାଗର ସାହୁ, ଘେନୁରାମ ମାଝି ସଭାରେ ଉଦବୋଧନ ଦେଇଥିଲେ। ଏହି ଉପଲକ୍ଷେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଗୋଷ୍ଠୀ ଗତ ଜଙ୍ଗଲ ଅଧିକାର ପ୍ରଦାନ କରବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ହତ୍ୟାକାରୀ ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

ନୂଆପଡ଼ା ଅଫିସ,୧୨।୧୦: ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗମ୍ଭାରୀଗୁଡା ଗ୍ରାମର ନନ୍ଦ ଖର୍ସେଲ ହତ୍ୟା ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଏହି ହତ୍ୟା ଘଟଣାର ଶୁଣାଣି କରି ବାପା ଓ ପୁଅଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୧ ଜାନୁୟାରୀ ୧୬ରେ ଗମ୍ଭାରୀଗୁଡା ଗ୍ରାମର ନନ୍ଦ ଖର୍ସେଲଙ୍କୁ ସେହି ଗାଁର ଅରକ୍ଷିତ ଖର୍ସେଲ ଓ ବାପା ବୈବସ୍ୱତ ଖର୍ସେଲ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାଠ ଫାଳିଆ ଓ ଠେଙ୍ଗାରେ ପିଟି ହତ୍ୟା କରିଥିଲେ। ଏହି ଘଟଣା ନେଇ ସିନାପାଲି ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇ ବିଚାରାଧିନ ଥିଲା। ବୁଧବାର ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ୨୦ଟି ଦସ୍ତାବେଜ ଏବଂ ୧୯ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ବାପପୁଅଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

### ଗାଡ଼ି ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକ ମୃତ

କୋକସରା,୧୨।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗ୍ରାମ ୨୬ ନମ୍ବର ଜାତୀୟ ରାଜପଥ ଏୟାରଟେଲ ଟାୱାର ନିକଟରେ ବୁଧବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ସାଇକେଲ ଚାଳକ ଗୁରୁତର ହୋଇଥିବା ବେଳେ ବୁର୍ଲାକୁ ସ୍ଥାନାନ୍ତର ବେଳେ କେସିଙ୍ଗା ନିକଟରେ ମୃତ୍ୟୁ ଘଟିଛି। ମୃତକ ହେଲେ କୋକସରା ପଞ୍ଚାୟତ ଚିଲିଗୁଡାର ସତ୍ୟନନ୍ଦ ବାଗ (୭୦)। ସତ୍ୟନନ୍ଦ ଏହି ବ୍ଲକର ମୁଟ୍ରାବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ବୁଧବାର ସକାଳେ ଚିଲିଗୁଡାରୁ ସାଇକେଲରେ କୋକସରାକୁ ଆସୁଥିବା ବେଳେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ କୋକସରା ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରୁଥିବା ବେଳେ କେସିଙ୍ଗା ନିକଟରେ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଫେରାର ଗାଡିକୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି କୋକସରା ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

### ଗରମ ଚା ପଡି ଶିଶୁ ଗୁରୁତର

କୋକସରା,୧୨।୧୦(ଡି.ଏନ.ଏ.): ଗରମ ଚା ବସି ପଡିବାରୁ ଶିଶୁ ଗୁରୁତର ହୋଇପଡ଼ିଛି। କଳାହାଣ୍ଡି ଜିଲା କୋକସରା ଗ୍ରାମର କସ୍ତୁରୀ ନଗର ପଡାର ଚତୁର୍ଭୁଜ ପୋଡ଼ଙ୍କ ୪ ବର୍ଷର ଶିଶୁ ପୁଅ ଗୋବିନ୍ଦ ବୁଧବାର ସକାଳେ ଚୁଲିରେ ଥିବା ଗରମ ଚାରେ ଅସାବଧାନତା କାରଣରୁ ବସି ପଡିବାରୁ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାକୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଗରିବ ପରିବାରର ହୋଇଥିବା ଯୋଗୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଯୌତୁକ ନିର୍ଯାତନା, ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ଭବାନୀପାଟଣା,୧୨।୧୦(ସ୍ୱ.ପ୍ର.): ଯୌତୁକ ନିର୍ଯାତନା ସହ ବିଷଦେଇ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ କଳାହାଣ୍ଡି ଜିଲା ଧର୍ମଗଡ ପୋଲିସ ଜଣଙ୍କୁ ଅଟକ ରଖିଛି। ଅଟକ ଯୁବକ ହେଲେ ଲଛିପୁର ଗ୍ରାମର ସହଦେବ ଗୋପାଲ ବୋଲି ଜଣାପଡିଛି। ଅଭିଯୋଗ ଅନୁଯାୟୀ, ୨୦୦୪ରେ ଲଛିପୁରର ସହଦେବ ଅଏଲାଯୋର ଗାଁର ଶାନ୍ତିଲତାଙ୍କୁ ବିବାହ କରିଥିଲେ। ବିବାହ ଦିନଠାରୁ ସେ ଶାନ୍ତିଲତାଙ୍କୁ ଯୌତୁକ ନିର୍ଯାତନା ଦେଇଆସୁଥିଲେ। ଗତ ୪ ତାରିଖରେ ସହଦେବ ସ୍ତ୍ରୀଙ୍କୁ ଯୌତୁକ ପାଇଁ ମାଡ଼ପିଟ କରିବା ସହ ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶାନ୍ତିଲତାଙ୍କୁ ପ୍ରଥମେ ଧର୍ମଗଡ ଡାକ୍ତରଖାନା ପରେ ଭବାନୀପାଟଣା ଓ ଶେଷରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଗତ ୧୦ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଧର୍ମଗଡ ଥାନାରେ ଶାନ୍ତିଲତାଙ୍କ ଭାଇ ନବ କିଶୋର ଭଏସାଲ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ସହଦେବଙ୍କୁ ଅଟକ ରଖିଛି।

# ସାନଟିକ୍ରାଗୁଡ଼ାରେ ଝାଡ଼ାବାନ୍ତି ଆତଙ୍କ

ଭବାନୀପାଟଣା,୧୨।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ପଞ୍ଚାୟତ ନୂଆପଡାରେ ଗତ ୫ ଦିନରେ ଝାଡ଼ାବାନ୍ତିରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ପୁଣି ଝାଡାବାନ୍ତି ରୋଗର ପ୍ରକୋପ ଦେଖିବାକୁ ମିଳିଛି। ବ୍ଲକର କର୍ଲାପାଟ ପଞ୍ଚାୟତ ସାନଟିକ୍ରାଗୁଡାରେ ମଧ ଗତ ୬ ଦିନ ମଧରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୩ ମୃତକ ହେଲେ ସୁନ୍ଦର ରାଏ ମାଝି (୭୨), ସୁନା ମାଝି (୬୦) ଓ ମଙ୍ଗଳ ଦେଇ ମାଝି (୫୦) ବୋଲି ଜଣାପଡିଛି। ସୂଚନା ପାଇ ଡାକ୍ତର ମିଳନ ରାଉତରାୟଙ୍କ ନେତୃତ୍ୱରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ମେଡିକାଲ ଟିମ ସାନଟିକ୍ରାଗୁଡା ଗାଁରେ ପହଞ୍ଚିଛନ୍ତି। ସେଠାରେ ଏହି ଟିମ୍ ସ୍ଥିତି ଅନୁଧ୍ୟାନ କରିବା ସହିତ ଆକ୍ରାନ୍ତମାନଙ୍କୁ ସ୍ୱାସ୍ଥ୍ୟବସ୍ଥା ଦେଖି ଔଷଧ ଦେଇ ଫେରିଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କ ପରାମର୍ଶ ଅନୁସାରେ ଥୁଆମୂଳ ରାମପୁର ବ୍ଲକ ବରିଷ୍ଠ ବିଜେଡି ନେତା ମାଣିକ୍ୟ ଚନ୍ଦ୍ର ନାଏକ ଓ ସ୍ଥାନୀୟ ସରପଞ୍ଚ ବିଶ୍ୱ ମାଝି ପ୍ରଭାବିତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ତେବେ କେଉଁ କାରଣରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି ପ୍ରଶାସନ ତାହାର କାରଣ ଖୋଜୁଛି।


ସାନଟିକ୍ରାଗୁଡା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ୬ ଦିନରେ ୩ ମୃତ, ଅନେକ ଆକ୍ରାନ୍ତ

# ନବୀନଙ୍କ ଜନ୍ମ ଦିବସକୁ ସ୍ମରଣୀୟ କରିବ ବିଜେଡି


ବିଜେଡିର ରକ୍ତ ଦାନ ଶିବିର।

ଭବାନୀପାଟଣା,୧୨।୧୦(ସ୍ୱ.ପ୍ର.)

ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବାକୁ ବିଜେଡି ନିଷ୍ପତ୍ତି ନେଇଛି। ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ କଳାହାଣ୍ଡି ଜିଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସମସ୍ତ ବିଧାନସଭା କ୍ଷେତ୍ରରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏପରିସ୍ଥଳେ ବୁଧବାର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭବାନୀପାଟଣା ବ୍ଲକର ଶଗଡ଼ାଚେର, ଯୁଗସାଏପାଟଣା, ଦୁଆରସୁଣୀ, ତଲବେଲଗାଁ, ରିସଗାଁ, କୁଟ୍ରୁଖାମାର ଓ ମାଲଗାଁ ପଞ୍ଚାୟତକୁ ନେଇ ଓଡ଼ିଶା ମୋ ପରିବାର ଓ ବିଜୁ ଯୁବ ଛାତ୍ର ଜନତା ଦଳର ମିଳିତ ଅନୁକୂଲ୍ୟରେ ଏକ ରକ୍ତଦାନ ଶିବିର ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରଠାରେ ଆୟୋଜିତ ହୋଇଯାଇଛି। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ବିଧାୟକ ଅନାମ ନାଏକ, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାକୁଡ଼, ଜାତୀୟ ହୁସେନ, ଉପସଭାପତି ପ୍ରଦୀପ ମୁଣ୍ଡ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ଜିଲା ସଭାନେତ୍ରୀ ଲଳିତା ନାଏକ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ନାଏକ, ଅଶେଶ୍ୱର ବାଗ, ବଲାଙ୍ଗୀର ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ମୋ ପରିବାର ସଂଯୋଜକ ପ୍ରଦୀପ ଦାସ, ରବି ପଟ୍ଟନାୟକ, ସୁଶୀଲ ନାଏକ, ସମସ୍ତ ପଞ୍ଚାୟତ ସଭାପତି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇବା ସହ ଉତ୍ସାହିତ କରିଥିଲେ।

### ଶିବିରରେ ୭୧ ୟୁନିଟ୍ ରକ୍ତ ସଂଗ୍ରହ

## ଧାନ ଫସଲ ନଷ୍ଟ କଲେ ଗାଁ ମୁହାଁ ହାତୀପଲ

ପଲମ,୧୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଉତ୍ତର ବନଖଣ୍ଡ କେସିଙ୍ଗାରେ ରୁପ୍ରାରୋଡ ସେକ୍ସନ ଗିଗିନା ପଞ୍ଚାୟତସ୍ଥିତ ଭଟାଖମାର, ଶ୍ରୀପୁର ଏବଂ ନାଏକପଡାରେ ହାତୀମାନଙ୍କ ଉପଦ୍ରବ ଦେଖାଦେଇଛି। ହାତିପଲ ଉପଦ୍ରବ ଫଳରେ ୩ଖଣ୍ଡ ଗ୍ରାମର ଚାଷ ଜମିରେ ପଶି ବିଶେଷ ଭାବେ ଧାନ ଫସଲ ନଷ୍ଟ କରିଛନ୍ତି। ମଙ୍ଗଳବାର ସକାଳୁ ଚାଷୀମାନେ ୨ଟି ହାତୀ ଚାଷ ଜମିରେ ଥିବା ଦେଖି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀମାନେ ଆସି ସେଥିରେ ଏକ ଦନ୍ତା ଓ ଗୋଟିଏ ମାଈ ହାତୀ ଥିବା ସୂଚନା ଦେଇଥିଲେ। ଚତୁଃପାର୍ଶ୍ୱରେ ହାତୀ ଘଉଡାଇବା ପାଇଁ ଲୋକଙ୍କ ଭିଡ ଲାଗି ରହିବା ଯୋଗୁ ହାତୀ ଘଉଡାଇବାରେ ବିଶେଷ ଅସୁବିଧା ହୋଇଥିଲା। ହେଲେ ରୁପ୍ରାରୋଡ ଫରେଷ୍ଟର ବିଶ୍ୱଜିତ ଠାକୁର ଓ ତାଙ୍କର ସଦଳବଳ ସନ୍ଧ୍ୟା ପର୍ଯ୍ୟନ୍ତ ଉପସ୍ଥିତ ରହି ହାତୀପଲ ଘଉଡାଇବା ଜାରି ରଖିଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ୬୪ ବାଟାଲିୟନ ସିଆର୍‌ପିଏଫ୍‌ପକ୍ଷରୁସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ଥାନରେ ସଫେଇ କରାଯାଇଛି। ଇନିସ୍ପେକ୍ଟର ହରି ପ୍ରସାଦଙ୍କ ନେତୃତ୍ୱରେ ସ୍ଥାନୀୟ ବଜାର ପଡିଆ, ଦୁର୍ଗାମଣ୍ଡପ, ହନୁମାନ ଛକ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତାରିଣୀ ମନ୍ଦିର ଛକ ପ୍ରଭୃତି ଅଞ୍ଚଳରେ ସିଆର୍‌ପିଏଫ୍ ଯବାନମାନେ ସଫେଇ କରିଥିଲେ। ୬୪ ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସର୍ବଦା ନିଜ ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନ ରଖି ସ୍ୱଚ୍ଛତା ବଜାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେଗାଁ ୬୪ ବାଟାଲିୟନ ସିଆର୍‌ପିଏଫ୍ ୩୦ରୁ ଉର୍ଦ୍ଧ୍ୱ ଯବାନ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଲିକୁନ


@ ପ୍ରତାପ


@ ମନୋଜ


@ ଶୁଭ୍ରାଂଶୁ


@ ସୁମନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେବୀ ଦଣ୍ଡପଟିଆଣୀ ଦେବୀଙ୍କ ବାର୍ଷିକ ଦଶହରା

କୋକସରା,୧୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁଫଗାଁ ପଞ୍ଚାୟତ ଫୁଫଗାଁରେ ଦେବୀ ଦଣ୍ଡପାଟିଆଣୀ ଦେବୀଙ୍କ ବାର୍ଷିକ ଦଶହରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅପରାହ୍ନ ୪ ଘଣ୍ଟାରେ ଲାଠି ସ୍ୱାଗତ ଓ ସନ୍ଧ୍ୟାରେ ଦେବୀଙ୍କ ଲାଠିଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ନିଳାମ୍ବର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଫୁଫଗାଁ ସରପଞ୍ଚ ଗଜାନନ ପୁଝାରି, ସାମାଜିକ କର୍ମୀ ପ୍ରଣବ କୁମାର ବେହେରା, ସାମାଜିକ କର୍ମୀ ବଣ୍ଟି ଅଗ୍ରୱାଲ ଯୋଗଦେଇ ମଞ୍ଚ ଉଦଘାଟନ କରିବା ସହ ଦଶହରା ପର୍ବର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ରେକର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶହରା ପୂଜା କମିଟି ସମ୍ପାଦକ ମୌସୁମି କାନ୍ତ ପଟେଲ, କାଶୀନାଥ ପୂଝାରୀ, ବୈକୁଣ୍ଠ ଜାଲ, ହେମନ୍ତ ଜାଲ, ମନୁରାଜ ପଟେଲ, ଶିବରାମ ନାଏକ, ଗୋବିନ୍ଦ ଶବର, ପ୍ରଫୁଲ୍ଲାଲ ପଟେଲ, ଖଗେଶ୍ୱର ପୂଝାରୀ, ଶରତ ପୂଝାରୀ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।


ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଆଲମାରୀ ଖୋଲି ଯାଞ୍ଚ କଲା ଶିକ୍ଷା ବିଭାଗ

ଭବାନୀପାଟଣା,୧୨।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ୧୭୧ଜଣ ଏକ୍ସକେଡ଼ର ଶିକ୍ଷକଙ୍କ ଗୋଟିଏ ମାସର ଦରମା ୩୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜାଲିଆତି କରି ଆକାଉଣ୍ଟାଣ୍ଟ ସୁଚିସ୍ମିତା ସୁଆର ଫେରାର ମାରିଛନ୍ତି। ଏ ନେଇ ଏକ୍ସକେଡ଼ର ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ କରିଛି ଜିଲା ଶିକ୍ଷା ବିଭାଗ। ଘଟଣା ନେଇ ନିଜଆଡୁ ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ଅବସରପ୍ରାପ୍ତ ତତ୍କାଳୀନ ବିଇଓ ଜଗନ୍ନାଥ ପୁରୋହିତ, କାର୍ଯ୍ୟରତ ବିଇଓ ଠାକୁର ଚନ୍ଦ୍ର ସାହୁ, ବିଆରସିସି ଜୟକୁମାର ମାଝିଙ୍କୁ ଜେରା କରିଛି। ସେପଟେ ଜଣେ ମାଜିଷ୍ଟ୍ରେଟ ଓ ଭିଜିଲାନ୍ସ ବିଭାଗ ସମେତ ବିଇଓ କାର୍ଯ୍ୟାଳୟ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ସୁଚିସ୍ମିତାଙ୍କ ଚେମ୍ବରରେ ଥିବା ଦୁଇଟି ଆଲମାରୀ ଖୋଲିଛି ଶିକ୍ଷା ବିଭାଗ। ଆଲମାରୀରେ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିବା ବେଳେ ପ୍ରତ୍ୟେକ ଦସ୍ତାବେଜ ଯାଞ୍ଚ କରୁଛି ଶିକ୍ଷା ବିଭାଗ। ଏପଟେ ଆଲମାରୀରେ ଅନେକ ବ୍ୟାଙ୍କ ସମ୍ପର୍କିତ କାଗଜପତ୍ର ରହିଥିବା ବେଳେ ବିଭିନ୍ନ ସମୟରେ ସରକାରୀ ଆକାଉଣ୍ଟରୁ ନିଜ ବ୍ୟକ୍ତିଗତ ଆକାଉଣ୍ଟ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର କରିଥିବା କାଗଜପତ୍ର ମଧ ଆଲମାରୀରୁ ମିଳିଥିବା ଜଣାପଡିଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ସୁଚିସ୍ମିତା ସୁଆରଙ୍କ ବିରୋଧରେ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗର ୫ ଦିନ ବିତି ଯାଇଥିଲେ ମଧ ପୋଲିସ ସୁଚିସ୍ମିତାକୁ ଧରିବାରେ ବିଫଳ ରହିଛି। ଏହାକୁ ନେଇ ଏବେ ଅନିଶ୍ଚିତତା ମଧରେ ୧୭୧ଜଣ ଏକ୍ସକେଡ଼ର ଶିକ୍ଷକ। ସୁଚିସ୍ମିତା ଗିରଫ ହେଲେ ହିଁ ଅନେକ ଗୋଡିଏ ତଥ୍ୟ ସାମ୍ନାକୁ ଆସିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ଦାବି କରିଛି।

### ମହିଳା ଆକାଉଣ୍ଟାଣ୍ଟ ୩୯ ଲକ୍ଷ ହଡ଼ପ କରି ଫେରାର ଘଟଣା

# ଜିଲାସ୍ତରୀୟ ବିଜ୍ଞାନ ସେମିନାର, ନାଟକ ପ୍ରତିଯୋଗିତା

ନୂଆପଡ଼ା ଅଫିସ,୧୨।୧୦

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବୁଧବାର ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ବିଜ୍ଞାନ ସେମିନାର ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଅଧିକାରୀ ଗିରିଧାରି ସା, ବିଜ୍ଞାନ ସାଧନା କେନ୍ଦ୍ର ସମ୍ପାଦକ ରାଧେଶ୍ୟାମ ସାହା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଅନ୍ତର୍ନିବେଶୀ ସଂଯୋଜକ ହେମନ୍ତ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ଜିଲାର ୫ଟି ବ୍ଲକର ବିଜ୍ଞାନ ସେମିନାରରେ ୫ଜଣ ଓ ନାଟକ ପ୍ରତିଯୋଗିତାରେ ୫ଟି ଦଳ ଭାଗ ନେଇଥିଲେ। ବିଜ୍ଞାନ ସେମିନାରରେ ଆଦର୍ଶ ବିଦ୍ୟାଳୟ ନେଗିପାଲି ଛାତ୍ରୀ ଐଶ୍ୱର୍ଯ୍ୟ ପାଣ୍ଡେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ନାଟକ ପ୍ରତିଯୋଗିତାରେ ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଦଳ ପ୍ରଥମ ସ୍ଥାନ ଅଧିକାର କରି କନ୍ଧମାଳଠାରେ ହେବକୁ ଥିବା ଜୋନାଲସ୍ତରୀର ପ୍ରତିଯୋଗିତାରେ ଭାଗ ଲାଗି ମନୋନୀତ ହୋଇଛି। ଧରମବନ୍ଧା ମହା ବିଦ୍ୟାଳୟ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ମାହାମାୟା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟାପକ ମଣିରାଜ ସାହୁ ବିଚାରକ କାର୍ଯ୍ୟ ତୁଲାଇ ଥିବା ବେଳେ ନାଟକ ପ୍ରତିଯୋଗିତାରେ ନ୍ୟାଶନାଲ ମହାବିଦ୍ୟାଳୟ ଅଧ୍ୟାପକ କପିଳଦେବ ପାଣିଗ୍ରାହୀ ଏବଂ ପିଡି ଷ୍ଟେନୋଗ୍ରାଫର ଅମୀୟ ଦାସ ବିଚାରକ ଭାବେ ଯୋଗଦେଇ ଚୟନ କରିଛନ୍ତି। ଶଙ୍ଖଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ସୁଶାନ୍ତ ଯୋଶୀ, ପ୍ରଦୀପ କୁମାର ଭୋଇ, ଚନ୍ଦ୍ର କୁମାର ସାହୁ, କିଶୋର କୁମାର ପରିଡା, ଶ୍ୟାମଲାଲ ପ୍ରଧାନ, ଅଶୋକ ବେହେରା, ସନ୍ତୋଷ କୁମାର ପାଣ୍ଡେ, ଶୁକ୍ରୁ ବାଗ, ଅନିତା ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୧୩ ଅକ୍ଟୋବର, ୨୦୨୨

**ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା**

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଛକ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ୧୦ମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସୁଶାନ୍ତ ବାଘ, ଦୁର୍ଯ୍ୟୋଧନ ପ୍ରଧାନ ଯୋଗ ଦେଇଥିଲେ । ସମ୍ବଲପୁର ଜିଲାର କୃଷ୍ଣଗୁରୁମଣ୍ଡଳୀ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା । ପ୍ରତ୍ୟହ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।



## ସଂକ୍ଷେପରେ

### ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଜିଲାପାଳଙ୍କ ଗୁରୁତ୍ୱ

**ନନ୍ଦନବନ ପ୍ରକଳ୍ପ କାର୍ଯ୍ୟ**

ବୌଦ୍ଧ,୧୨।୧୦(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ନିର୍ମାଣାଧୀନ ନନ୍ଦନବନ ପ୍ରକଳ୍ପର ଅଗ୍ରଗତି ନେଇ ବୁଧବାର ଦିନ ଜିଲାପାଳ ସତ୍ୟରଞ୍ଜନ ସାହୁ ସମୀକ୍ଷା କରିଛନ୍ତି । ଜିଲାପାଳ ସାହୁ ପ୍ରକଳ୍ପର କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ । ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ନିକଟରେ ହେବାକୁ ଥିବା ଏହି ପ୍ରକଳ୍ପ ଆଗାମୀ ୧୫ ବର୍ଷ ମଧ୍ୟରେ ଏକ ବୃହତ ପ୍ରକଳ୍ପ ହେବା ନେଇ ଲକ୍ଷ୍ୟ ରଖାଯାଇଛି । ସରକାର ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୪ କୋଟି ଅନୁଦାନ ଯୋଗାଇଛନ୍ତି । ଏହାକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ଉପରେ ଜିଲାପାଳ ସାହୁ ଗୁରୁତ୍ୱ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା,ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଦୁଇ ଛାତ୍ର ଜାତୀୟ ତୀରନ୍ଦାଜରେ ଭାଗ ନେବେ

ବୌଦ୍ଧ,୧୨।୧୦(ସ୍ୱ.ପ୍ର.): ନୂଆଦିଲ୍ଲୀର ଗୁରଗାଁଠାରେ ଅନୁଷ୍ଠିତ ହେବାକୁ ଥିବା ୫୧ତମ କେନ୍ଦ୍ରୀୟ ବିଦ୍ୟାଳୟ ସ୍ତରୀୟ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଓଡିଶା ପକ୍ଷରୁ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ୧୭ ବର୍ଷରୁ କମ ବାଳିକା ବିଭାଗରେ କ୍ରିଷ୍ଣାମୟୀ ମହାଖୁଡ ଓ ୧୭ ବର୍ଷ କମ ବାଳକ ବିଭାଗରେ ସୁରଜ କୁମାର ମେହେର ପ୍ରତିନିଧିତ୍ୱ କରିବେ। ବୁଧବାର ବିଦ୍ୟାଳୟ ପରିସରରେ ଅଧକ୍ଷା ରାଜଲକ୍ଷ୍ମୀ ବିଶ୍ୱାଳ, ଶିକ୍ଷକ ମନୋଜ ପଶାୟତ, ଶିକ୍ଷୟିତ୍ରୀ ଶାନ୍ତି ଭୋଇ ଓ ଛାତ୍ରୀଛାତ୍ରମାନେ ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସଫଳତା ପାଇ ଶୁଭ କାମନା କରିଥିଲେ । ଉଭୟ ପ୍ରତିଯୋଗୀଙ୍କୁ ତୀରନ୍ଦାଜ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ଓ ସୁଧାନ୍ୟ .ପ୍ରଧାନ ପ୍ରଶିକ୍ଷଣ ଦେଉଛନ୍ତି।

### ସ୍ୱଚ୍ଛ ଭାରତ ଅଭିଯାନ: ୬୦ଛାତ୍ରୀଙ୍କ ଅଂଶଗ୍ରହଣ

ବରଗଡ଼ ଅଫିସ୍/ବରପାଲି,୧୨।୧୦: ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ଯୁବକେନ୍ଦ୍ର ସହିତ ଅନୁବନ୍ଧିତ ୟୁଥ୍ କ୍ଲବ ଏବଂ ଜାତୀୟ ସେବା ଯୋଜନା ଅନୁବନ୍ଧିତ ଅନୁଷ୍ଠାନ ଆନୁକୂଲ୍ୟରେ ଏହି ଅଭିଯାନ ଚାଲିଛି। ବୁଧବାର ବରପାଲିରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଯୁବକେନ୍ଦ୍ର ମୁଖ୍ୟ ଜି. ରୋଶନ ଟଣ୍ଡନ, ଉପଦେଷ୍ଟା କମିଟିର ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କ ସମେତ କଲେଜ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ। ୬୦ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀ ମୁନା ନାଏକ, ତୁଲସୀରାମ ବରିହା, କ୍ଷୀରସିନ୍ଧୁ ଭୋଇ ସହଯୋଗ କରିଥିଲେ।

# ଖଣ୍ଡହତାରେ ଗଜଲକ୍ଷ୍ମୀ ପୂଜା

ଅମରପାଲି,୧୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇପଡିଛି। ଚଳିତବର୍ଷ ଏଠାକାର ଗଜଲକ୍ଷ୍ମୀ ପୂଜା ୧୪ ବର୍ଷରେ ପହଞ୍ଚିଛି। ଦୁଇ ବର୍ଷ ହେଲା କରୋନା ପାଇଁ ପୂଜାରେ କଟକଣା ଥିଲା। ଚଳିତବର୍ଷ କଟକଣା ହଟିଥିବାରୁ ଖଣ୍ଡହତା ଗ୍ରାମବାସୀଙ୍କ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଖୁବ ଜାକଜମକରେ ପାଳନ କରାଯାଉଛି।

ଏଥିପାଇଁ ସୁନ୍ଦର ସାଜସଜ୍ଜା କରାଯାଇଛି। ଆକର୍ଷଣୀୟ ମେଢ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି । ସକାଳ ବେଳା ଗ୍ରାମର ପ୍ରାୟ ଶତାଧିକ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ପୂଜାରେ ଅଂଶଗ୍ରହଣ କରୁଛନ୍ତି। ପୂଜକ ବଳରାମ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ମଧୁସୂଦନ ମହାକୁର ଓ ତାଙ୍କ ସ୍ତ୍ରୀ କୁନ୍ତୀ ମହାକୁର କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି। ପୂଜା କମିଟିର ସଭାପତି ରୁଦ୍ର ପ୍ରକାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜାରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସନ୍ଧ୍ୟା ଆଳତି ସହିତ ମା'ଲକ୍ଷ୍ମୀଙ୍କ ଦର୍ଶନ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟ ସଜାଗ ରହିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ



ଖଣ୍ଡହତାରେ ମା'ଗଜଲକ୍ଷ୍ମୀଙ୍କ ମେଢ।

**ଜଳନ୍ଧର ବଧ ଦେଖିବାକୁ ପ୍ରବଳ ଭିଡ**

ମୁକ୍ତାକାଶ ରଙ୍ଗମଞ୍ଚରେ ଜଳନ୍ଧର ବଧର ନାଟ୍ୟାଭିନୟ କ୍ରମାନୁସାରେ ପରିବେଷଣ କରାଯାଉଛି। ଏହା ଦେଖିବା ପାଇଁ ପ୍ରବଳ ଭିଡ ହେଉଛି। ରଙ୍ଗମଞ୍ଚରେ ବିଭିନ୍ନ ରାଜନୈତିକ ଦଳର ନେତା, ପ୍ରଶାସକ,ସାମାଜିକ କର୍ମୀ ଓ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ରହିବା ଦେଖିବାକୁ ମିଳୁଛି। ଲୋକନୃତ୍ୟ, ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ ଆଦି ପରିବେଷଣ କରାଯାଉଛି। ଯାହାକି ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖୁଛି। ବୀରମହାରାଜପୁର ଅଞ୍ଚଳରେ ଖଣ୍ଡହତା ବ୍ୟତୀତ ବହଳପଦର,ସୁବଲୟା, କମଳପୁର, ବାଗମାରୀ, ମୁର୍ଛୁଣ୍ଡି, ବୀରମହାରାଜପୁର ବସଷ୍ଟାଣ୍ଡ,ଜନକପୁର ଆଦି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆଡମ୍ବର ସହିତ ପାଳନ କରାଯାଉଛି।

# ଜଉଁରାଭଉଁରା ସେମିଫାଇନାଲରେ



ବିଜୟୀ ଜଉଁରାଭଉଁରା ଦଳ।

ଅମରପାଲି,୧୨।୧୦(ଡି.ଏନ.ଏ.)

**ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ରେ ହେଉଥିବା ୧୫ତମ ଶହୀଦ ବିଭିଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ତିନୋଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ଜଗନ୍ନାଥ ସ୍ପୋର୍ଟିଂ ଡିଡିମାଲ ଓ କଳାପଥର ମଧ୍ୟରେ ହୋଇଥିଲା। ଡିଡିମାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ କଳାପଥର ଦଳ ୭.୩ ଓଭରରେ ୬ ଉଇକେଟ ହରାଇ ୧୦୯ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଜଉଁରାଭଉଁରା ଓ ଭୀମ ସ୍ପୋର୍ଟିଂ ସୋନପୁର ମଧ୍ୟରେ ହୋଇଥିଲା। ଜଉଁରାଭଉଁରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୭ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା କଳାପଥର ଏବଂ ଦ୍ୱିତୀୟ ମ୍ୟାଚର ବିଜେତା ଜଉଁରାଭଉଁରା ମଧ୍ୟରେ ଦ୍ୱିତୀୟ କ୍ୱାଟର ଫାଇନାଲ ହୋଇଥିଲା। ଏଥିରେ କଳାପଥର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୫ ଉଇକେଟ ହରାଇ ୧୬ରନ କରିଥିବା ବେଳେ ଜଉଁରାଭଉଁରା ଦଳ କୌଣସି ଉଇକେଟ ନ ହରାଇ ୧୮ରନ କରି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ପ୍ରଫୁଲ୍ଲ ବେହେରା, ଅରବିନ୍ଦ ବେହେରା, ହିମାଂଶୁ ବେହେରା ଓ ଶିବ ପଧାନ ଅମ୍ପାୟାର, ସୁବ୍ରତ ବେହେରା ଓ ହେମନ୍ତ ବେହେରା ସ୍କୋରିଂ ଏବଂ ବବୁଲ ଓ କୁମାର ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଧାନ ଫସଲ ନଷ୍ଟ କରୁଛନ୍ତି ବାର୍‌ହା

ଅମରପାଲି,୧୨।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଗୁଦଗୁଦା ଗ୍ରାମର ଚାଷ ଜମିରେ ବାର୍‌ହା ପଲ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଫଳରେ ଚାଷୀ ମହଲରେ ଭାଳେଣି ପଡିଯାଇଛି। ସାଧାରଣତଃ ଏହି ଅଞ୍ଚଳରେ କେବେ ଅନାବୃଷ୍ଟି ତ କେବେ ରୋଗପୋକ ଯୋଗୁ ଧାନଚାଷ ନଷ୍ଟ ହୋଇଥାଏ। ଚଳିତବର୍ଷ ଆବଶ୍ୟକତା ଅନୁଯାୟୀ ବର୍ଷା ହୋଇଥିବା ରୁ ଭଲ ଫସଲ ହୋଇଛି। ଏବେ ଯମୁନା,ସିଲ୍କି,ହଜାରେ ଏକ ଆଦି ଛୋଟ ଧାନ ଅମଳ ହେବାକୁ ହେଲାଣି। ଏଭଳି ପରିସ୍ଥିତିରେ ଜଙ୍ଗଲକୁ ଲାଗି ରହିଥିବା ଚାଷ ଜମିରେ ପଲ ପଲ ବାର୍‌ହା ପଶି ଫସଲକୁ ଦଳି ଚକଟି ନଷ୍ଟ କରି ଦେବା ଚିନ୍ତାର ବିଷୟ ହୋଇଛି। ଗୁଦଗୁଦାରେ ଚାଷ କରିଥିବା ଅମରପାଲି ଗ୍ରାମର ତନ୍ମୟ ପତି ଏବ ଗୁଦଗୁଦା ଗ୍ରାମର ଲିଙ୍ଗ ପୁଟା ଓ ଗୋପାଳ ପୁଟାଙ୍କ ଅମଳ ହେବାକୁ ଥିବା ପ୍ରାୟ ୩ ଏକର ଜମିର ଧାନ ଫସଲ ବାରହା ନଷ୍ଟ କରି ଦେଇଥିବା ଜଣାଯାଇଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ଉକ୍ତ ଚାଷଜମିକୁ ଲାଗି ରହିଥିବା ଜଙ୍ଗଲରେ ବାରହା ସଂଖ୍ୟା ବଢି ଚାଲିଛି। ଫଳରେ ଅଧିକାଂଶ ସମୟରେ ବାରହା ଧାନ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ବାରହା ଘଉଡେଇବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।



### ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ, ଜରିମାନା

**ଗଞ୍ଜେଇ ଚୋରାଚାଲାଣ ମାମଲା**

ସୋନପୁର,୧୨।୧୦(ନି.ପ୍ର)

ସୁବର୍ଣ୍ଣପୁରର ଅତିରିକ୍ତ ଜିଲା ଦୌରାଜଜ୍ ପୂର୍ଣ୍ଣିମା ଜେନା ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାର କରି ବୁଧବାର ୨ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଅନୁଗୋଳ ଜିଲା ହଣ୍ଡପା ଅଞ୍ଚଳର ଅଲି ଓରଫ ଅଜୟ ଅମାତ ଓ ସୋନପୁର ସହର ପଟାଭାଡି ଅଞ୍ଚଳର ପ୍ରାଣବନ୍ଧୁ ଓରଫ ମୁନା ମିଶ୍ରଙ୍କୁ ବିଚାରପତି ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିଭଳି ୧ ଲକ୍ଷ ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଉଭୟଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ପାଇଁ ରାୟ ପ୍ରକାଶ ପାଇଛି। ୨୦୧୩ ଅଗଷ୍ଟ ୨୮ରେ ବିନିକା ପୋଲିସ ସ୍ଥାନୀୟ ନୂଆବଜାର ନିକଟରେ ଏକ କାରରୁ ୧୦୬ କିଲୋ ୬୩୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ଅଜୟ ଓ ମୁନାଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ବୌଦ୍ଧ ଜିଲା ମନମୁଣ୍ଡା ଥାନା ପରା ଗ୍ରାମର ସୁଶାନ୍ତ ପ୍ରଧାନ ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ସମୟରେ ସୁଶାନ୍ତ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ କୋର୍ଟରେ ସରେଣ୍ଡର କରିଥିଲେ। ଏହି ମାମଲା କୋର୍ଟରେ ବିଚାରଧୀନ ଥିଲା। ପୋଲିସର ତଦନ୍ତ ରିପୋର୍ଟ, ଆବଶ୍ୟକ କାଗଜପତ୍ର ଓ ୧୭ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ବିଚାରପତି ଅଭିଯୁକ୍ତ ଅଜୟ ଓ ମୁନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ସୁଶାନ୍ତଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରକାଶ ଚନ୍ଦ୍ର ମିଶ୍ର ମାମଲା ପରିଚାଳନା କରୁଥିଲେ। ସେହିପରି ଅଭିଯୁକ୍ତ ସୁଶାନ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ଅଗ୍ରୱାଲା ମାମଲା ପରିଚାଳନା କରୁଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ଲିକୁନ



@ ପ୍ରତାପ



@ ମନୋଜ



@ ଶୁଭ୍ରାଂଶୁ



@ ସୁମନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ୪୯୦ ଜଣ ମନୋନୀତ

ଅମରପାଲି,୧୨।୧୦(ଡି.ଏନ.ଏ.)

**ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ କଲ୍ୟାଣମଣ୍ଡପଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ,ସୁବର୍ଣ୍ଣପୁର ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଶିବିରକୁ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକଉପାଧ୍ୟକ୍ଷ ନାରାୟଣ ଲୁହା, ଡିଏସଏସଓ ଗୋବିନ୍ଦ ବଲ୍ଲଭ ସୋରେଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୯୦ ଜଣ ଶ୍ରବଣ ବାଧିତ, ୮୦ଜଣ ମାନସିକ ରୋଗୀ, ୨୦୫ ଜଣ ଶାରୀରିକ ବିକଳାଙ୍ଗ, ୫୫ ଜଣ ଦୃଷ୍ଟିବାଧିତ, ୩୫ ଜଣ ଶିଶୁରୋଗୀ, ୨୫ ଜଣ ରକ୍ତହୀନତା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ୬୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପରୀକ୍ଷା କରାଯାଇଥିବା ବେଳେ ୪୯୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମନୋନୀତ କରାଯାଇଥିଲା। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅଞ୍ଜୁଲତା ମିଶ୍ର ପରିଚାଳନା କରିଥିଲେ। ପିଏ ଶିବାନୀ ମିଶ୍ର ଏଥିରେ ସହଯୋଗ କରିଥିଲେ। ଜିଲାର ବରିଷ୍ଠ ଡାକ୍ତରଙ୍କ ସହିତ ଓଏଚ କୁମୁଦ ବଲ୍ଲଭ ସାହୁ,ଡା. ସଞ୍ଜୀବ କୁମାର କର,ଡା. ଟିଙ୍କିନା ବେହେରା,ଡା. ସରୋଜ କୁମାର ପାଣିଗ୍ରାହୀ , ଅଭିଳାଷ ନାଏକ, ଡିଡିଏଚର ଆର.ଏନ.ପଣ୍ଡା, ଡିଡିଏଚ ସୋନପୁରର ଡା.ନରେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ପରୀକ୍ଷା କରି ଭିନ୍ନକ୍ଷମ ଚିହ୍ନଟ କରିଥିଲେ।

# ମହିଳା ଫିଫା ବିଶ୍ୱକପ ପାଇଁ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ

ସୋନପୁର,୧୨।୧୦(ନି.ପ୍ର)

ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି ବିଶ୍ୱକପ୍‌ର ୭ମ ସଂସ୍କରଣ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ସୋନପୁର ରୟାଲ ପଡିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟରେ ୬ ଗୋଟି ବ୍ଲକରୁ ୧୭ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ ୨ଟି ଲେଖାଏ ମୋଟ ୧୨ଟି ଦଳ ଭାଗ ନେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ।



ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ।

ଏହି ଫୁଟବଲ ଟୁର୍ନାମେଣ୍ଟ ଝିଅମାନଙ୍କ ନିମନ୍ତେ କ୍ୟାରିୟର ଗଠନ କରିବା ପାଇଁ ଏକ ସୁଯୋଗ ସୃଷ୍ଟି କରିବ ବୋଲି ଜିଲାପାଳ ମତପ୍ରକାଶ କରିଥିଲେ। କ୍ରୀଡା ଦ୍ୱାରା ଜଣେ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ସହ ଦେଶ ବିକାଶରେ ସହାୟକ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମ୍ବଲପୁରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ, ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ଅତିରିକ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବାଙ୍କିପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜିବ୍ ସାହୁ। ଏହି ଅବସରରେ ରାଜ୍ୟ ସରକାରଙ୍କ ଫୁଟବଲ ଫର ଅଲ ଯୋଜନାରେ ପ୍ରଦତ୍ତ ଫୁଟବଲ ଗୁଡିକୁ ଅତିଥିବୃନ୍ଦ ସ୍କୁଲ ଗୁଡିକୁ ପ୍ରଦାନ କରିଥିଲେ। ବାଳିକା ବର୍ଗରେ ଉଦ୍‌ଘାଟନୀ ମ୍ୟାଚ୍ ବୀରମହାରାଜପୁର ଓ ସୋନପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ଦଳ ୨-୦ ଗୋଲରେ ସୋନପୁରକୁ ପରାସ୍ତ କରିଥିଲା। ସେହିପରି ବାଳକ ବର୍ଗରେ ଉଲୁଣ୍ଡା ବ୍ଲକ ଟାଇବ୍ରେକରରେ ୪-୨ ଗୋଲରେ ବୀରମହାରୋଜପୁରକୁ ପରାସ୍ତ କରିଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡା ଶିକ୍ଷକ ରଘୁନାଥ ଥନାପତି, କଲିମ ମହମ୍ମଦ, ସଞ୍ଜୟ ସାହୁ ଓ ଶ୍ୟାମସୁନ୍ଦର ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।